ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୮/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, November 8/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 343 | ମୂଲ୍ୟ ₹୭/-

DSPL-354

ଓଡ଼ିଶା ସରକାର




**ସୁନ୍ଦରଗଡ଼ ଜିଲ୍ଲା**

୧୩୯ କୋଟି
୫୦ ଲକ୍ଷ ଟଙ୍କା ବ୍ୟୟରେ
୩ ହଜାର ୧୬ଟି
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

**ଢେଙ୍କାନାଳ ଜିଲ୍ଲା**

୧୦୬ କୋଟି ଟଙ୍କା
ବ୍ୟୟରେ
୩ ହଜାର ୫୩ଟି
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

**ବୌଦ୍ଧ ଜିଲ୍ଲା**

୩୪ କୋଟି
୫୦ ଲକ୍ଷ ଟଙ୍କା ବ୍ୟୟରେ
୧ ହଜାର ୧୫୯ଟି
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା
**ଶୁଭାରମ୍ଭ**

୮ ନଭେମ୍ବର ୨୦୨୩

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

OIPR-19001/13/0063/2324

**ପିଜି ତୃତୀୟ ପର୍ଯ୍ୟାୟ ନାମଲେଖା ଆବେଦନ ଆରମ୍ଭ**

ଭୁବନେଶ୍ୱର, ୭।୧୧(ଅସମାପିକା ସାହୁ)- ରାଜ୍ୟରେ ବିଶ୍ୱବିଦ୍ୟାଳୟ ଏବଂ କଲେଜ (ପିଜି ପାଠ୍ୟକ୍ରମ ଉପଲବ୍ଧ)ରେ ପିଜି ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ମଙ୍ଗଳବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ୧୨ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଚାଲିବ। ୧୭ ତାରିଖ ଅପରାହ୍ନ ୪ଟାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ୨୦ ତାରିଖ ସକାଳ ୧୦ଟାରୁ ୨୧ତାରିଖ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ନାମ ଲେଖାଇପାରିବେ। ୨୮ତାରିଖ ଅପରାହ୍ନ ୨ଟାରେ ୱେଟିଂ ଲିଷ୍ଟରୁ ମେଧା ତାଲିକା ପ୍ରକାଶ ପାଇବ। ଏହି ଛାତ୍ରୀଛାତ୍ରମାନେ ୨୯ତାରିଖ ସନ୍ଧ୍ୟା ୫ଟା ଭିତରେ ନାମ ଲେଖାଇବେ।

## ଥାନା ସୀମା ଚିହ୍ନଟ ନେଇ ବିଳମ୍ବ | ୩୬ ଘଣ୍ଟା ପଡ଼ିରହିଲା ମୃତଦେହ

**ଛେଣ୍ଡିପଦା,୭।୧୧(ଅଜିତ ଧଳ)**

ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ହେଲେ ଦୁର୍ଘଟଣାସ୍ଥଳ କେଉଁ ଥାନା ଅଧୀନରେ ଆସୁଛି ତାହା ପୋଲିସ ଜାଣି ନ ପାରିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇ ନ ପାରି ୩୬ ଘଣ୍ଟା କାଳ ପଡ଼ିରହିଥିଲା। ଶେଷରେ ରାଜସ୍ୱ ନିରୀକ୍ଷକଙ୍କ ସହାୟତାରେ ଦୁର୍ଘଟଣାସ୍ଥଳ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଧୀନରେ ଆସୁଥିବା ଜଣାପଡ଼ିବା ପରେ ଛେଣ୍ଡିପଦା ପୋଲିସ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ପ୍ରକାଶ ଯେ, ଅନୁଗୋଳ ଜିଲାର କୋଶଳା-ଗୋପାଳପ୍ରସାଦ ପୂର୍ତ୍ତ ବିଭାଗ ରାସ୍ତାରେ ରବିବାର ବିଳମ୍ବିତ ରାତିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଛେଣ୍ଡିପଦା ଥାନା କୁକୁରପେଟା ଗ୍ରାମର ପ୍ରଭାକର ମାଝି ଓ ଅଚ୍ୟୁତ ବେହେରା ତାଳଚେରରୁ କାମ ସାରି ଗାଁକୁ ଫେରୁଥିବା ବେଳେ ପଥରନାଳର ମଧ୍ୟସ୍ଥଳରେ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ଉଭୟଙ୍କୁ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରଭାକରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଅନୁଗୋଳ ଟାଉନ ଥାନାକୁ ଅବଗତ କରାଯାଇଥିଲା। ଟାଉନ ଥାନା ପୋଲିସ ଦୁର୍ଘଟଣାସ୍ଥଳ ଛେଣ୍ଡିପଦା ଥାନା ଅଞ୍ଚଳରେ ହୋଇଥିବା କହି ଛେଣ୍ଡିପଦା ପୋଲିସକୁ ମୃତଦେହ ବ୍ୟବଚ୍ଛେଦ ବ୍ୟବସ୍ଥା ପାଇଁ ଜଣାଇଥିଲେ। ହେଲେ ଦୁର୍ଘଟଣା ସ୍ଥାନ ଛେଣ୍ଡିପଦା ଥାନା ଅଧୀନରେ ଆସୁ ନ ଥିବା କହି ଛେଣ୍ଡିପଦା ପୋଲିସ ବ୍ୟବଚ୍ଛେଦ କରାଇବା ପାଇଁ ଯାଇ ନ ଥିଲେ। ମୃତଦେହ ବ୍ୟବଚ୍ଛେଦ ହୋଇପାରୁ ନ ଥିବାରୁ ପରିବାର ଲୋକେ ଚିନ୍ତିତ ହୋଇ ଜିଲା ପୋଲିସ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ପରେ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଦୁର୍ଘଟଣାସ୍ଥଳ ଛେଣ୍ଡିପଦା ଥାନା ଅଞ୍ଚଳରେ ହୋଇଥିବା ଚିହ୍ନଟ କରାଯାଇଥିଲା। ଏହାପରେ ଛେଣ୍ଡିପଦା ପୋଲିସ ଦୀର୍ଘ ୩୬ ଘଣ୍ଟା ପରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିଲା। ଏ ନେଇ ଛେଣ୍ଡିପଦା ଥାନାରେ ନଂ. ୪୭୭/୨୩ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଛେଣ୍ଡିପଦା ଥାନା ଆଇଆଇସି ବିଭୁଦତ୍ତ ରାଉତରାୟ କହିଛନ୍ତି, ଦୁର୍ଘଟଣାସ୍ଥଳ ଛେଣ୍ଡିପଦା, ଗୋପାଳପ୍ରସାଦ ଓ କଣିହାଁ ଥାନା ସୀମାନ୍ତବର୍ତ୍ତୀ ଏକ ଜଙ୍ଗଲିଆ ଅଞ୍ଚଳ। ତେଣୁ ଥାନା ସୀମା ଚିହ୍ନଟ ସହ ଘଟଣାର ତଦନ୍ତ ପାଇଁ ଦୀର୍ଘ ସମୟ ଲାଗିଯାଇଥିଲା।

## ‘ପ୍ରଳୟ’ର ବ୍ୟବହାରିକ ପରୀକ୍ଷଣ

**ବାଲେଶ୍ୱର,୭।୧୧ (ମାନସ ବିଶ୍ୱାଳ)**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥାନ (ଡିଆରଡିଓ) ଅଧୀନ ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ମଙ୍ଗଳବାର ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର ‘ପ୍ରଳୟ’ର ବ୍ୟବହାରିକ ପରୀକ୍ଷଣ ହୋଇଛି। ପୂର୍ବାହ୍ନ ୯ଟା ୫୦ମିନିଟ୍‌ରେ ଏହାର ଉତ୍‌କ୍ଷେପଣ କରାଯାଇଥିଲା।



ଅବଦୁଲ କଲାମ ଦ୍ୱୀପରୁ ଉତ୍‌କ୍ଷେପଣ ହେଉଥିବା ସ୍ୱଳ୍ପ କ୍ଷେପଣାସ୍ତ୍ର ‘ପ୍ରଳୟ’।

ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଉଥିବା ସ୍ୱଦେଶୀ ମିଶାଇଲ ‘ପ୍ରଳୟ’ର ଫ୍ଲାଇଟ ଟେଷ୍ଟ ହୋଇଛି। ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ରର ଓଜନ ୮ ଟନ୍। ଏଥିସହ ୧୫୦ରୁ ୫୦୦ କି.ମି. ମଧ୍ୟରେ ଲକ୍ଷ୍ୟଭେଦ କରିପାରିବାର କ୍ଷମତା ରହିଛି। ଜରୁରୀ ସ୍ଥିତିରେ ଏହି କ୍ଷେପଣାସ୍ତ୍ରକୁ ମୋବାଇଲ ଲଞ୍ଚରରୁ ମଧ୍ୟ ଉତ୍‌କ୍ଷେପଣ କରାଯାଇପାରିବ। ଏହାର ୩୫୦ରୁ ୭୦୦ କି.ଗ୍ରା. ଓଜନ ବିସ୍ଫୋରକ ବହନ କରିପାରିବାର କ୍ଷମତା ରହିଛି। ଏହି କ୍ଷେପଣାସ୍ତ୍ରରେ ନାଭିଗେସନ ସିଷ୍ଟମ ଓ ମିଶାଇଲ ଗାଇଡେଡ୍ ସିଷ୍ଟମକୁ ମଧ୍ୟ ବିକଶିତ କରାଯାଇଛି। ଗତବର୍ଷ ଡିସେମ୍ବର ୨୨ରେ ଏହାର ବ୍ୟବହାରିକ ପରୀକ୍ଷଣ ସଫଳ ହୋଇଥିଲା। ୨୦୧୫ରେ ପ୍ରଥମ ସିଡିଏସ ବିପିନ ରାୱତଙ୍କ ତତ୍ତ୍ୱାବଧାନରେ ‘ପ୍ରଳୟ’ର ନିର୍ମାଣ ଆରମ୍ଭ ହୋଇଥିଲା।

**WANTED**
ଭୁବନେଶ୍ୱର ଏକ କଲ୍ୟାଣ ମଣ୍ଡପ ପାଇଁ ବଗିଚା କାମ / କେୟାର ଟେକର୍ ଆବଶ୍ୟକ। ଦରମା- 9000/- + (Extra TIPS)। ସ୍ୱାମୀ/ସ୍ତ୍ରୀ ରହିବା ପାଇଁ ଘର ଦିଆଯିବ।
ଯୋଗାଯୋଗ: 9348369473 7504690838

## ନାବାଳିକାଙ୍କୁ ଅପହରଣ, ବଳାତ୍କାର: ଅଭିଯୁକ୍ତ ଗିରଫ

**ରେଢ଼ାଖୋଲ,୭।୧୧ (ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିବା ଅଭିଯୋଗରେ ପୋଲିସ ସମ୍ପୃକ୍ତ ନାବାଳକ (ଏବେ ସାବାଳକ)ଙ୍କୁ ମଙ୍ଗଳବାର ଗିରଫକରି ସମ୍ବଲପୁର ଜୁଭେନାଇଲ କୋର୍ଟ ଚାଲାଣ କରିଛି। ସୂଚନାମତେ ପ୍ରାୟ ୬ମାସ ପୂର୍ବେ ଅଭିଯୁକ୍ତଙ୍କ ସହ ନାବାଳିକାଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ନାବାଳିକାଙ୍କ ପରିବାର ଲୋକେ ଏହା ଜାଣିବା ପରେ ବିରୋଧ କରିବାରୁ ଉଭୟେ ଘରୁ ଫେରାର ହୋଇଯାଇଥିଲେ। କିଛିଦିନ ପରେ ନାବାଳିକା ଘରକୁ ଫେରିବା ପରେ ତାଙ୍କ ମା’ ରେଢ଼ାଖୋଲ ଥାନାରେ ଗତ ମେ’ ୧୧ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ନାବାଳିକା ଝିଅକୁ ଅଭିଯୁକ୍ତ ଅପହରଣ କରି ବଳାତ୍କାର କରିବା ସହ ପ୍ରତାରଣା କରିଥିବା ନେଇ ସେ ଅଭିଯୋଗରେ ଦର୍ଶାଇଥିଲେ। ଏହି ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୨୨/୨୩) ରୁଜୁକରି ତଦନ୍ତ ଚଳାଇଥିଲା। ତେବେ ସେହିଦିନଠାରୁ ଅଭିଯୁକ୍ତ ନାବାଳକ ଫେରାର ଥିଲେ। ଘଟଣା ସମୟରେ ନାବାଳକଙ୍କ ବୟସ ୧୭ବର୍ଷ ୧୦ ମାସ ୨୬ ଦିନ ହୋଇଥିବା ବେଳେ ଏବେ ୧୮ ବର୍ଷରୁ ଊର୍ଦ୍ଧ୍ୱ ହେବ। ହେଲେ ତାଙ୍କୁ ଜୁଭେନାଇଲ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସବିତାବାଳା ସେଠୀ କହିଛନ୍ତି।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ୩ ବର୍ଷୀୟା ଆର୍ଯ୍ୟାଜିତା




ମେଡାଲ ଓ ପ୍ରମାଣପତ୍ର ସହ ଆର୍ଯ୍ୟାଜିତା।

**ନୂଆପଡ଼ା/ସିନାପାଲି /ଉମରକୋଟ, ୭।୧୧(ମକାରୁ ବେମାଲ/ମନଫୁଲ ମେହେର/ସନ୍ତୋଷ ଶତପଥୀ)**

ବୟସ ୨ ବର୍ଷ ୧୧ ମାସ। ଏହି ବୟସରେ ସାଧାରଣତଃ ଛୁଆମାନେ ଠିକ୍ ସେ କଥା ମଧ୍ୟ କହିପାରନ୍ତି ନାହିଁ। କିନ୍ତୁ ଝରିଗାଁ ମେଡିକାଲରେ ଆୟୁଷ ଡାକ୍ତରଭାବେ କାର୍ଯ୍ୟରତ ଡାକ୍ତର ଦମ୍ପତି ଜିତେନ୍ଦ୍ର ନାୟକ ଓ ଆରୁଣା ଗାଇନଙ୍କ ଝିଅ ଆର୍ଯ୍ୟାଜିତା ନାୟକ ନିଜ ଅସାଧାରଣ ପ୍ରତିଭା ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଏହାପରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ଡାକ୍ତର ଦମ୍ପତିଙ୍କ ଘର ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ସିଙ୍ଗଝର ଗାଁରେ। ଆର୍ଯ୍ୟାଜିତା ଉମରକୋଟ ସନ୍‌ରାଇଜ କିଡ୍‌ସ ସ୍କୁଲରେ ପ୍ରି ନର୍ସରିରେ ପଢ଼ନ୍ତି। ସେ ୧୦ ବିପରୀତ ଶବ୍ଦ, ୧୧ ଜାତୀୟ ଚିହ୍ନ, ୧୪ ରଙ୍ଗ, ୧୪ ଆକାର, ୩୨ ଫଳର ନାମ,୨୮ ପନିପରିବା, ୨୭ ପକ୍ଷୀ, ୭୫ ପଶୁ, ୯ଟି ପଶୁ ଛୁଆର ନାମ, ୨୦ଟି ଶରୀର ଅଙ୍ଗ, ୧ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟା, ସପ୍ତାହର ୭ଦିନ, ୧୨ ମାସ, ୮ ଗ୍ରହ, ୯ ସଂସ୍କୃତ ଶ୍ଳୋକ ଆଦି ସବୁ କହି ଓ ଲେଖି ମଧ୍ୟ ପାରନ୍ତି। ଏଥିସହ ଇଂରାଜୀ, ହିନ୍ଦୀ ଓ ଓଡ଼ିଆ ଅତି ସୁନ୍ଦର ଓ ସ୍ପଷ୍ଟ ଭାବେ କହିପାରନ୍ତି। ଗତ ସେପ୍ଟେମ୍ବରରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ୱେବ୍‌ସାଇଟ୍‌ରେ ଆର୍ଯ୍ୟାଜିତାଙ୍କ ଅଡିଓ ଏବଂ ଭିଡିଓ ରେକର୍ଡ କରି ଜିତେନ୍ଦ୍ର ନାୟକ ଅପ୍‌ଲୋଡ୍ କରିବା ପରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ଅଧିକାରୀମାନେ ଏହାକୁ ଯାଞ୍ଚ କରିଥିଲେ। ଏହାପରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ଦେବା ସହ ମେଡାଲ, ପ୍ରମାଣପତ୍ର ଡାକ ଯୋଗେ ଆର୍ଯ୍ୟାଜିତାଙ୍କ ନିକଟକୁ ପଠାଯାଇଛି।






# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୮/୨୦୨୩ | Bhubaneswar, Wednesday, November 8/2023 | ପୃଷ୍ଠା-୧




**୨ ସପ୍ତାହରେ ଚର୍ବି କମାଇଥିଲେ ସାରା**

ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲି ଖାନ୍ ୨ ସପ୍ତାହରେ ତାଙ୍କ ପେଟର ଚର୍ବି କମାଇଥିବା ନେଇ ଏକ ପୋଷ୍ଟ ଶେୟାର କରିଛନ୍ତି।

୧୨

୧୩

**ବାଦ୍ ପଡ଼ିଲେ ଶାକିବ**

ଆଙ୍ଗୁଠି ଭାଙ୍ଗିବା କାରଣରୁ ବିଶ୍ୱକପ୍‌ରୁ ବାଦ ପଡ଼ିଛନ୍ତି ବାଂଲାଦେଶ ଅଧିନାୟକ ଶାକିବ୍ ଅଲ ହସନ।



## ମ୍ୟାକ୍ସୱେଲ୍ @ ୨୦୧*




ଦିନିକିଆ କ୍ରିକେଟ ବିଶ୍ୱକପରେ ମଙ୍ଗଳବାର ଆଫଗାନିସ୍ତାନ ବିପକ୍ଷରେ ଅଷ୍ଟ୍ରେଲିଆକୁ ଏକ ଚମକପ୍ରଦ ବିଜୟ ଦେଇଛନ୍ତି ଗ୍ଲେନ୍ ମ୍ୟାକ୍ସୱେଲ। ୨୯୨ ରନ୍‌ଲକ୍ଷ୍ୟର ପିଛା କରୁଥିବା ବେଳେ ଅଷ୍ଟ୍ରେଲିଆ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୯୧ ରନ୍‌ରେ ୭ ଉଇକେଟ ହରାଇଥିଲା। ତେବେ ଆଘାତରେ ଯନ୍ତ୍ରଣା ସତ୍ତ୍ୱେ ସେଥିରେ ସେ ଖେଳିଥିଲେ ଅପରାଜିତ ୨୦୧ ରନ୍‌ର ଇନିଂସ। ୧୨୮ ବଲ୍ ଖେଳି ୨୧ ଚୌକା ଓ ୧୦ ଛକା ମାରି ସେ ଦଳକୁ ଫିନିଶ ଲାଇନ୍ ପାର କରାଇଥିଲେ। **(ଅଧିକ ରିପୋର୍ଟ: ଖେଳ ପୃଷ୍ଠା)**

# ରାସାୟନିକ ବାଣ ମନା

## ୨୦୧୮ର ନିଷେଧାଦେଶ ସାରା ଦେଶ ପାଇଁ ପ୍ରଯୁଜ୍ୟ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୭।୧୧**

ଜାତୀୟ ରାଜଧାନୀ ଦିଲ୍ଲୀ ଓ ଆର୍ଥିକ ରାଜଧାନୀ ମୁମ୍ବାଇ ସମେତ ଭାରତର ବିଭିନ୍ନ ଭାଗରେ ପ୍ରଦୂଷଣ ବଢ଼ିବାରେ ଲାଗିଥିବାରୁ ଦେଶରେ ରାସାୟନିକ ବାଣ ଫୁଟାଇବା ଉପରେ ମଙ୍ଗଳବାର ସୁପ୍ରିମକୋର୍ଟ କଟକଣା ଜାରି କରିଛନ୍ତି। ବେରିୟମ୍ (ଧଳା ଧାତବ ରାସାୟନିକ ଉପାଦାନ)ଯୁକ୍ତ ଏବଂ ନିଷିଦ୍ଧ ଘୋଷିତ ସାରାୟନିକ ସାମଗ୍ରୀ ବ୍ୟବହୃତ ବାଣ ନ ଫୁଟାଇବାକୁ ସର୍ବୋଚ୍ଚ ଅଦାଲତଙ୍କ ରାୟ କେବଳ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ପାଇଁ ନୁହେଁ, ବରଂ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ପ୍ରଯୁଜ୍ୟ ବୋଲି ଦୁଇଜଣିଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଖଣ୍ଡପୀଠ ଏଥିସହ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)କୁ ନଡ଼ାପୋଡ଼ି ସମ୍ପର୍କିତ ତଥ୍ୟ ମାଗିଛନ୍ତି। ଦୀପାବଳି ସମୟରେ ବାଣ ଫୁଟାଇବା ସମ୍ପର୍କିତ ପୂର୍ବ ରାୟର ଅନୁପାଳନ କରିବାକୁ ମଧ୍ୟ ରାଜସ୍ଥାନ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଦୂଷଣ ରୋକିବା ପାଇଁ ବାଣ ଫୁଟା ଉପରେ ଅଙ୍କୁଶ ଲଗାଇବା ସକାଶେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଥିଲା। ଆବେଦନକାରୀ ଦୀପାବଳି ଓ ବିବାହ ସମୟରେ ଉଦୟପୁରରେ ବାଣ ଫୁଟାକୁ ନିଷିଦ୍ଧ କରିବା ନିମନ୍ତେ ରାଜସ୍ଥାନ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ନିବେଦନ କରିଥିଲେ। ଉକ୍ତ ବିଚାରାଧୀନ ଆବେଦନର ଶୁଣାଣି କରି ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ଏମ୍.ଏମ୍. ସୁନ୍ଦରେଶଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ବାୟୁ ଓ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ୨୦୧୮ରେ ବାଣ ଫୁଟାଇବା ଉପରେ ଦିଆଯାଇଥିବା ନିଷେଧାଦେଶ ରାୟ ସାରା ଦେଶରେ ଲାଗୁହେବ। ବାଣ ଫୁଟାଇବାର ହାନିକାରକ ପ୍ରଭାବ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଦୁଃଖର କଥା ଆଜିକାଲି ଛୋଟପିଲାଙ୍କ ପରିବର୍ତ୍ତେ ବଡ଼ମାନେ ଅଧିକ ବାଣ ଫୁଟାଉଛନ୍ତି। ପ୍ରଦୂଷଣ କଥା ଉଠିଲେ ପରିବେଶ ସୁରକ୍ଷା କୋର୍ଟଙ୍କ ଦାୟିତ୍ୱ ବୋଲି ରହିଆସିଥିବା ଧାରଣା ଭୁଲ୍। ଲୋକଙ୍କୁ ଆଗେଇ ଆସିବାକୁ ପଡ଼ିବ। ବାୟୁ ଓ ଶବ୍ଦ ପ୍ରଦୂଷଣ ରୋକିବା ସମସ୍ତଙ୍କ କର୍ତ୍ତବ୍ୟ। ଆଲୋଚ୍ୟ ପିଟିଶନ ଉପରେ କୌଣସି ନିର୍ଦ୍ଦିଷ୍ଟ ରାୟ ଦେବା ଅନାବଶ୍ୟକ। କାରଣ ଏହା ପୂର୍ବରୁ କୋର୍ଟ ବାୟୁ ଓ ଶବ୍ଦ ପ୍ରଦୂଷଣ ରୋକିବା ଲାଗି ଅନେକ ରାୟ ଦେଇସାରିଛନ୍ତି। ସେହି ରାୟଗୁଡ଼ିକ ରାଜସ୍ଥାନ ସମେତ ସମସ୍ତ ରାଜ୍ୟ ପାଇଁ ଲାଗୁ ହେବ। ରାଜ୍ୟ ସରକାରମାନେ ମନେରଖିବା ଉଚିତ ଯେ, ଏହା କେବଳ ପାର୍ବଣ ପାଇଁ ନୁହେଁ, ବରଂ ଫେଷ୍ଟିଭ୍ ସିଜନ୍ ପରେ ମଧ୍ୟ କାର୍ଯ୍ୟକାରୀ ହେବ।

ରାଜସ୍ଥାନ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ମନୀଷ ସିଂଘଭି ଶୁଣାଣିବେଳେ କହିଥିଲେ, ଦୀପାବଳି ସମୟରେ ରାଜ୍ୟରେ ଶବ୍ଦ ଓ ବାୟୁ ପ୍ରଦୂଷଣ ସାମାନ୍ୟ ବୃଦ୍ଧି ପାଇଥାଏ। ତେଣୁ କୋର୍ଟଙ୍କ ରାୟଗୁଡ଼ିକୁ ରାଜ୍ୟ ସରକାର ମାନିବେ। ତେବେ ଏଥିପାଇଁ ସମାଜର ସାମୂହିକ ଉଦ୍ୟମ ଲୋଡ଼ା। ଦୀପାବଳି ଓ ଅନ୍ୟ ପର୍ବପର୍ବାଣି ବେଳେ ରାଜସ୍ଥାନରେ ରାତି ୮ରୁ ୧୦ ପରିବର୍ତ୍ତେ ୧୧ଟା ପର୍ଯ୍ୟନ୍ତ ୩ ଘଣ୍ଟା ପାଇଁ ବାଣ ଫୁଟାଇବାକୁ ଅନୁମତି ଦିଆଯାଉ ବୋଲି ମନୀଷ ଅନୁରୋଧ କରିଥିଲେ। ମୁଖ୍ୟ ଆବେଦନକାରୀ ଅର୍ଜୁନ ଗୋପାଳଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ କହିଥିଲେ, ଯଦି ଗୋଟିଏ ରାଜ୍ୟ ପାଇଁ ନିୟମ କୋହଳ କରାଯାଏ ତେବେ ଅନ୍ୟ ରାଜ୍ୟଗୁଡ଼ିକରୁ କୋର୍ଟଙ୍କ ନିକଟକୁ ଏପରି ଆବେଦନଗୁଡ଼ିକର ସୁଅ ଛୁଟିବ। ଶଙ୍କରନାରାୟଣନ୍‌ଙ୍କ ଯୁକ୍ତି ସହ ଜଷ୍ଟିସ୍ ବୋପାନ୍ନା ସହମତି ପ୍ରକାଶ କରି କହିଥିଲେ, ଡେଡ୍‌ଲାଇନ୍‌କୁ ଘଣ୍ଟାଏ ବଢ଼ାଇଦେଲେ କି କମାଇଦେଲେ ପ୍ରଦୂଷଣ ହ୍ରାସ ପାଇବ ନାହିଁ। ଲୋକେ ଯେତିକି ବାଣ କିଣିଆଣିଥିବେ ତାକୁ ଫୁଟାଇବେ। ସିଂଘଭିଙ୍କୁ ଜଷ୍ଟିସ୍ ସୁନ୍ଦରେଶ କହିଥିଲେ, ନିଜ ପାଖରେ ଥିବା ସାମଗ୍ରୀ ଅନ୍ୟମାନଙ୍କ ଶେୟାର କରି ପ୍ରକୃତ ଉତ୍ସବ ମନାଯାଇପାରିବ। କିନ୍ତୁ ପରିବେଶକୁ ପ୍ରଦୂଷିତ କରିବା ସ୍ୱାର୍ଥପରତା। ପ୍ରଦୂଷଣକାରୀଙ୍କ ଉତ୍ତରଦାୟିତ୍ୱ ସ୍ଥିର କରାଯିବା ଆବଶ୍ୟକ। ପ୍ରକାଶ ଯେ, ଗତ ସେପ୍ଟେମ୍ବର ୨୨ରେ ବେରିୟମ୍‌ଯୁକ୍ତ ବାଣ ପ୍ରସ୍ତୁତି ଓ ବିକ୍ରି ନିମନ୍ତେ ଅନୁମତି ପ୍ରଦାନ ସକାଶେ ନିର୍ମାତାମାନେ ଦାଖଲ କରିଥିବା ଆବେଦନଗୁଡ଼ିକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ।

## ୨୦୨୪: ୩୦ ସରକାରୀ ଛୁଟି, ୬ ଇଚ୍ଛାଧୀନ

### ଶନିବାର, ରବିବାର ପଡ଼ୁଛି ୮ ଛୁଟି

**ଭୁବନେଶ୍ୱର,୭।୧୧(ଅନିଲ ଦାସ)**

୨୦୨୪ କ୍ୟାଲେଣ୍ଡର ବର୍ଷ ପାଇଁ ରାଜ୍ୟ ସରକାର ସରକାରୀ ଛୁଟି ତାଲିକା ଜାରି କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ପକ୍ଷରୁ ମଙ୍ଗଳବାର ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ବର୍ଷରେ ୩୦ଟି ସରକାରୀ ଛୁଟି ଦିବସ ରହିଛି। ଚଳିତ ୨୦୨୩ କ୍ୟାଲେଣ୍ଡର ବର୍ଷରେ ୨୭ଟି ସରକାରୀ ଛୁଟିଦିବସ ରହିଛି। ଦ୍ୱିତୀୟ ଶନିବାର ଓ ରବିବାରରେ ୫ଟି ଛୁଟିଦିନ ପଡ଼ିଥିବାବେଳେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

### ବାଡ଼ି ଆଡ଼କୁ ଦେଖ






## ତଣ୍ଟିରେ ଗୁଲୁଗୁଲା ଲାଗି ଯୁବକଙ୍କ ଜୀବନ ଗଲା

### ସାଙ୍ଗସାଥୀଙ୍କ ସହ ବାଜି ଲଗାଇବା କାଳ ହେଲା

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ମୋରଡ଼ା(ସ୍ମାରକ ମାଜୀ),୭।୧୧**

ସାଙ୍ଗସାଥୀଙ୍କ ବାଜି ଲଗାଇ ଗୁଲୁଗୁଲା ଖାଇ ଜଣେ ଯୁବକ ପ୍ରାଣ ହରାଇଛନ୍ତି। ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ହାଟରେ ମଙ୍ଗଳବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ସେହି ଗ୍ରାମର ଶିରୀଶ ଚନ୍ଦ୍ର ମହାନାୟକ। ଏ ସଂକ୍ରାନ୍ତରେ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ବଡ଼ଜାମବଣି ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା (ନଂ.୫୯/୨୩) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ସାପ୍ତାହିକ ହାଟକୁ ଶିରିଶ ଯାଇ ଏକ ଜଳଖିଆ ଦୋକାନରେ ବସିଥିଲେ। ସେଠାରେ ଉପସ୍ଥିତ ସାଙ୍ଗସାଥୀଙ୍କ ସହ ବାଜି ଲଗାଇ ଏକା ଥରକେ ୪ଟି ଗୁଲଗୁଲା ଓ ଗୋଟିଏ ମାଲପୁଆ ପାଟିରେ ପୁରାଇ ଖାଇବାକୁ ଚେଷ୍ଟା କରିଥିଲେ। ତେବେ ଖାଇବା ସମୟରେ ଗୁଲୁଗୁଲା ତଣ୍ଟିରେ ଲାଗିଯିବାରୁ ସେ ଅଣନିଃଶ୍ୱାସୀ ହୋଇ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ମହେଶ୍ୱର ମହାନ୍ତିଙ୍କ ପରଲୋକ

**ଭୁବନେଶ୍ୱର,୭।୧୧(ଅନିଲ ଦାସ)**

- ମୁଖ୍ୟମନ୍ତ୍ରୀଙ୍କ ଶୋକ
- ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ



ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ମଙ୍ଗଳବାର ଭୋର ୩ଟା ୨୫ ମିନିଟରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୬୭ ବର୍ଷ ହୋଇଥିଲା। ଗତ ୩୧ ତାରିଖରୁ ସେ ଚିକିତ୍ସାଧୀନ ଥିଲେ। ହସ୍ପିଟାଲରୁ ମହେଶ୍ୱରଙ୍କ ମରଶରୀରକୁ ବିଜେଡି କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମହେଶ୍ୱରଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ଶୋକପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ନିଜର ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେଡିର ବହୁ ନେତା ଓ କର୍ମୀ ଶଙ୍ଖଭବନରେ ଶେଷଦର୍ଶନ କରି ମହେଶ୍ୱରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ତାଙ୍କ ମୃତଦେହକୁ ବିଧାନସଭା ପରିସରକୁ ନିଆଯାଇଥିଲା। ସେଠାରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ବହୁ ମନ୍ତ୍ରୀ, ☞ପୃଷ୍ଠା-୨

## ନ୍ୟାୟାଳୟ ଏକମାତ୍ର ଭରସା

### ପୋସ୍କୋ ଗଲା, ଏବେ ଜେଏସ୍‌ଡବ୍ଲ୍ୟୁ

**ପାରାଦୀପ, ୭।୧୧ (ଶରତ ରାଉତ)**

ଜଗତ୍‌ସିଂହପୁର ଜିଲା ପାରାଦୀପ ଉପକଣ୍ଠ ଢିଙ୍କିଆ ଗ୍ରାମ ଅଞ୍ଚଳରେ ଏବେ ଭୟର ପରିବେଶ ରହିଛି। ଏଭଳି ସ୍ଥିତି ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପାଇଁ ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବାନୁଯାୟୀ, ଜମି ଅଧିଗ୍ରହଣଠାରୁ ଆରମ୍ଭ କରି ପାନବରଜ ଉଚ୍ଛେଦ ପର୍ଯ୍ୟନ୍ତ ପ୍ରତ୍ୟେକ ଘଟଣାରେ ଲୋକମାନେ ଆକ୍ରମଣ, ଧମକର ଶିକାର ହେବା ସହ ମିଥ୍ୟା ମାମଲାରେ ଗିରଫ ହେଉଛନ୍ତି। ଏଥିଯୋଗୁ ଜେଏସ୍‌ଡବ୍ଲ୍ୟୁର ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳର ପ୍ରଭାବିତ ଲୋକମାନେ ଆଉ ଗଣତାନ୍ତ୍ରିକ ପଦ୍ଧତିରେ ବିରୋଧ କରିପାରୁନାହାନ୍ତି। ଅଧିକାଂଶ ଲୋକ ଏବେ ନ୍ୟାୟାଳୟ ଉପରେ ଭରସା କରି ରହିଛନ୍ତି। ପ୍ରଥମେ ପୋସ୍କୋ ଏବେ ଜେଏସ୍‌ଡବ୍ଲ୍ୟୁ ଯୋଗୁ ଢିଙ୍କିଆ, ଗୋବିନ୍ଦପୁର, ନୂଆଗାଁ, ପାଟଣା, ମାହାଳ, ଗଡ଼କୁଜଙ୍ଗ, ଭୂୟାଁପାଳ, ପୋଲାଙ୍ଗ, ନୋଳିଆସାହି ଗ୍ରାମର ଭାଇଚାରା ନଷ୍ଟ ହୋଇଛି ବୋଲି ସେହି ଅଞ୍ଚଳର ଜଣାଶୁଣା ସାମାଜିକ କର୍ମୀ ତଥା ପରିବେଶବିତ୍ ମାନସ କର କହିଛନ୍ତି।

ପରିବେଶବିତ୍ କରଙ୍କ ସୂଚନା ଅନୁସାରେ, ୨୦୦୫ରେ ସାଉଥ୍ କୋରିଆ କମ୍ପାନୀ ପୋସ୍କୋ ପ୍ରକଳ୍ପ କରିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିଲା। ଉପରୋକ୍ତ ଗ୍ରାମର ଲୋକମାନେ ସେତେବେଳେ ବିରୋଧ କରିଥିଲେ। ଏପରି ବିରୋଧକୁ ଦମନ କରିବା ପାଇଁ ସେତେବେଳେ ପ୍ରଶାସନ ଓ କମ୍ପାନୀ ସପକ୍ଷବାଦୀମାନେ ଅନେକଥର ଗୁଣ୍ଡାମି ଏବଂ ଅତ୍ୟାଚାର କରିଥିଲେ। ଏହାସବୁ କରାଯାଇଥିଲା ପୋଲିସର ସକ୍ରିୟ ସହାୟତାରେ। ପ୍ରାୟ ୩୫୦ ମାମଲା ସ୍ଥାନୀୟ ଲୋକଙ୍କ ନାମରେ ରୁଜୁ ହୋଇଥିଲା। ବିରୋଧ ଯୋଗୁ ୪ ଜଣଙ୍କ ଜୀବନ ମଧ୍ୟ ଯାଇଥିଲା। ୨୦୦୫ରୁ ୨୦୧୨ ପର୍ଯ୍ୟନ୍ତ ଏମିତି ଉତ୍ତେଜନାପୂର୍ଣ୍ଣ ସ୍ଥିତି ରହିଥିଲା। ଶେଷରେ ପୋସ୍କୋ ଉକ୍ତ ଅଞ୍ଚଳରୁ ଓହରି ଯିବାକୁ ବାଧ୍ୟ ହୋଇଥିଲା। ସେହି ଜମି ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯିବା ପରିବର୍ତ୍ତେ ଜେଏସ୍‌ଡବ୍ଲ୍ୟୁକୁ ଦିଆଯାଇଥିଲା। ସେହି ସ୍ଥାନରେ ଜେଏସ୍‌ଡବ୍ଲ୍ୟୁ ବାର୍ଷିକ ୧୩.୦୨ ମିଲିୟନ ମେଟ୍ରିକ ଟନ୍‌ର ଇସ୍ପାତ କାରଖାନା ଓ ନିଜସ୍ୱ ବନ୍ଦର କରିବ ବୋଲି ୨୦୧୮ରେ ରାଜ୍ୟ ସରକାରଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ପ୍ରକଳ୍ପ ପାଇଁ ୨୦୧୯ ଡିସେମ୍ବର ୨୦ରେ ପରିବେଶୀୟ ଜନଶୁଣାଣି ସରିଛି। ଉକ୍ତ ପ୍ରକଳ୍ପ ଲାଗି ସ୍ଥାନୀୟ ଅଞ୍ଚଳରେ ବିରୋଧ ମୁଣ୍ଡ ଟେକିବାରୁ ପ୍ରଶାସନିକ ଦମନଲୀଳା ଚାଲିଛି। ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଏବେସୁଦ୍ଧା ୧୦୦ରୁ ଅଧିକ ମାମଲା ଲୋକଙ୍କ ନାଁରେ ହେଲାଣି ବୋଲି କର କହିଛନ୍ତି।

ସେହିପରି ଢିଙ୍କିଆ ଗ୍ରାମର ମାନସ ବର୍ଦ୍ଧନ କୁହନ୍ତି, 'ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ଆମେ ବିରୋଧ କରୁଛୁ। କାରଣ ଉକ୍ତ କମ୍ପାନୀ ଯାହାସବୁ ପ୍ରତିଶ୍ରୁତି ଦେଇଥିଲା ସେସବୁ କିଛି ପାଳନ କରୁନାହିଁ। କେବଳ ଫମ୍ପା ସ୍ୱପ୍ନ ବାଣ୍ଟୁଛି। ମୁଁ ସ୍ଥାନୀୟ ଜମି, ଜଳ, ଜଙ୍ଗଲ ସୁରକ୍ଷା ପାଇଁ ପ୍ରକଳ୍ପକୁ ବିରୋଧ କରିଥିଲି। କିନ୍ତୁ ମୋ ନାଁରେ ଏପର୍ଯ୍ୟନ୍ତ ୨୨ଟି ମିଥ୍ୟା ମକଦ୍ଦମା ରୁଜୁ କରାଯାଇଛି। ମୋତେ ନିହୁକ ମାଡ଼ ମଧ୍ୟ ମରାଯାଇଛି। ଦୀର୍ଘଦିନ ଜେଲରେ ରହିବା ପରେ ମାସେ ହେଲା ଜାମିନ୍‌ରେ ଆସିଛି। କିନ୍ତୁ ପ୍ରତିଦିନ ପୋଲିସ ଆମ ଘର ଆଗରେ ପଇଁତରା ମାରୁଛି। ମୁଁ କୁଆଡ଼େ ଗଲି, କାହା ସହିତ କଥା ହେଉଛି ସବୁକିଛି ଯାଞ୍ଚ କରୁଛି ଏବଂ ଧମକାଉଛି ଯେ ଯଦି ଏଥର ପାଟି ଖୋଲିବୁ ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ରାଶନ ସମୟସୀମାକୁ ଆଉ ୫ ବର୍ଷ ବଢ଼ାଇ ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ କରିଛନ୍ତି।

– ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡାଆଣୀ ହୋଇ ଗୁଣିଆଁ ହେଲେ
ଗାରୁ ମନ୍ତର ଡାକେ;
ଚୋରଟା ଯେବେ ଛାଟିଆ ହେଲା,
ଡାକି ବୁଲେ ଗାଁ ଯାକେ।**

ଏ ପାଖରେ କ୍ଷତି କରି ସେ ପାଖରେ ସମବେଦନା ପ୍ରକାଶ କରିବା ବା ଏ ପାଖରେ ମନ୍ଦ କରି ସେ ପାଖରେ ଭଲେଇ ହେବା। ଏକା ଲୋକ ହୋଇ ଦୁଇ ପ୍ରକାର ଅଭିନୟ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡେଙ୍ଗା ମୁଣ୍ଡରେ ଠେଙ୍ଗା।**

ସାଧାରଣତଃ ପରିବାରର ବା କୌଣସି ଅନୁଷ୍ଠାନର ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କୁ ସବୁ ଦାୟିତ୍ୱ ସମ୍ଭାଳିବାକୁ ପଡ଼ିଥାଏ। ଏପରି ମୁରବି ଶ୍ରେଣୀର ବ୍ୟକ୍ତିଙ୍କୁ ଏଥିନିମନ୍ତେ ଉତ୍ତରଦାୟୀ ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଘାତକ ବାୟୁ ପ୍ରଦୂଷଣ କରୁଥିବା ବାଣ ଉପରେ କଟକଣା




# ଆଜି ଇସ୍ତଫା ଦେଇପାରନ୍ତି ଉପବାଚସ୍ପତି

ଭୁବନେଶ୍ୱର,୭।୧୧(ଅନିଲ ଦାସ)


ରଜନୀକାନ୍ତ ସିଂ

ବିଜେଡିର ବରିଷ୍ଠ ନେତା ରଜନୀକାନ୍ତ ସିଂ ଓଡ଼ିଶା ବିଧାନସଭାର ଉପବାଚସ୍ପତି ପଦରୁ ବୁଧବାର ଇସ୍ତଫା ଦେଇପାରନ୍ତି। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନିଜ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସେ ଇସ୍ତଫା ଦେଉଥିବା କୁହାଯାଉଛି। ଆଉ କିଛି ମାସ ପରେ ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲାରେ ବିଜେଡି ସଙ୍ଗଠନକୁ ସୁଦୃଢ଼ କରିବା ନିମନ୍ତେ ଦଳ ରଜନୀକାନ୍ତଙ୍କ ଉପରେ ଭରସା କରିଛି। ଆଭ୍ୟନ୍ତରୀଣ ସର୍ଭେ ରିପୋର୍ଟ ଆଧାରରେ ବିଜେଡି ତାଙ୍କୁ ଉପବାଚସ୍ପତି ପଦରୁ ପ୍ରତ୍ୟାହାର କରିନେବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ଏ ସମ୍ପର୍କରେ ରଜନୀକାନ୍ତ କହିଛନ୍ତି, ସେ ବୁଧବାର ଭୁବନେଶ୍ୱର ଯିବେ, ଯାହା କିଛି ସେଦିନ କହିବେ। ତେବେ ବିଧାନସଭା ସଚିବାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନ ୧୧ଟା ୩୦ ମିନିଟରେ ସେ ଭୁବନେଶ୍ୱରରେ ବାଚସ୍ପତିଙ୍କୁ ସାକ୍ଷାତ କରି ବିଧିବଦ୍ଧ ଭାବେ ତାଙ୍କର ଇସ୍ତଫାପତ୍ର ଦେବେ। ରଜନୀକାନ୍ତ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ଅନ୍ୟ କୌଣସି ନେତାଙ୍କୁ ଉପବାଚସ୍ପତି କରାଯିବ କି ନାହିଁ ତାହା ଅସ୍ପଷ୍ଟ ରହିଛି। ତେବେ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସାଧାରଣ ନିର୍ବାଚନକୁ ଆଉ ମାତ୍ର ୪ ମାସ ଥିବାରୁ ଉପବାଚସ୍ପତି ପଦବୀରେ ଅନ୍ୟ କୌଣସି ନେତାଙ୍କୁ ବସାଇବାକୁ ବିଜେଡି ଚାହୁଁ ନାହିଁ।

# ମଞ୍ଚରେ ହେଲା ସତସତିକା ବାହାଘର

## ମୟୂରଭଞ୍ଜ ମହୋତ୍ସବରେ ଆଦିବାସୀ ସଂସ୍କୃତିର ଝଲକ

ବାରିପଦା,୭।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ମହୋତ୍ସବ କମିଟି କର୍ମକର୍ତ୍ତା ଓ ବନ୍ଧୁବାନ୍ଧବଙ୍କ ସହ ମଞ୍ଚରେ ବସିଥିବା ବରକନ୍ୟା।

ଦର୍ଶକ ଭାବୁଥିଲେ ମୟୂରଭଞ୍ଜ ମହୋତ୍ସବ ମଞ୍ଚରେ ଚାଲିଛି ଅଭିନୟ, ହେଲେ ହୋଇଥିଲା ସତସତିକା ବାହାଘର। ଆଦିବାସୀମାନଙ୍କ ବିବାହ କିପରି ହୋଇଥାଏ ତାହାକୁ ଜଣାଇବା ପାଇଁ ମଞ୍ଚରେ ହଜାର ହଜାର ଦର୍ଶକଙ୍କୁ ସାକ୍ଷୀ ରଖି ସାତଜନ୍ମର ସାଥୀ ହୋଇଛନ୍ତି କୁଳିଅଣା ବ୍ଲକ ମୁଣ୍ଡାକଟା ଗାଁର ରାଜେନ ମୁର୍ମୁ ଓ ଶୁଳିଆପଦା ବ୍ଲକ ବାଘଡ଼ା ଗାଁର ଗୋଲାପୀ ମୁର୍ମୁ।

ଏହି ବାହାଘରର ଦୃଶ୍ୟ ଥିଲା ଅତି ମନୋରମ। ମଞ୍ଚ ସାଜିଥିଲା କନିଆ ଘର। ଯେଉଁଠି କନ୍ୟାପକ୍ଷ ବର ଓ ବରଯାତ୍ରୀଙ୍କୁ ଅପେକ୍ଷା କରି ରହିଥିଲେ। ପାରମ୍ପରିକ ନାଚଗୀତ ମଧ୍ୟରେ ଭାଇ କାନ୍ଧରେ ବସି ବର ମଞ୍ଚ ତଳେ ପହଞ୍ଚିଥିଲେ। ସେଠାରୁ କନ୍ୟାପକ୍ଷ ବରଯାତ୍ରୀଙ୍କୁ ବରଣ କରି ମଞ୍ଚ ଉପରକୁ ପାଛୋଟି ନେଇଥିଲେ। ଆଦିବାସୀ ପରମ୍ପରା ଅନୁଯାୟୀ କନ୍ୟାର ଭାଇମାନେ ଏକ ଝୁଡ଼ିରେ କନ୍ୟାଙ୍କୁ ବସାଇ ବର ପାଖକୁ ଆଣିବା ପରେ ଗୋଲାପୀଙ୍କ ମଥାରେ ସିନ୍ଦୂର ଦେଇଥିଲେ ରାଜେନ। ମଞ୍ଚରେ ଏଭଳି ଏକ ନିଆରା ବିବାହ ଦେଖିବାକୁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ତେବେ ଏହିଭଳି ଏକ ବାହାଘର ସ୍ମୃତିହୋଇ ରହିବ ବୋଲି ଉଭୟ ବରକନ୍ୟା କହିଛନ୍ତି।

# ୫-ଟି ଅଧ୍ୟକ୍ଷଙ୍କୁ ଭେଟିଲେ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା



ଭୁବନେଶ୍ୱର,୭।୧୧(ଅନିଲ ଦାସ)

ବିଭିନ୍ନ ସରକାରୀ ଓ ବେସରକାରୀ ସଂଘର କର୍ମକର୍ତ୍ତାମାନେ ମଙ୍ଗଳବାର ନବୀନ ନିବାସଠାରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଛନ୍ତି। ଲିଙ୍ଗିପୁର ସଣ୍ଟବିହାର ଉନ୍ନୟନ ସମିତିର କର୍ମକର୍ତ୍ତା,ଏସ୍‌ସି ଏସ୍‌ଟି ବିଭାଗ କର୍ମକର୍ତ୍ତାଙ୍କ ସମେତ ପ୍ରାୟ ୮ଟି ସଙ୍ଗଠନର କର୍ମକର୍ତ୍ତା ଭେଟି ଶୁଭେଚ୍ଛା ଜଣାଇଛନ୍ତି। ପାଣ୍ଡିଆନ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେବା ସହ ଓଡ଼ିଶାର ବିକାଶକୁ ଆହୁରି ଆଗକୁ ନେବା ଲାଗି ସହଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ସଙ୍ଗଠନର କର୍ମକର୍ତ୍ତାମାନେ ରାଜ୍ୟର ବିକାଶରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ପୁରସ୍କୃତ ହେଲେ ୩୪ ଛାତ୍ରୀଛାତ୍ର

## ରାଜ୍ୟସ୍ତରୀୟ ଶିଶୁ ଉତ୍ସବ 'ମହକ'

ଭୁବନେଶ୍ୱର, ୭।୧୧
(ଅସମାପିକା ସାହୁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଶିଶୁ ଉତ୍ସବ 'ମହକ'ର ମଙ୍ଗଳବାର ଦ୍ୱିତୀୟ ଦିନରେ ପୁରସ୍କାର ବିତରଣ କରାଯାଇଥିଲା। ରାଜ୍ୟର ୨୨୮ ଶିଶୁ ଯତ୍ନ ଅନୁଷ୍ଠାନରୁ ଆସିଥିବା ୫୧୧ ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୩୪ ଜିଲାସ୍ତରୀୟ ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ସଙ୍ଗୀତ, ଗ୍ରୁପ୍ ଡ୍ୟାନ୍ସ, ବିତର୍କ, ଚିତ୍ର ଓ କୁଇଜ ଆଦି ବିଭାଗରେ ଏହି ବିଜେତାଙ୍କ ମଧ୍ୟରୁ ୧୬ ସିନିୟର ଓ ୧୮ ଜୁନିୟର ବର୍ଗର। ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

# ୨୦ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୭।୧୧
(ଅସମାପିକା ସାହୁ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ। ଆସନ୍ତା ୨୦ ତାରିଖରେ ରାଷ୍ଟ୍ରପତି ଓଡ଼ିଶା ଆସୁଥିବା ନେଇ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ମନ୍ତବ୍ୟରୁ ସଙ୍କେତ ମିଳିଛି। କୋଳିଆପାଣିଠାରେ ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲକୁ ରାଷ୍ଟ୍ରପତି ୨୦ ତାରିଖରେ ଉଦ୍‌ଘାଟନ କରିବା ପାଇଁ କାର୍ଯ୍ୟକ୍ରମ ରହିଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି। ତେବେ ଏହି ଗସ୍ତ ନେଇ ରାଷ୍ଟ୍ରପତି ଭବନରୁ କୌଣସି ସୂଚନା ମିଳିନାହିଁ।

ସୂଚନାଯୋଗ୍ୟ, ଗତ ଜୁଲାଇ ୨୫ରେ ରାଷ୍ଟ୍ରପତି ମୁର୍ମୁ ୩ଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ସେ କଟକରେ ମା' କଟକଚଣ୍ଡୀଙ୍କୁ ଦର୍ଶନ କରିବା ସହ ଶୈଳବାଳା ମହାବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ବାସଭବନ ଓ ନେତାଜୀ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ସେହିପରି କଟକ ଇନ୍‌ଡୋର ଷ୍ଟାଡିୟମରେ ଓଡ଼ିଶା ହାଇକୋର୍ଟର ୭୫ ବର୍ଷପୂର୍ତ୍ତି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସେ ଯୋଗଦେଇଥିଲେ।

ପ୍ରଥମ ପୃଷ୍ଠାରୁ...

## ନ୍ୟାୟାଳୟ ଏକମାତ୍ର...

ବ୍ରାଉନସୁଗାର କେସ୍‌ରେ ଭିତରେ ପୂରେଇଦେବୁ। ଏହାସତ୍ତ୍ୱେ ମୁଁ ମୋର ସଂଗ୍ରାମ ଜାରି ରଖିଛି। ଯେପର୍ଯ୍ୟନ୍ତ କମ୍ପାନୀ ଏଠାରୁ ହଟିନାହିଁ ସେପର୍ଯ୍ୟନ୍ତ ବିବାହ କରିବି ନାହିଁ ବୋଲି ମାନସ କହିଛନ୍ତି।' ସେଠାରେ ମାନସଙ୍କ ସହିତ ଆଲୋଚନାବେଳେ ଜଣେ ବୃଦ୍ଧା ନିଜ ନାମ ଗୋପନ ରଖିବାକୁ କହି ତାଙ୍କର ପୁଞ୍ଜୀଭୂତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେ କହିଥିଲେ, ତୁମେ ଆମକୁ କିଛି ପଚାରନାହିଁ କି ଆମ ଫଟୋ ଉଠାଅ ନାହିଁ। ତୁମେ ଆସି ଆମ ସହିତ କଥା ହୋଇଯିବ, ପରେ ପୋଲିସ ଆସି ଆମକୁ ଧମକ ଦେବ ବୋଲି ସେ କହିଥିଲେ। ସେହିପରି ଢିଙ୍କିଆ ବାସିନ୍ଦା ଗଗନ ମଲ୍ଲିକ କହିଥିଲେ, ଆମ ଗ୍ରାମର ୯୦ ପ୍ରତିଶତ ଲୋକ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ବିରୋଧ କରୁଛନ୍ତି। କିନ୍ତୁ ପୋଲିସର ମିଥ୍ୟା ମାମଲା ଭୟରେ ଆଗକୁ ଆସୁନାହାନ୍ତି। ଯେକୌଣସି ସମୟରେ ପ୍ରଶାସନିକ ଅଧିକାରୀ ଆସି ଆମ ଗ୍ରାମର ଜଣ ଜଣ କରି ପଚାରନ୍ତୁ, ସତ ଜାଣିପାରିବେ। ଏମିତି ଅନେକ ବାସିନ୍ଦା ସେମାନଙ୍କ ମତ ରଖିଥିଲେ। ଏପରି କି ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳରେ ପାଚେରି କରିବା ପରେ ସେଠାରେ ଥିବା ଜଙ୍ଗଲରେ ବନ୍ୟଜନ୍ତୁଙ୍କୁ ମାରିଦେଉଛି ବୋଲି ସେମାନେ କହିଥିଲେ। ଏଥିସହିତ କେତେଜଣ ଗ୍ରାମବାସୀ କହିଛନ୍ତି, ଜେଏସ୍‌ଡବ୍ଲ୍ୟୁ କର୍ତ୍ତୃପକ୍ଷ ପ୍ରବଳ ଅର୍ଥ ଖର୍ଚ୍ଚ କରି ସ୍ଥାନୀୟ ପୋଲିସକୁ ଜଗତସିଂହପୁର ଜିଲା ପରିବର୍ତ୍ତେ ଜେଏସ୍‌ଡବ୍ଲ୍ୟୁ ପୋଲିସ କରିଦେଇଛନ୍ତି। ଉଚ୍ଚସ୍ତରରୁ ଥାନା ପର୍ଯ୍ୟନ୍ତ ସବୁ ପୋଲିସ କମ୍ପାନୀରୁ ସିଧାସଳଖ ଦରମା ଭଳି ଭତ୍ତା ପାଉଛନ୍ତି।

ସୂଚନାଯୋଗ୍ୟ, ଜେଏସ୍‌ଡବ୍ଲ୍ୟୁ ପାଇଁ ଏବେସୁଦ୍ଧା ପ୍ରାୟ ୨୨ ଶହ ପାନବରଜ ଉଚ୍ଛେଦ କରାଯାଇଛି। ଯେଉଁମାନେ ପାନବରଜ କରି ରୋଜଗାର କରୁଥିଲେ ସେମାନେ ଏବେ ଦାଦନ ଖଟିବା ପାଇଁ ଅନ୍ୟ ରାଜ୍ୟକୁ ଗଲେଣି। କେବଳ ପାନବରଜ କରୁଥିବା ଚାଷୀମାନେ ବାର୍ଷିକ ୮୦ରୁ ୯୦ କୋଟି ଟଙ୍କାର କାରବାର ଗଡ଼କୁଜଙ୍ଗ ୟୁକୋ ବ୍ୟାଙ୍କରେ କରୁଥିଲେ ବୋଲି ମାନସ କର କୁହନ୍ତି। ଏବେ ସେ ସ୍ଥିତି ନାହିଁ ବୋଲି ତାଙ୍କର ମତ। ଲୋକମାନଙ୍କ ଅଭିଯୋଗ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କେହି ପ୍ରତିକ୍ରିୟା ଦେଲେନାହିଁ।

## ୨୦୨୪: ୩୦ ସରକାରୀ...

ରବିବାର ଓ ଶନିବାରରେ ୩ଟି ଇଚ୍ଛାଧୀନ ଛୁଟିଦିନ ପଡ଼ିଛି। ତାଲିକାରେ ୩୦ଟି ସରକାରୀ ଛୁଟିଦିବସ ଓ ୬ଟି ଇଚ୍ଛାଧୀନ ଛୁଟି ଦିବସ ରହିଛି। କର୍ମଚାରୀମାନେ ଏହି ୬ଟି ଇଚ୍ଛାଧୀନ ଛୁଟି ମଧ୍ୟରୁ ଗୋଟିଏ ଦିନ ନିଜ ସୁବିଧା ଅନୁସାରେ ଛୁଟି ନେଇପାରିବେ। ଜାନୁୟାରୀ ୧୭ରେ ଗୁରୁଗୋବିନ୍ଦ ସିଂଙ୍କ ଜନ୍ମଦିନ, ଜାନୁୟାରୀ ୨୫ରେ ବ୍ରାହ୍ମସମାଜ ପ୍ରତିଷ୍ଠା ଦିବସ, ମାର୍ଚ୍ଚ ୩୦ରେ ଇଷ୍ଟର ଶନିବାର, ମେ' ୨୨ରେ ରାଜା ରାମମୋହନ ରାୟ ଜନ୍ମଦିନ, ଜୁଲାଇ ୧୫ରେ ବାହୁଡ଼ାଯାତ୍ରା ଓ ଡିସେମ୍ବର ୨୪ରେ ଖ୍ରୀଷ୍ଟମାସ ପର୍ବକୁ ଇଚ୍ଛାଧୀନ ଛୁଟି ଭାବେ ସରକାର ଘୋଷଣା କରିଛନ୍ତି।

ସେହିପରି ୨୦୨୪ ଏପ୍ରିଲ ୭ ରବିବାରରେ 'ସବ୍-ଇ-କଦର', ନଭେମ୍ବର ୧୦ ରବିବାରରେ ଅଁଳାନବମୀ ଓ ନଭେମ୍ବର ୨୩ ଚତୁର୍ଥ ଶନିବାରରେ ପ୍ରଥମାଷ୍ଟମୀ ପଡୁଥିବାରୁ ଏହିସବୁ ଇଚ୍ଛାଧୀନ ଛୁଟି ପ୍ରଭାବିତ ହୋଇଛି।

ରବିବାର ଏପ୍ରିଲ ୧୪ରେ ମହାବିଷୁବ ସଂକ୍ରାନ୍ତି, ଜୁଲାଇ ୭ ରବିବାର ରଥଯାତ୍ରା, ସେପ୍ଟେମ୍ବର ୮ ରବିବାରରେ ନୂଆଖାଇ, ଅକ୍ଟୋବର ୧୨ରେ ଦ୍ୱିତୀୟ ଶନିବାର ମହାନବମୀ ଓ ଅକ୍ଟୋବର ୧୩ ରବିବାର ବିଜୟାଦଶମୀ ପଡୁଛି। ଏସବୁ ଦିନଗୁଡ଼ିକ ସାଧାରଣତଃ ଛୁଟି ଦିବସ ଘୋଷଣା ହୋଇଥାଏ।

ଏହି ଛୁଟିଦିନଗୁଡ଼ିକୁ ବାଦ୍ ଦେଲେ ରାଜ୍ୟ କର୍ମଚାରୀମାନଙ୍କୁ ୪୬ଟି ରବିବାର ଏବଂ ୨୨ଟି ଦ୍ୱିତୀୟ ଓ ଚତୁର୍ଥ ଶନିବାର ଭାବେ ଛୁଟିଦିନ ମିଳିବ। ସରକାରୀ କର୍ମଚାରୀଙ୍କୁ ମୋଟ ଉପରେ ୩୦ଟି ସରକାରୀ ଛୁଟିଦିନ, ଗୋଟିଏ ଇଚ୍ଛାଧୀନ ଛୁଟି ସମେତ ରବିବାର ଓ ଶନିବାର(ଦ୍ୱିତୀୟ ଓ ଚତୁର୍ଥ)ରେ ୬୮ଟି ଛୁଟିଦିନ ମିଶାଇ ମୋଟ ୯୯ଟି ଛୁଟିଦିନ ମିଳିବ। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଅନ୍ୟ ଏକ ବିଜ୍ଞପ୍ତିରେ ରାଜ୍ୟରେ ଥିବା ବ୍ୟାଙ୍କ ଓ ବ୍ୟାଙ୍କିଙ୍ଗ୍ ସଂସ୍ଥାଗୁଡ଼ିକ ନିମନ୍ତେ ୨୦ଟି ସରକାରୀ ଛୁଟି ଦିବସ ଘୋଷଣା କରାଯାଇଛି।


ମହେଶ୍ୱର ମହାନ୍ତିଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## ମହେଶ୍ୱର ମହାନ୍ତିଙ୍କ...

ସରକାରୀ ଦଳ ମୁଖ୍ୟ ସଚେତକଙ୍କ ସମେତ ବିଭିନ୍ନ ଦଳର ବିଧାୟକ, ବିଧାନସଭା ସଚିବ ଦାଶରଥି ଶତପଥୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସ୍ମୃତିଚାରଣ କରିଥିଲେ। ଭୁବନେଶ୍ୱରରୁ ତାଙ୍କ ପାର୍ଥିବ ଶରୀରକୁ ପୁରୀସ୍ଥିତ ବାସଭବନ ଓ ବିଜେଡି କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ଶେଷଦର୍ଶନ କରିଥିଲେ। ସ୍ୱର୍ଗଦ୍ୱାରରେ ମହେଶ୍ୱରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ସୁନୀଲ ମହାନ୍ତି ମୁଖାଗ୍ନି ଦେଇଥିଲେ।

ମହେଶ୍ୱରଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ଟୁକୁନି ସାହୁ, ରୀତା ସାହୁ, ଅଶୋକ ଚନ୍ଦ୍ର ପଣ୍ଡା, ଅଶ୍ୱିନୀ ପାତ୍ର, ବିଧାୟକ ଅରୁଣ ସାହୁ, ସମୀର ରଞ୍ଜନ ଦାଶ, ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା, ଭାଜପା ନେତା ବୈଜୟନ୍ତ ପଣ୍ଡା, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ପିସିସି ସଭାପତି ଶରତ ପଟ୍ଟନାୟକ, କଂଗ୍ରେସ ବରିଷ୍ଠ ନେତା ନରସିଂହ ମିଶ୍ର, ପ୍ରସାଦ ହରିଚନ୍ଦନ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଚନ୍ଦ୍ର କୋଣଭାବରେ ଥିବାରୁ ଅନ୍ୟମାନଙ୍କ ସକାଶେ ପରାମର୍ଶ ଦାତା ହୋଇ ପ୍ରଶଂସିତ ହେବ। ବ୍ୟବସାୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ରାଜନୈତିକ ଆଲୋଚନା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। କିଛି ପାରିବାରିକ କଥାକୁ ନେଇ ମନରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ।

**ବୃଷ** – ରବି ରାଶିସ୍ଥ ଚନ୍ଦ୍ରଜନିତ ଭାବପ୍ରବଣତା ବୃଦ୍ଧି ଯୋଗୁ ମନୋବଳ ହ୍ରାସ ପାଇବ। ଆକସ୍ମିକ ଭାବରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଆହାର ବିହାରରେ ସଂଜମତା ରକ୍ଷା ନ କଲେ ସ୍ୱାସ୍ଥ୍ୟହାନିର ସମ୍ଭାବନା ରହିଛି। ସହକର୍ମୀମାନେ ପରାମର୍ଶ ଲୋଡ଼ିପାରନ୍ତି। ଭଲ କଥା କହିଲେ ମଧ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ।

**ମିଥୁନ** – ରବିଙ୍କ ଦୁର୍ବଳତା ହେତୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବନ୍ଧୁସମ୍ପର୍କ କ୍ଷେତ୍ରରେ ସମୟାନୁକ୍ରମେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଆଜି ଦିନଟିରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ।

**କର୍କଟ** – ଶନିଦୃଷ୍ଟ ଚନ୍ଦ୍ର ପ୍ରଭାବରେ କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। କୌଣସି ନୀଚଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ସିଂହ** – ଆର୍ଥିକ ଅନଟନର ସମ୍ମୁଖୀନ ହେବା କାରଣରୁ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ। ପରୋକ୍ଷଭାବରେ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ। ଶନିଙ୍କ ଶୁଭପ୍ରଭାବ ଯୋଗୁ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି।

**କନ୍ୟା** – ଦୁଃସ୍ଥାନସ୍ଥ ଚନ୍ଦ୍ର ହେତୁ ବୃଥା ଅନିଷ୍ଟ ଆଶଙ୍କା କରି ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରିବେ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସରେ ସମୟ ଅତିବାହିତ କରିବେ। ଅପେକ୍ଷା କରିଥିବା ସରକାରୀ ସ୍ତରରୁ ଖବରଟି ମଧ୍ୟାହ୍ନ ପରେ ପାଇବେ।

**ତୁଳା** – କର୍ମାଧିପ ଲାଭସ୍ଥ ଯୋଗୁ ଆଜି ଏକ ଭିନ୍ନ ପରିବେଶରେ ଆପଣଙ୍କୁ ଉଚ୍ଚବର୍ଗଙ୍କ ସାହାଯ୍ୟ ପ୍ରାପ୍ତ ହେବ। ଏଜେନ୍‌ସି, କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ସାମ୍ବାଦିକତାରେ ଉଚ୍ଚ ପ୍ରଶଂସିତ ହେବେ। ଭଲ ବୁଝାମଣା ହେତୁ ପରିବାରରେ ସୁଖଶାନ୍ତି ରାଜୁତି କରିବ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ବିଛା** – ନୀଚଭାବରେ କର୍ମାଧିପ ରହିଥିବାରୁ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ଯେତେ ଭଲ କାମ କଲେ କ'ଣ ହେବ, ଟିକିଏ ଟିକିଏ କଥାରେ ଜିହ୍ୱା ପଡ଼ି ସମାଲୋଚିତ ହେବେ। ରାଜନୀତି, ପ୍ରେସ୍, ପବ୍ଲିକେଶନ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ।

**ଧନୁ** – ବୁଧଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ଦୁଶ୍ଚିନ୍ତାଗ୍ରସ୍ତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଅବନତିଜନିତ ଅବହେଳିତ କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ସାମାଜିକ ସ୍ତରରେ ଖଳ ଲୋକମାନଙ୍କର କାନ କୁହାକଥା ଶୁଣନ୍ତୁ ନାହିଁ।

**ମକର** – ପାପଗ୍ରହମାନଙ୍କ ସ୍ଥିତିଜନିତ କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ସାମାଜିକ ସ୍ତରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମସ୍ୟାମୂଳକ କାମରେ ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ।

**କୁମ୍ଭ** – କର୍ମଭାବରେ ବୁଧଥିବାରୁ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଖଳ ଲୋକଙ୍କ କଥାରେ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିପାରନ୍ତି। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଅବସର ବିନୋଦନ କ୍ଷେତ୍ରରେ ପଡ଼ୋଶୀଙ୍କ ସହ ମିଷ୍ଟାଳାପରେ ମାତିରହିବେ।

**ମୀନ** – ଚତୁର୍ଥାଧିପ ନିଜ ଭାବରୁ ଷଷ୍ଠସ୍ଥ ଯୋଗୁ ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ବନ୍ଧୁମାନଙ୍କ ଚୁପ୍‌ଚାପ କଥାକୁ ଅନ୍ୟମାନେ ଭିନ୍ନ ଦୃଷ୍ଟି କୋଣରୁ ବିଚାର କରିବେ। ମାଲିକଙ୍କ ସହିତ ଘରଭଡ଼ାକୁ କେନ୍ଦ୍ରକରି ସମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଧୀରସ୍ଥିର ମନଦେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ।

ଆଜି କାର୍ତ୍ତିକ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ବୁଧବାର, ନଭେମ୍ବର ୮ ତାରିଖ, ରାଶି ନକ୍ଷତ୍ର-ପୂର୍ବା ଫାଲ୍‌ଗୁନୀ/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୪ମି. ଗତେ ଘ. ୦୮.୦୮ମି. ମଧ୍ୟେ, ଘ. ୧୦.୨୩ମି. ଗତେ ଘ.୧୧.୩୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୦ମି. ଗତେ ଘ.୧୨.୫୪ମି. ମଧ୍ୟେ ରାହୁ କାଳ।




# ବୁଢୁ ପାତ୍ର ହତ୍ୟା ମାମଲା: ୮ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ


ଆଜୀବନ କାରାଦଣ୍ଡ ପାଇଥିବା ଅଭିଯୁକ୍ତମାନେ।

**ବ୍ରହ୍ମପୁର,୭।୧୧(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଆମ୍ବଗଡ଼ ଗ୍ରାମର ବୁଢୁ ପାତ୍ର ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ମଙ୍ଗଳବାର ଅତିରିକ୍ତ ଜିଲା ଦୌରାଜଜ୍- ୧ ଡ. ଇନ୍ଦୁ ଶର୍ମା ଉପଯୁକ୍ତ ପ୍ରମାଣ ମିଳିଥିବାରୁ ହତ୍ୟା ଅଭିଯୁକ୍ତ ଆର. ହରି ପାତ୍ରଙ୍କ ସମେତ ୮ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପ୍ରତ୍ୟେକେ ୧୫ ହଜାର ଟଙ୍କା ଲେଖାଏ ଜରିମାନା ଦେବେ। ଜରିମାନା ଅନାଦାୟ ଅଧିକ ୧ ବର୍ଷ ୧ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତମାନେ ହେଲେ ଆମ୍ବଗଡ଼ର ଆର. ହରି ପାତ୍ର (୩୦), ଆର. ଲୋକନାଥ ପାତ୍ର(୨୧), ଏମ.ଦଣ୍ଡ ପାତ୍ର(୪୫), କେ. ବଇରି ପାତ୍ର (୫୫), କେ. ଭୀମ ପାତ୍ର(୪୭), ଏମ. ସୋମେଶ ପାତ୍ର(୨୦), ବି. ନୋଇ ପାତ୍ର(୩୭) ଓ ବି. ଭାସ୍କର ପାତ୍ର (୨୧)।

୨୦୧୭ ସେପ୍ଟେମ୍ବର ୧୭ ତାରିଖ ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ ନେଇ ବୁଢୁ ଓ ତାଙ୍କ ଗ୍ରାମର ଆର. ହରି ପାତ୍ରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ବୁଢୁ ସେତେବେଳେ ହରି ଓ ତାଙ୍କର ଅନ୍ୟ ଜଣେ ସାଙ୍ଗଙ୍କୁ ମାଡ଼ ମାରିଥିଲେ। ପରେ ସେମାନେ ନିଜ ନିଜ ଘରକୁ ଫେରି ଯାଇଥିଲେ। ରାତି ପ୍ରାୟ ୧୦ଟାରେ ଗାଁ କୋଠଘରେ ବୈଠକ ବସିଥିଲା। ସେଠାକୁ ବୁଢୁଙ୍କୁ ଡକାଯାଇଥିଲା। ବୁଢୁ ପହଞ୍ଚିବାରୁ ହରି ଓ ତାଙ୍କର ଜଣେ ସହଯୋଗୀ ଆକ୍ରମଣ କରିଥିଲେ। ଭୟରେ ବୁଢୁ ଦୌଡ଼ି ନିକଟରେ ଥିବା ତାଙ୍କ ଭାଇ ଲଡୁ ପାତ୍ରଙ୍କ ଘରେ ପଶିଯାଇଥିଲେ। ପରେ ହରି ଓ ତାଙ୍କର ୭ଜଣ ସହଯୋଗୀ ଠେଙ୍ଗା, ପନିକି, ଶାବଳ, କାତି ଆଦି ଧରି ଲଡୁଙ୍କ ଘରକୁ ଯାଇଥିଲେ। ବୁଢୁଙ୍କୁ ବାହାରକୁ ଛାଡିବାକୁ ସେମାନେ ତାଙ୍କ ଭାଇଙ୍କୁ କହିଥିଲେ। ସେ ନ ବାହାରିବାରୁ ଅଭିଯୁକ୍ତମାନେ ଘର କବାଟ ଭାଙ୍ଗି ବୁଢୁଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ସେଠାରୁ ଚାଲିଯାଇଥିଲେ। ପ୍ରତିବାଦ କରିବାରୁ ଲଡୁଙ୍କୁ ମଧ୍ୟ ଆକ୍ରମଣ କରି ଭୟଭୀତ କରିଥିଲେ। ପରିବାର ଲୋକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୁଢୁଙ୍କୁ ଏମ୍‌କେସିଜି ମେଡିକାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସଦର ଥାନାରେ ଲଡୁଙ୍କ ଅଭିଯୋଗ ପ୍ରକାରେ ପୋଲିସ ହତ୍ୟା ମାମଲା (୧୯୪/୧୭) ରୁଜୁ କରିଥିଲା। ପୂର୍ବଶତ୍ରୁତାରୁ ବୁଢୁଙ୍କୁ ହତ୍ୟା କରାଯାଇଥିଲା ବୋଲି ପୋଲିସ ତଦନ୍ତ ବେଳେ ଜଣାପଡ଼ିଥିଲା। ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଥାନାଧିକାରୀ ତଥା ତଦନ୍ତକାରୀ ଅଧିକାରୀ ଶିବଶଙ୍କର ମହାପାତ୍ର କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ୨୦୨୦ରେ ଅଭିଯୁକ୍ତମାନେ ଜାମିନରେ ମୁକୁଳିଥିଲେ। ଉକ୍ତ ମାମଲାର ବିଚାର ବେଳେ ୧୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ସମସ୍ତ ୮ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀମାନଙ୍କ ବୟାନ ଓ ପୋଲିସ ପକ୍ଷରୁ ଦାଖଲ ଚାର୍ଜଶିଟକୁ ଆଧାର କରି ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି।

# ଗିଫ୍ଟ ସିଟିରେ ଖୋଲିବ ଅଷ୍ଟ୍ରେଲିଆର ୨ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ: ଧର୍ମେନ୍ଦ୍ର




**ଭୁବନେଶ୍ୱର, ୭।୧୧(ସୁନିତ୍ ମିଶ୍ର)**

ଗୁଜରାଟ ଇଣ୍ଟରନ୍ୟାଶନାଲ ଫାଇନାନ୍ସ ଟେକ୍-ସିଟି (ଗିଫ୍ଟ ସିଟି)ରେ ଅଷ୍ଟ୍ରେଲିଆର ୨ଟି ବିଶ୍ୱବିଦ୍ୟାଳୟ ଡେକିନ୍ ଓ ୱଲ୍ଲୋନଗୋଙ୍ଗର କ୍ୟାମ୍ପସ ସ୍ଥାପନା ନେଇ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଷ୍ଟ୍ରେଲିଆ ଶିକ୍ଷାମନ୍ତ୍ରୀ ଜେସନ କ୍ଲେୟାର ଗାନ୍ଧୀନଗରସ୍ଥିତ ଗିଫ୍ଟ ସିଟିରେ ଏହି ୨ ବିଶ୍ୱବିଦ୍ୟାଳୟର ଆଗାମୀ କ୍ୟାମ୍ପସ ପାଇଁ ସ୍ଥାନ ପରିଦର୍ଶନ କରିବା ଅବସରରେ ଏହି ଘୋଷଣା କରିଛନ୍ତି। ଭାରତରେ ଅଷ୍ଟ୍ରେଲିଆନ୍ ୟୁନିଭର୍ସିଟି କ୍ୟାମ୍ପସର ଘୋଷଣା ନେଇ ଆୟୋଜିତ କାର୍ଯ୍ୟକ୍ରମ 'ଆରମ୍ଭ'ରେ ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନ ଭାରତର ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ। ଗାନ୍ଧୀନଗରସ୍ଥିତ ଗୁଜରାଟ ଇଣ୍ଟରନ୍ୟାଶନାଲ ଫାଇନାନ୍ସ ଟେକ୍-ସିଟିରେ ଅଷ୍ଟ୍ରେଲିଆର ୨ଟି ବିଶ୍ୱସନୀୟ ବିଶ୍ୱବିଦ୍ୟାଳୟ ଯଥା ଡେକିନ୍ ବିଶ୍ୱବିଦ୍ୟାଳୟ ଏବଂ ୟୁନିଭର୍ସିଟି ଅଫ୍ ୱଲ୍ଲୋନଗୋଙ୍ଗ୍ ଅଷ୍ଟ୍ରେଲିଆ(ୟୁଓଡବ୍ଲ୍ୟୁ) କ୍ୟାମ୍ପସ ଖୋଲିବାର ଆନୁଷ୍ଠାନିକ ଘୋଷଣା ହୋଇଛି। ଏହା ଭାରତର ଶିକ୍ଷାର ଅନ୍ତର୍ଜାତୀୟକରଣ ଦିଗରେ ଏକ ବଡ଼ ପଦକ୍ଷେପ। ସମ୍ଭାବନାମୟ ଗୁଜରାଟରେ ଏହି ୨ଟି ବିଶ୍ୱବିଦ୍ୟାଳୟର ଜୀବନ୍ତ କ୍ୟାମ୍ପସ ସ୍ଥାପନା ହେବା ଛାତ୍ରୀଛାତ୍ର ସମୁଦାୟ ପାଇଁ ଏକ ଉପହାର ବୋଲି ସେ କହିଛନ୍ତି। ଭାରତର ଡୋର୍‌ଷ୍ଟେପ୍‌ରେ ବିଶ୍ୱସ୍ତରୀୟ ଶିକ୍ଷାର ସୁଯୋଗ ଆଣିବା ଲକ୍ଷ୍ୟରେ ଏଭଳି କ୍ୟାମ୍ପସ ସ୍ଥାପନ ହେବା ଖୁସିର ବିଷୟ। ଭାରତର ଶିକ୍ଷାକୁ ବିଶ୍ୱ ମାନର କରିବା ଦିଗରେ ଏହା ଏକ ଅନ୍ୟତମ ପଦକ୍ଷେପ। ସ୍ୱଦେଶରେ ବିଦେଶୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ଷ୍ଟଡି ଇନ୍ ଇଣ୍ଡିଆକୁ ପ୍ରୋତ୍ସାହିତ କରିବ। ଜାତୀୟ ଶିକ୍ଷାନୀତିରେ କଳ୍ପନା କରାଯାଇଥିବା ବିବିଧ, ସର୍ବବ୍ୟାପୀ ଏବଂ ସମାବେଶୀ ଶିକ୍ଷାର ଏକ ବାତାବରଣ ତିଆରି କରିବ। ଜାତୀୟ ଶିକ୍ଷାନୀତି ମାଧ୍ୟମରେ ଭାରତର ଶିକ୍ଷାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଏବଂ ପ୍ରଚେଷ୍ଟା ପାଇଁ ଆଜି ଏହା ସମ୍ଭବ ହୋଇପାରିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।






ମନରେ କୌଣସି ପ୍ରଲୋଭନ ଜାଗିଲେ ତାକୁ ପ୍ରତିରୋଧ କର। ତା'ପାଖରେ ନିଜକୁ ସମର୍ପି ଦିଅନା। ଥରକ ପାଇଁ ହେଲେ ବି-ଯଦି ତୁମେ ପ୍ରଲୋଭନକୁ ପ୍ରଶ୍ରୟ ଦେଇଛ- ତା'ହେଲେ ତୁମ ଇଚ୍ଛାଶକ୍ତିର ବଳ କମିଯିବ ଏବଂ ବାରମ୍ବାର ପରାଜୟ ପାଇଁ ବାଟ ଖୋଲିଯିବ। **–ଶ୍ରୀମା**



# ବାଡ଼ି ଆଡ଼କୁ ଦେଖ

ପ୍ରତିବର୍ଷ ଦୀପାବଳି ପାଖେଇ ଆସିଲେ ଦିଲ୍ଲୀର ବାୟୁ ପ୍ରଦୂଷଣ ଚିନ୍ତା ଘାରେ। ଏହି ସମୟ ଅମଳ ଋତୁ ହୋଇଥିବାରୁ ପ୍ରଦୂଷଣ ଦୋଷ କୃଷକଙ୍କ ମୁଣ୍ଡରେ ଲଦି ଦିଆଯାଏ, ଯେମିତି କି ଏଥିପାଇଁ ସେମାନେ କେବଳ ଦାୟୀ। କିନ୍ତୁ ଏହାକୁ ଗ୍ରହଣ କରିବା କଷ୍ଟକର। କାରଣ ଦିଲ୍ଲୀ ନିକଟବର୍ତ୍ତୀ ରାଜ୍ୟ ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶରେ ଖୁଣ୍ଟାପୋଡ଼ି ଅନେକ ପରିମାଣରେ କମିଥିବା କମିଶନ ଫର୍ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ୍)ର ୨୦୨୨ ରିପୋର୍ଟ ସ୍ପଷ୍ଟ କରିଛି। ଦିଲ୍ଲୀରେ ପ୍ରଦୂଷଣ ରୋକିବା ଲାଗି ଦୀପାବଳିରେ ବାଣଫୁଟା ବନ୍ଦ କରାଯାଏ ସତ, କିନ୍ତୁ ପ୍ରତିବର୍ଷ ନିୟମ ଉଲ୍ଲଂଘନର କିଛି ଘଟଣା ସାମ୍ନାକୁ ଆସେ। ଉଦାହରଣ ସ୍ୱରୂପ ଗତବର୍ଷ ଦୀପାବଳିରେ ଭାଜପା ନେତା ତାଜିନ୍ଦର ବାଗା ନିଜେ ରାସ୍ତାରେ ବାଣ ଫୁଟାଇ ବସ୍ତିରେ ବାଣ ବାଣ୍ଟିବା ଦୃଶ୍ୟ ସଭିଙ୍କୁ ଚକିତ କରିଥିଲା। କୁହାଯାଇପାରେ, କୃଷକମାନେ ସଚେତନ ହେଉଥିବାବେଳେ ଧର୍ମକୁ ଜାବୋଡ଼ି ଧରି ବେଆଇନ କାର୍ଯ୍ୟ କରୁଥିବା ଏଭଳି ନେତାଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ହେଲା ତାହା କେହି ଜାଣିବାର ସୁଯୋଗ ପାଇପାରିଲେ ନାହିଁ। ଏଭଳି ଉଦ୍ଭଟ ବିଚାର ରହିଲେ ଯେକୌଣସି ପରିବର୍ତ୍ତନକୁ ଗ୍ରହଣ କରିବା ସହଜ ହେବନାହିଁ। କେବଳ ଦିଲ୍ଲୀ ନୁହେଁ, ସାରା ଭାରତର ଅନ୍ୟ ସହରଗୁଡ଼ିକରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବାବେଳେ ଅନେକରେ ବାଣ ଫୁଟାଇବା ଲାଗି ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରାଯାଉଛି। ଅର୍ଥାତ୍ ପରୋକ୍ଷରେ ବାଣ ଫୁଟାଇ ପ୍ରଦୂଷଣ ବଢ଼ାଇବା ଲାଗି କୁହାଯାଉଛି। ଉଲ୍ଲେଖନୀୟ ଯେ, ବିଶ୍ୱର ୩୦ ସବୁଠୁ ପ୍ରଦୂଷିତ ସହର ମଧ୍ୟରେ ଭାରତର ସ୍ଥାନ ୨୨ ରହିଛି। ଭାରତରେ ବାୟୁ ପ୍ରଦୂଷଣ ଯୋଗୁ ବିଶ୍ୱରେ ଅଧିକ ମୃତ୍ୟୁ ହେଉଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲ୍ୟୁଏଚ୍‌ଓ ମଧ୍ୟ ସ୍ପଷ୍ଟ କରିଛି। ତେବେ ସହରଗୁଡ଼ିକରେ ବାୟୁ ପ୍ରଦୂଷଣ କମାଇବା ଲାଗି ୨୦୨୦ରେ ନ୍ୟାଶନାଲ କ୍ଲିନ୍ ଏୟାର ପ୍ରୋଗ୍ରାମ(ଏନ୍‌ସିଏପି)ଆରମ୍ଭ କରି ୨୦୨୪ ସୁଦ୍ଧା ବାୟୁ ପ୍ରଦୂଷଣ ୨୦ରୁ ୩୦% କମାଇବା ଲାଗି ଲକ୍ଷ୍ୟ ରଖାଯାଇଛି। ହେଲେ ଏହା କେତେ ସଫଳ ହେଉଛି ତାହାର ପ୍ରମାଣ ଏବେ ଦିଲ୍ଲୀ ସମେତ ଅନ୍ୟ ସହରଗୁଡ଼ିକରୁ ସ୍ପଷ୍ଟ ହେଉଛି।

ଧୂଳି, ଧୂଆଁ ଓ କୁହୁଡ଼ି ଯୋଗୁ ଦିଲ୍ଲୀବାସୀ ଏବେ ଜଟିଳ ସ୍ଥିତିରେ । ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ଛାଡ଼ି ଅନ୍ୟମାନଙ୍କୁ ସ୍କୁଲ ଯିବା ମନା। ଏହା ବ୍ୟତୀତ ପ୍ରଦୂଷଣର ମୁକାବିଲା କରିବା ଲାଗି ଦିଲ୍ଲୀ ସରକାର ଗାଡ଼ି ଚଳାଚଳ ପାଇଁ ଯୁଗ୍ମ-ଅଯୁଗ୍ମ ଫର୍ମୁଲା ଲାଗୁ କଲେଣି। ଏହା ହୁଏତ ସାମୟିକ ଭାବେ ପ୍ରଦୂଷଣ ସ୍ଥିତିରୁ ରକ୍ଷା କରିପାରେ। କିନ୍ତୁ ଦୀର୍ଘମିଆଦୀ ସୂତ୍ରରେ ପ୍ରଦୂଷଣ ରୋକିବାରେ ସରକାର କେତେ ସଚେତନ ତାହା ଏବେ ଦିଲ୍ଲୀର ସ୍ମଗ୍ ଟାୱାର ବନ୍ଦ ଘଟଣାରୁ ସ୍ପଷ୍ଟ ହୋଇଛି। ସ୍ମଗ୍ ଟାୱାର ବନ୍ଦ ଘଟଣା ଉପରେ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ପରେ ଦିଲ୍ଲୀର ପରିବେଶ ମନ୍ତ୍ରୀ ଦିଲ୍ଲୀ ପ୍ରଦୂଷଣ ବୋର୍ଡର ଅଧ୍ୟକ୍ଷ ଅଶ୍ୱିନୀ କୁମାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲଙ୍କୁ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୧ରେ ଦିଲ୍ଲୀରେ ବାୟୁ ପ୍ରଦୂଷଣ କମାଇବା ଲାଗି ସ୍ମଗ୍ ଟାୱାର ନିର୍ମାଣ ଆରମ୍ଭ କରାଯାଇଥିଲା। ଏବକାର ସ୍ଥିତିକୁ ଲକ୍ଷ୍ୟ କରି ସୁପ୍ରିମକୋର୍ଟ ଦିଲ୍ଲୀରେ କଠିନ ବର୍ଜ୍ୟ ନ ପୋଡ଼ିବା ଲାଗି କହୁଛନ୍ତି, ଖୁଣ୍ଟାପୋଡ଼ି ବନ୍ଦକୁ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏସବୁ ଭିତରେ ଯେଉଁ ସମସ୍ୟାଗୁଡ଼ିକ ଲୁଚିଯାଉଛି ତାହା ଉପରେ ଉଦ୍‌ବେଗ ପ୍ରକାଶ କରାଯାଉଥିବା ଜଣାପଡୁନାହିଁ। ସେଗୁଡ଼ିକ ମଧ୍ୟରେ ରହିଛି ଦିଲ୍ଲୀର ୩୦୦କି.ମି. ପରିଧି ମଧ୍ୟରେ ୧୧ଟି କୋଇଲାଚାଳିତ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଚାଲିଛି। ଅନ୍ୟପକ୍ଷରେ ଦିଲ୍ଲୀରେ ଏବେସୁଦ୍ଧା ମାତ୍ର ୧.୨ ଲକ୍ଷରୁ ଊର୍ଦ୍ଧ୍ୱ ବିଦ୍ୟୁତ୍‌ଚାଳିତ ଯାନ ଚଳାଚଳ କରୁଥିବାବେଳେ ଜୀବାଶ୍ମ ଇନ୍ଧନଚାଳିତ ଗାଡ଼ି ଏହାର ୯୦ଗୁଣ ଅଧିକ। ଏଗୁଡ଼ିକ ଜାରି ରହିଲେ ସହରର ବାୟୁ ପ୍ରଦୂଷଣ କମାଇବା ସମ୍ଭବ ହେବ ନାହିଁ। ଦିଲ୍ଲୀର ସ୍ଥିତି ସୂଚାଇ ଦେଉଛି ଯେ, ଅତ୍ୟଧିକ ପ୍ରଦୂଷିତ ସହରଗୁଡ଼ିକ ମଧ୍ୟ ବେଳ ଥାଉଁ ସାବଧାନ ହେବା ଦରକାର। ଜୀବାଶ୍ମ ଇନ୍ଧନଚାଳିତ ଓ କୋଇଲାଚାଳିତ ଶକ୍ତିଠାରୁ ଦୂରେଇ ରହି ସମ୍ପୂର୍ଣ୍ଣ ସବୁଜ ଶକ୍ତି ଆଡ଼କୁ ନ ମୁହାଁଇଲେ ଜୀବନ ରକ୍ଷା କରିବା କଷ୍ଟକର ହୋଇଯିବ ।

ଆଜି ଯାହା ଦିଲ୍ଲୀରେ ଘଟୁଛି ତାହାର ଆରମ୍ଭ ସ୍ଥିତି ଭାରତର ବିଭିନ୍ନ ସହର ଓ ଅଞ୍ଚଳରେ ଦେଖିବାକୁ ମିଳିଲାଣି। 'ଦିଲ୍ଲୀ ଦୂର ଅସ୍ତ' ପୂର୍ବରୁ ଶୁଣିଥିବା ଢଗ ଏବେ ଭାରତର ସାନବଡ଼ ସହରାଞ୍ଚଳ ପାଇଁ ଚିନ୍ତାର ବିଷୟ ହେବା କଥା। ସ୍ମାର୍ଟସିଟି ବୋଲାଉଥିବା ଭୁବନେଶ୍ୱର ମଧ୍ୟରେ ଥିବା ଗାଡ଼କଣ ଗ୍ରାମ ଏବଂ ତାହାର ଚାରିପାର୍ଶ୍ୱ ଅଞ୍ଚଳର ପରିସ୍ଥିତି ଜାଣିଲେ ଯେ କେହି ବୁଝିପାରିବେ ପ୍ରଦୂଷଣ ଏବଂ ପରିବେଶ ଧ୍ୱଂସର ଅର୍ଥ କେତେ ଗମ୍ଭୀର ହୋଇପାରେ। ଓଡ଼ିଶାର ପ୍ରାୟ ସବୁ ସହର ଏବଂ ଗ୍ରାମାଞ୍ଚଳରେ ପଡ଼ି ରହିଥିବା ପ୍ଲାଷ୍ଟିକ ଓ ଥର୍ମକୁଲ ଆବର୍ଜନା ଖୁବ୍‌ଶୀଘ୍ର ଏହି ରାଜ୍ୟ ପାଇଁ ଏକ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିବାର ଆକାର ଧାରଣ କରିବ। ସେଥିପାଇଁ ଦିଲ୍ଲୀ କଥା କହିବା ସମୟରେ ଆମେ ନିଜର ବାଡ଼ି ଆଡ଼କୁ ମଧ୍ୟ ଦେଖି ସଚେତନ ହେବାର ସମୟ ଆସିଲାଣି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | 2 | | | 6 |
| 7 | | 9 | | | | | | |
| | 6 | | | | | | | 5 |
| 9 | | | | 8 | | 4 | | |
| 8 | | 1 | 6 | 4 | | | | 9 |
| | | 3 | | 5 | | 8 | | |
| | | | | | | 3 | 7 | |
| | | 6 | | | 8 | | | |
| | | | | 7 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 9 | 5 | 2 | 3 | 1 | 8 | 7 |
| 2 | 3 | 7 | 8 | 1 | 9 | 5 | 6 | 4 |
| 8 | 1 | 5 | 4 | 6 | 7 | 2 | 3 | 9 |
| 5 | 2 | 8 | 1 | 7 | 6 | 9 | 4 | 3 |
| 1 | 6 | 3 | 9 | 4 | 2 | 8 | 7 | 5 |
| 7 | 9 | 4 | 3 | 5 | 8 | 6 | 2 | 1 |
| 9 | 8 | 6 | 7 | 3 | 5 | 4 | 1 | 2 |
| 3 | 5 | 1 | 2 | 8 | 4 | 7 | 9 | 6 |
| 4 | 7 | 2 | 6 | 9 | 1 | 3 | 5 | 8 |

ଗତକାଲିର ଉତ୍ତର



# ପକ୍ୱକେଶଙ୍କ ଦେଶ

ଶୈଳେନ୍ଦ୍ର ଦ୍ୱିବେଦୀ

ପାଠକେ, ପ୍ରବନ୍ଧ ଲେଖିଲା ବେଳକୁ ଭାରତୀୟ ଜନସଂଖ୍ୟାର ୫୦ ପ୍ରତିଶତଙ୍କ ବୟସ ୨୫ ବର୍ଷ ତଳେ ଏବଂ ୬୫ ପ୍ରତିଶତ ଅଛନ୍ତି ୩୫ ବର୍ଷ ଭିତରେ। ବିଭିନ୍ନ ଆନ୍ତର୍ଜାତିକ ସଂଗଠନ ଆକଳନ କରିଛନ୍ତି, ଅନ୍ତତଃ ୨୦୩୦ ପର୍ଯ୍ୟନ୍ତ ଏହି ଅଭିବୃଦ୍ଧି ଜାରି ରହିବ। ଆମ ପ୍ରଧାନମନ୍ତ୍ରୀ ଭାରତର ଡେମୋକ୍ରାଟିକ ଡିଭିଡେଣ୍ଡ (ଜନସଂଖ୍ୟାଗତ ଲାଭାଂଶ) ନେଇ ଖୁବ୍ ଖୁସି ଯଦିଓ ଏହାର ଯେତିକି ସୁବିଧା ଆମେ ପାଇବା କଥା ତାହା ସମ୍ଭବ ହୋଇନାହିଁ। ଏଣେ ଆକଳନ କରାଗଲାଣି, ୨୦୫୦ ବେଳକୁ ଭାରତୀୟ ଜନସଂଖ୍ୟାର ଅନ୍ତତଃ ଏକ ପଞ୍ଚମାଂଶ ୬୦ ବର୍ଷ ଛୁଇଁ ସାରିଥିବ। ସେତିକି ନୁହେଁ, ଆସନ୍ତା ୨୭ ବର୍ଷ ଭିତରେ ଭାରତରେ ବୟସ୍କ ମାନଙ୍କ ସଂଖ୍ୟା ଦୁଇ ଗୁଣ ବଢ଼ିଥିବ। ମିଳିତ ଜାତିସଂଘ ପପୁଲେଶନ ଫଣ୍ଡ୍‌ର ଏକ ରିପୋର୍ଟକୁ ଯଦି ଗୁରୁତ୍ୱ ଦିଆଯାଏ ତେବେ ୨୦୫୦ ବେଳକୁ ପୃଥିବୀର ସର୍ବାଧିକ ଯୁବତୀ ଯୁବକ ଥିବା ଦେଶ ଆମ ଭାରତରେ ରହିଥିବେ ୩୪୭ ନିୟୁତ ବୟସ୍କ।

ପାଠକେ ଜାଣନ୍ତି ଯେ ଏଇ ବର୍ଷ ଚାଇନାକୁ ଟପି ଭାରତ ପୃଥିବୀର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ଦେଶ ହେବାର ରେକର୍ଡ ହାସଲ କରିଛି। ମିଳିତ ଜାତିସଂଘ ରିପୋର୍ଟ ଯାହା ନିକଟରେ ପ୍ରକାଶିତ (ଇଣ୍ଡିଆ ଏଜିଙ୍ଗ ରିପୋର୍ଟ) ତାହା ଆଧାର କରିଛି ୨୦୧୧ ଭାରତୀୟ ଜନଗଣନା, ୨୦୧୭-୧୮ ଲଙ୍ଗିଚୁଡିନାଲ ଏଜିଙ୍ଗ ସର୍ଭେ ଇନ ଇଣ୍ଡିଆ (ଭାରତ ସରକାର) ଏବଂ ୱାର୍ଲ୍ଡ ପପୁଲେଶନ ପ୍ରୋଜେକ୍ସନ, ୨୦୨୨ ତଥ୍ୟକୁ। ଏହି ରିପୋର୍ଟରୁ ଜଣାପଡିଛି, ୧ ଅଗଷ୍ଟ ୨୦୨୨ ସୁଦ୍ଧା ଭାରତରେ ୧୪୯ ନିୟୁତ ନାଗରିକ ୬୦ ବର୍ଷ ବୟସ ଉପରେ ଥିଲେ ଯାହା ଜନସଂଖ୍ୟାର ୧୦.୫ ପ୍ରତିଶତ ଥିଲା। ବର୍ତ୍ତମାନର ରିପୋର୍ଟ ଦର୍ଶାଇଛି ଯେ, ଏହି ସଂଖ୍ୟା ୨୦୫୦ ସୁଦ୍ଧା ଆଉ ୧୦.୩ ପ୍ରତିଶତ ବୃଦ୍ଧି ପାଇ ୩୪୭ ନିୟୁତରେ ପହଞ୍ଚିବ। ଆଉ ସେଇ ସମୟରେ ୧୫-୫୯ ବର୍ଷ ବୟସ ବନ୍ଧନୀରେ ରହିଥିବା ଜନସଂଖ୍ୟା ସ୍ୱାଭାବିକ ଭାବେ ହ୍ରାସ ପାଇବ। ଅର୍ଥାତ୍ ଭାରତକୁ ଆଉ ଯୁବପିଢ଼ିର ଭାରତ କହିହେବ ନାହିଁ। ପୃଥିବୀ ବାବଦରେ କୁହାଯାଇଛି ଯେ, ୨୦୫୦ ସୁଦ୍ଧା ୬୦ ବର୍ଷ ଏବଂ ତଦୂର୍ଦ୍ଧ୍ୱ ବୟସ୍କଙ୍କ ସଂଖ୍ୟା ୨.୧ ବିଲିୟନ ହୋଇଥିବ; ଯେଉଁଥିରୁ ୧.୭ ବିଲିୟନ ଥିବେ ଦୁର୍ବଳ ଅର୍ଥନୀତିରେ। ଏବେ ଏମାନଙ୍କ ସଂଖ୍ୟା ପୃଥିବୀରେ ୧.୧ ବିଲିୟନ,



ଯାହା ପୃଥିବୀ ଜନସଂଖ୍ୟାର ୧୩.୯ ପ୍ରତିଶତ। କୁହାଯାଉଛି ଉନ୍ନତ ଅର୍ଥନୀତିରେ ଏବେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ସଂଖ୍ୟା ୨୬ ପ୍ରତିଶତ ରହିଛି, ଯାହା ୨୦୫୦ ଆଡ଼କୁ ୩୪ ପ୍ରତିଶତରେ ପହଞ୍ଚିବ। ଅଧିକ ଉପାର୍ଜନ/ଆୟ ସହିତ ଯୋଡ଼ି ହୋଇ ରହିଛି ଉନ୍ନତ ସ୍ୱାସ୍ଥ୍ୟସେବା ଏବଂ ଗୁଣାତ୍ମକ ଜୀବନ। ଅନ୍ୟପକ୍ଷରେ ଅସ୍ୱଚ୍ଛଳ ଅର୍ଥନୀତିରେ ଏହି ବୃଦ୍ଧି ଆନୁପାତିକ ନ ହୋଇ ବର୍ତ୍ତମାନର ୧୧.୫ ପ୍ରତିଶତରୁ ୨୦୫୦ ସୁଦ୍ଧା ସୀମିତ ରହିବ ୨୦ ପ୍ରତିଶତରେ। ଜଣାପଡ଼ିଛି ହିମାଚଳ ପ୍ରଦେଶ, ପଞ୍ଜାବ, କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଗୁଜରାଟ, ଉତ୍ତରାଖଣ୍ଡ, ହରିୟାଣା ଓ ମହାରାଷ୍ଟ୍ରରେ ବୟସ୍କଙ୍କ ଅଭିବୃଦ୍ଧି ହାର ୧୦ ପ୍ରତିଶତରୁ ୧୬.୫ ପ୍ରତିଶତ ବଢ଼ିବ ଏବଂ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଏହା ୭.୭ ପ୍ରତିଶତରୁ ୧୦ ପ୍ରତିଶତ ଭିତରେ ରହିବ। କେରଳରେ ବୟସ୍କମାନଙ୍କ ସଂଖ୍ୟା ସର୍ବାଧିକ ହେବ। ଯଦିଓ ଏହା ଖୁସିର କଥା ଯେ ଭାରତରେ ଜନସଂଖ୍ୟା ବୃଦ୍ଧି ପ୍ରାକୃତିକ ଭାବରେ ଯଥେଷ୍ଟ ନିୟନ୍ତ୍ରିତ ହୋଇ ସାରିଛି, ତେବେ ଆଗକୁ ଆମ ପାଇଁ ଚିନ୍ତାର ଯଥେଷ୍ଟ କାରଣ ଅଛି। ତାହା ହେଉଛି ଆଉ ୩୦ ବର୍ଷ ପରେ ଭାରତର ଶ୍ରମଶକ୍ତି ବୟସ୍କ ପାଲଟି ସାରିଥିବ। ଆମ ଦେଶରେ ପ୍ରଜନନ ହ୍ରାସ ପାଇଛି, ଯାହା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ୫ ଅନୁସାରେ ମହିଳାଙ୍କ ପିଛା ୨ ସନ୍ତାନ, କିନ୍ତୁ ଯୋଜନାବିତ୍‌ମାନେ କୁହନ୍ତି ସେତିକି ଯଥେଷ୍ଟ ନୁହେଁ।

ଭାରତୀୟ ବୟସ୍କମାନଙ୍କ ମଧ୍ୟରେ ୫୦.୯ ପ୍ରତିଶତଙ୍କ ପାଇଁ ନିଯୁକ୍ତି ସୁଯୋଗ ନାହିଁ। ସେତିକି ନୁହେଁ, ଦେଶରେ ଅନ୍ତତଃ ୪୦ ପ୍ରତିଶତ ବୟସ୍କ ଖୁବ୍ ଗରିବ; ଯେଉଁଥିରେ ୧୮.୭ ପ୍ରତିଶତଙ୍କ କୌଣସି ନିଜସ୍ୱ ଆୟ ନାହିଁ। ଆକଳନ କରାଯାଇଛି ଯେ ମହିଳାମାନଙ୍କ ସ୍ଥିତି ଆହୁରି ଖରାପ। ୭୦-୭୯ ବର୍ଷ ବୟସ ବନ୍ଧନୀରେ ୭୦ ପ୍ରତିଶତ ମହିଳା ଏବଂ ୬୦-୬୯ ବର୍ଷ ବୟସ ବନ୍ଧନୀରେ ୪୦ ଭାଗ ସେମାନଙ୍କ ସ୍ୱାମୀକୁ ହରେଇ ଅଧିକ ଅସୁରକ୍ଷିତ ହୋଇପଡ଼ିଛନ୍ତି।

ପାଠକେ, ବୟସକୁ ତ ଅଟକେଇ ହେବନାହିଁ, ତେବେ ଭାରତ ପାଇଁ ଯାହା ସବୁଠୁ ଚିନ୍ତାଜନକ ତାହା ହେଉଛି ସ୍ୱାସ୍ଥ୍ୟସେବା, ପେନ୍‌ସନ ଯୋଜନା/ପରିଣତ ବୟସରେ ରୋଜଗାର ଏବଂ ବିଶେଷ ଭାବରେ ପରିଣତ ବୟସରେ ସେବା ଶୁଶ୍ରୂଷା। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ପାଲିଏଟିଭ କେୟାର (ଉପଶମକାରୀ ସେବା) ରହିଛି ବୋଲି ଯଦିଓ କୁହାଯାଉଛି ଏହା ଖୁବ୍ ସୀମିତ ଏବଂ ଆପଣ କହିପାରନ୍ତି ସାଙ୍କେତିକ। ସରକାରୀ ସୁବିଧା ବାବଦରେ ଘରୋଇ ଡାକ୍ତରଖାନା ଏବଂ ଗୋଷ୍ଠୀ ସହାୟତାରେ ସକ୍ରିୟ ଥିବା ଅନୁଷ୍ଠାନରେ ଏମିତି ସୁବିଧା ବେଶ୍ ବ୍ୟୟବହୁଳ। ଏଣେ ଭାରତରେ କର୍କଟ, ବୃକ୍କ, ଆଲଝିମର, ପାରକିନ୍‌ସନ, ଏଏଲଏସ୍ ଏବଂ ହୃଦ୍‌ରୋଗୀଙ୍କ ସଂଖ୍ୟା ପ୍ରତିଦିନ ବଢ଼ି ବଢ଼ି ଚାଲିଛି; ଯେଉଁମାନେ ପରିଣତ ବୟସରେ ଉପଶମକାରୀ ସେବା ଶୁଶ୍ରୂଷା ଆବଶ୍ୟକ କରନ୍ତି। ବାକି ରହିଲା ନିଜ ପରିବାରରେ ବୟସ୍କମାନଙ୍କ ଯତ୍ନ। ପାଠକେ ଜାଣନ୍ତି ଯେ ଏକଦା ଦେବଭୂମି ଭାରତରେ ବୟସ୍କମାନଙ୍କୁ ଈଶ୍ୱର ଜ୍ଞାନ କରାଯାଉଥିଲା। ଦୁଃଖ ହେଉଛି ଆମ ସମୟରେ ଏହା ସାଙ୍କେତିକ ହୋଇ ଯାହା ରହିଛି। ଓଲଟି ସେମାନଙ୍କ ଉପରେ ହିଂସା ବଢୁଛି। ପରିବାର ପାଇଁ ସେମାନେ ବୋଝ ହୋଇ ରହୁଛନ୍ତି। ନିକଟରେ ଶେଷ ହୋଇଥିବା ଏକ ସର୍ଭେ ଅନୁସାରେ ୯.୬ ପ୍ରତିଶତରୁ ୬୧.୭ ପ୍ରତିଶତ ବୟସ୍କମାନଙ୍କ ଉପରେ ପ୍ରତ୍ୟକ୍ଷ ନଚେତ୍ ପରୋକ୍ଷରେ ଅତ୍ୟାଚାର ହେଉଛି ଏବଂ ଏଥିରୁ ୩୫ ପ୍ରତିଶତଙ୍କ କ୍ଷେତ୍ରରେ ପୁଅମାନେ ହିଁ ଉତ୍ପୀଡ଼ନର କାରଣ। ଦୁର୍ବ୍ୟବହାର ଭିତରେ ରହିଛି ଗାଳି, ମାଡ଼ ଓ ଅବହେଳା ଏବଂ ଆହୁରି ଦୁର୍ଭାଗ୍ୟଜନକ ହେଉଛି, ବେଶ୍ ଶିକ୍ଷିତ ଓ ସମ୍ପନ୍ନ ପରିବାରମାନଙ୍କରେ ମଧ୍ୟ ଏସବୁ ଘଟୁଛି। ସମ୍ଭବତଃ ଅଧିକ ଘଟୁଛି। ୨୦୧୧ ଜନଗଣନା ତଥ୍ୟ ଅନୁସାରେ ଆମ ରାଜ୍ୟରେ ଅନ୍ତତଃ ୪୦ ଲକ୍ଷ ଥିଲେ ୬୦ କିମ୍ବା ତଦୂର୍ଦ୍ଧ୍ୱ ବୟସର। ୭ ବର୍ଷ ତଳେ ଆକଳନ ହୋଇଥିଲା ଯେ ୨୦୨୬ ସୁଦ୍ଧା ଓଡ଼ିଶାରେ ବୟସ୍କ ନାଗରିକଙ୍କ ସଂଖ୍ୟା ଏହାର ମୋଟ ଜନସଂଖ୍ୟାର ୧୩.୮ ପ୍ରତିଶତରେ ପହଞ୍ଚିବ। ଏଇଠି କହିରଖେ ଯେ ୨୦୧୧ ଜନଗଣନା ଅନୁସାରେ ରାଜ୍ୟରେ ୪୦ ଲକ୍ଷ ବା ଏହାର ଜନସଂଖ୍ୟାର ୯.୫ ପ୍ରତିଶତ ୬୦ ବର୍ଷ ଉପରେ ରହିଥିଲେ, ଯାହା ଜାତୀୟ ହାରାହାରିଠୁ ଅଧିକ ଥିଲା (ଜାତୀୟ ହାରାହାରି ଥିଲା ୮.୬ ପ୍ରତିଶତ)। ଆପଣ ଚିନ୍ତା କରିପାରନ୍ତି।

**ମୋ:୯୪୩୭୧୩୭୦୬୦**



# ଗାଇଡ୍ ଓ ସ୍କଲାର

ଅରୁଣ କୁମାର ତ୍ରିପାଠୀ

ଦୁନିଆରେ ପ୍ରାୟତଃ ସବୁ କ୍ଷେତ୍ରରେ ଦୁର୍ନୀତି ହୁଏ, କିଛି ସେଥିରୁ କହିହୁଏ, ଆଉ କିଛି ଲୁଚିଯାଏ ଅବା କହିବାକୁ ଲାଜଲାଗେ। କିଛି ଜିଭ ଅଗକୁ ଆସି ରହିଯାଏ ତ କିଛି ପେଟ ଭିତରେ ଜୀର୍ଣ୍ଣ କରିବାକୁ ପଡ଼େ। ଏକଥା କ'ଣ ଗୋଟେ ଭାଇରାଲ କରିବି ଯେ? କଥାଟି ଦାଣ୍ଡରେ ପଡ଼ି ହାଟରେ ପଡ଼ିବ। 'ମୋର ଗୋଟିଏ ପର୍ସନାଲିଟି ରହିଛି ନା ନାହିଁ?' ନତୁବା 'ଲୋକେ ବୋଲିବେ କ'ଣ?' - ଆଦିକୁ ପାଥେୟ କରି ଅନେକ ବିଷୟ ରହିଯାଏ ଦୃଷ୍ଟି ଅନ୍ତୁଆଳରେ। ନିଜ ପଥରେ ପଡ଼ିଥିବା କଣ୍ଟାମାନଙ୍କୁ ସଫା ନ କଲେ ଅବା ରାସ୍ତାକଡ଼କୁ ନ ଫୋପାଡ଼ିଲେ ସେୟା ସେଇମାନଙ୍କ ପାଦରେ ଫୁଟିବ, ଯେଉଁମାନେ କିଛି ସମୟ ପରେ ସେହି ରାସ୍ତାରେ ଗତି କରିବେ। ସେହି ପରିପ୍ରେକ୍ଷୀରେ ଆଜିର ଆଲୋଚନା।

ଭାରତରେ ଗୁରୁକୁଳ ଆଶ୍ରମ ବ୍ୟବସ୍ଥା ହଟିବା ପରେ ବ୍ରିଟିଶ ଶିକ୍ଷା ପ୍ରଚଳନ ହେଲା। ସେହି ବ୍ୟବସ୍ଥାର ସର୍ବୋଚ୍ଚ ଶିକ୍ଷାଟି ହେଉଛି ଡି.ଲିଟ୍। ତାହା ତଳ ପାଠ ପିଏଚ.ଡ଼ି ବା ବିଦ୍ୟା ବାରିଧି। ପୂର୍ବରୁ ଏମ୍.ଫିଲ ବା ବିଦ୍ୟାନିଶାନ୍ତ ରହିଥିଲା କିନ୍ତୁ ନୂତନ ଶିକ୍ଷାନୀତି ଅନୁସରଣ ହେବା ପରେ ସେହି ପାଠ୍ୟକ୍ରମକୁ ବାତିଲ କରାଯାଇଛି। ଏହି ପାଠ୍ୟକ୍ରମ ନିମନ୍ତେ ଯୋଗ୍ୟତା ରହୁଛି ସ୍ନାତକୋତ୍ତର। ସାଧାରଣ ବର୍ଗଙ୍କ ନିମନ୍ତେ ୫୫ ଶତକଡ଼ା ବାଧ୍ୟତାମୂଳକ ହୋଇଥାଏ, ଯେଉଁମାନେ ଗବେଷଣା ନିମନ୍ତେ ଆବେଦନ କରିପାରନ୍ତି। ତତ୍‌ପଶ୍ଚାତ୍ ଏକ ପ୍ରବେଶିକା ପରୀକ୍ଷା ହୁଏ। ଯେଉଁମାନେ ଜାତୀୟ ଯୋଗ୍ୟତା ପରୀକ୍ଷାରେ ପୂର୍ବରୁ କୃତିତ୍ୱ ହାସଲ କରିଥା'ନ୍ତି ସେମାନଙ୍କୁ ଏହି ବିଶ୍ୱବିଦ୍ୟାଳୟ ଗବେଷଣା ଯୋଗ୍ୟତା ପରୀକ୍ଷା ନାମକ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ ନାହିଁ। ତା' ପରେ ଏକ ସାକ୍ଷାତ୍‌କାର ପରୀକ୍ଷା ହୁଏ, ଯେଉଁଥିରେ ପ୍ରତ୍ୟାଶୀର ଗବେଷଣା ଲକ୍ଷ୍ୟ ଏବଂ ତାହାର ସାଧନରେ ଅଭିଳାଷ କିଭଳି ରହୁଛି ସେହି ବିଷୟ ଆଲୋଚନା ହୁଏ। ପ୍ରତ୍ୟାଶୀ ସେହି ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହୋଇଗଲେ ଯୋଗ ଦିଅନ୍ତି। ଏକ ଛଅମାସିଆ କୋର୍ସ ୱାର୍କ ହୁଏ ଏବଂ ସେଥିରେ ଉତ୍ତୀର୍ଣ୍ଣ ପଶ୍ଚାତ୍ ଜଣେ ଗାଇଡ୍‌ଙ୍କ ତତ୍ତ୍ୱାବଧାନରେ ପିଏଚ.ଡି. ନିମିତ୍ତ ପଞ୍ଜୀକରଣ ହୁଏ। ଭଲ ଲୋକଟିଏ ଥିଲେ ବିଶେଷତଃ ଅସୁବିଧା ହୁଏ ନାହିଁ କିନ୍ତୁ କିଛି କଦର୍ଯ୍ୟ ଲୋକ ରହିଛନ୍ତି, ଯେଉଁମାନେ ସ୍କଲାରଙ୍କୁ ନିର୍ଯାତନା ଦିଅନ୍ତି।

ସମସ୍ତ ଗାଇଡ୍ ଖରାପ ନୁହନ୍ତି। ସେମାନଙ୍କ ମାଧ୍ୟମରେ ହିଁ ଗୂଢ଼ତତ୍ତ୍ୱ ସମାଜକୁ ଆସେ। କିନ୍ତୁ କେତେକଙ୍କ ପାଇଁ ଆଜି କିଛି ସ୍କଲାର ହଇରାଣ ହେଉଛନ୍ତି। ଗାଇଡ୍‌ଙ୍କ ତରଫରୁ ପ୍ରତ୍ୟାଶୀଟିକୁ ଯେଉଁସବୁ ନିର୍ଯାତନା ମିଳେ ତାହାକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ଗୋଟିଏ ହେଉଛି ସ୍ୱାର୍ଥଯୁକ୍ତ ନିର୍ଯାତନା ଆଉ ଗୋଟିଏ ହେଉଛି ସ୍ୱାର୍ଥବିହୀନ ନିର୍ଯାତନା। ପ୍ରଥମେ ଜାଣିନେବା



ସ୍ୱାର୍ଥବିହୀନ ନିର୍ଯାତନା କ'ଣ, ତାହା କାହିଁକି ହୁଏ ଏବଂ ସମାଧାନର ପନ୍ଥା କ'ଣ। କିଛି ଗାଇଡ୍ ଥା'ନ୍ତି ଯେଉଁମାନେ ସ୍କଲାରଟିର ମଙ୍ଗଳ ଚାହାନ୍ତି, ତାହାକୁ ବିଭିନ୍ନ ଉପଦେଶ ଏବଂ ଅନୁଭୂତି ବିତରଣ ସହକାରେ ମଙ୍ଗଳ ବିଧାନ କରନ୍ତି। ଆଉ କିଛି ଦୀର୍ଘ କାଳରେ ମଙ୍ଗଳ ବିଧାନ ନିମନ୍ତେ ଭାବୁଥିବା ସ୍ଥଳେ ସ୍ୱଳ୍ପ କାଳରେ ଛେନା ଚିପୁଡ଼ି ପାଣି କାଢ଼ିଲା ଭଳି କରନ୍ତି; ଯାହା ପଛରେ କାରଣ ଥାଏ, ତାଙ୍କ ଗାଇଡ୍ ତାଙ୍କୁ ଏହିଭଳି ଶୋଷଣ କରିଥିଲେ। ବୋହୂଟିଏ ଆସିଲେ ଶାଶୁ ତା'କୁ ଘରର ଚାଲିଚଳଣି, ପରମ୍ପରା ଆଦି ବିଷୟରେ ଅବଗତ କରେଇବା ଭଳି ଏହି ଗାଇଡ୍‌ଗୁଡ଼ିକୁ ତାଙ୍କ ସ୍କଲାରଙ୍କୁ ସେ ପାଇଥିବା ନିର୍ଯାତନା ସହ ପରିଚୟ କରାନ୍ତି। ପାଠ ମଧ୍ୟ ଆସ୍ତେ ଆସ୍ତେ କହନ୍ତି। ସମୟ ଏବଂ ପରିବେଶ ଭିତ୍ତିରେ ସ୍କଲାର ଯାଙ୍କୁ ଛାଡ଼ିକି ଯିବାର ନଜିର ରହିଛି।

ସ୍ୱାର୍ଥଯୁକ୍ତ ନିର୍ଯାତନାକୁ ଯଦି ଭାଗ କରିବା ତେବେ ସେୟା ମୁଖ୍ୟତଃ ଚାରି ପ୍ରକାରର ହୋଇପାରେ। ପ୍ରଥମତଃ ଶାରୀରିକ, ଦ୍ୱିତୀୟତଃ ଧାର୍ମିକ, ତୃତୀୟତଃ ଆର୍ଥିକ ଏବଂ ଚତୁର୍ଥତଃ ଈର୍ଷାଳୁ ସ୍ୱଭାବ। ଶାରୀରିକ ନିର୍ଯାତନାର ଶିକାର ମୁଖ୍ୟତଃ ମହିଳା ସ୍କଲାର ହୁଅନ୍ତି। ଧାର୍ମିକ ନିର୍ଯାତନା କଥା ଯଦି ଦେଖିବା, ବିଧର୍ମୀ ଗାଇଡ୍‌ଗୁଡ଼ିକ ସ୍କଲାରଟିର ଧର୍ମ ପରିବର୍ତ୍ତନ ଆଶାରେ ନିର୍ଯାତନା ଦିଅନ୍ତି। ଆର୍ଥିକ ନିର୍ଯାତନାରେ ସ୍କଲାରଠାରୁ କିଛି ଉପହାର ପାଇବା, ଅବା ନିଜର ଘରୋଇ କାର୍ଯ୍ୟ ସବୁ ତା' ହାତରେ କରେଇବା, ନିଜ ସ୍ତ୍ରୀର ଲୁଗାକୁ ଡ୍ରାଏ ୱାଶ୍ ପାଇଁ ତା' ହାତରେ ପଠେଇବା, ଛୁଆଙ୍କୁ ସ୍କୁଲ ପଠେଇବା ଓ ଆଣିବା, ତା' ହାତରେ ଟ୍ରେନ୍ ଟିକଟ ତଥା ଫ୍ଲାଇଟ ଟିକଟ କରେଇବା ଆଦି। ଚତୁର୍ଥତଃ ଈର୍ଷାଳୁ ସ୍ୱଭାବ ହେଲା, ଏହି ପିଲାଟି ସ୍ନାତକୋତ୍ତରରେ ସ୍ୱର୍ଣ୍ଣପଦକ ପାଇଥିଲା, ତାକୁ ଭୂମି ଚଟେଇ ନ ଦେଲେ ବହୁତ ଉପରକୁ ଉଠିଯିବ; ଯାହା ବି ହଉ ପିଲାଟା ଦବିକି ରହୁ। ତାହାର ଅନେକ ପ୍ରକାଶନ ହେଲେ ମଧ୍ୟ କିଛି ଗାଇଡ୍ ଈର୍ଷାଳୁ ହୋଇ ଛାପିବାକୁ ମନା କରିଦିଅନ୍ତି। ତାହାକୁ ନେଇ ନିଜ ପରିଜନଙ୍କ ନାମରେ ଛାପନ୍ତି।

ସେ ଯାହା ବି ହଉ, ନ୍ୟୂନତମ ହେଲେ ମଧ୍ୟ କିଛି ସ୍କଲାର ମାନସିକ ସନ୍ତୁଳନ ହରେଇ ଆତ୍ମହତ୍ୟା କରନ୍ତି, କିଛି ଅଧାରୁ ପାଠ ଛାଡି ପଳାନ୍ତି ଆଉ କିଛି ପିଲା ସ୍କଲାରଶିପ ଆଶାରେ କାମ ନ କରି ଗୋଦରା ଗୋଡ଼ରେ ମାଉଁସ ଲାଗିବା ଭଳି ଗାଇଡ୍‌ଙ୍କୁ ମଧ୍ୟ ହଇରାଣ କରନ୍ତି। ତେବେ ଭାରତୀୟ ଜ୍ଞାନ ପରମ୍ପରାରେ ତାହାର ସୁଷମ ବଣ୍ଟନ କରି ଏକ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ସମସ୍ତଙ୍କ ଧ୍ୟେୟ ହେବା ଉଚିତ। ଯେହେତୁ ଉଚ୍ଚଶିକ୍ଷାରେ କମ୍ ସଂଖ୍ୟକ ଛାତ୍ର ହିଁ ପହଞ୍ଚି ପାରନ୍ତି, ଏହି ବିଷୟଗୁଡ଼ିକ କେବେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ କାନରେ ବାଜିପାରେ ନାହିଁ। ଉପଯୁକ୍ତ ଖାପଖୁଆଇ ଚଳିବା, ବିବାଦର ସମାଧାନ କିଭଳି କରିବା ଆଦି ବିଷୟରେ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ ଯଥାଶୀଘ୍ର ମାର୍ଗଦର୍ଶିକା ଜାରି କରିବା ସହ ସମସ୍ତେ ସଙ୍କୀର୍ଣ୍ଣତାରୁ ଉଠିପାରିଲେ ଦେଶ ଓ ଦଶର ଉନ୍ନତି ହେବ।

**ୱିମେନ ଷ୍ଟଡିଜ୍ ରିସର୍ଚ୍ଚ ସ୍କଲାର**
**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**
**ମୋ : ୯୦୭୮୮୩୮୬୨୭**

## ଏଇ ଭାରତରେ

ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଭାରତରେ ସାପ କାମୁଡ଼ାରେ ପ୍ରତିବର୍ଷ ୬୪,୦୦୦ ଲୋକଙ୍କ ମୃତ୍ୟୁ ହେଉଛି ଓ ଏହା ବେଶି ଗ୍ରାମାଞ୍ଚଳରେ ଘଟୁଛି। ତେବେ ସାପକାମୁଡ଼ାଜନିତ ମୃତ୍ୟୁ ରୋକିବା ଲାଗି ମହାରାଷ୍ଟ୍ରର ଦମ୍ପତି ଯେଉଁ ପଦକ୍ଷେପ ନେଉଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ। ଡ. ସଦାନନ୍ଦ ଓ ତାଙ୍କ ସ୍ତ୍ରୀ ପଲ୍ଲବୀ ରାଉତ ସାପ କାମୁଡ଼ିଥିବା ଲୋକମାନଙ୍କୁ ଠିକ୍ ସମୟରେ ଚିକିତ୍ସା ଯୋଗାଇ ଜୀବନ ରକ୍ଷା କରୁଛନ୍ତି। ଏବେସୁଦ୍ଧା ସେମାନେ ୬,୦୦୦ ଲୋକଙ୍କୁ ଜୀବନ ବଞ୍ଚାଇ ସାରିଲେଣି। ସଦାନନ୍ଦ ମେଡିସିନ୍‌ରେ ଡିଗ୍ରୀ ହାସଲ କରିଛନ୍ତି। ନାରାୟଣଗାଁର ସେ ୧୯୯୨ରେ କ୍ଲିନିକ ଖୋଲି ଲୋକଙ୍କ ଚିକିତ୍ସା କରୁଥିଲେ । ପରେ ସେଠାରେ ୧୯୯୫ରୁ ମାଗଣାରେ ବିଷଧର ସାପ କାମୁଡ଼ାର ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା କରୁଛନ୍ତି। ଏହି କାର୍ଯ୍ୟରେ ତାଙ୍କ ସ୍ତ୍ରୀ ପଲ୍ଲବୀ ସମ୍ପୂର୍ଣ୍ଣ ସହଯୋଗ କରିଆସୁଛନ୍ତି। ଏହାବ୍ୟତୀତ ଏହି ଦମ୍ପତି ସାପକାମୁଡ଼ା ସମ୍ପର୍କରେ ବିଭିନ୍ନ ଗାଁ, ସ୍କୁଲ ଓ କଲେଜରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ସେମାନେ ଏଯାବତ୍ ୧୦,୦୦୦ ଛାତ୍ରୀଛାତ୍ର ଓ ୨୦୦୦ ଶିକ୍ଷକଙ୍କୁ ଏ ସମ୍ପର୍କରେ ସଚେତନ କରିବା ସହ ସାପକାମୁଡ଼ାର ପ୍ରାରମ୍ଭିକ ଚିକିତ୍ସା ଉପରେ ପ୍ରଶିକ୍ଷଣ ଦେଇସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୮ ନଭେମ୍ବର ୧୯୯୮

- ଭାରତ ଏବଂ ପାକିସ୍ତାନ ସମେତ ୬ଟି ଦେଶ ଜାତିସଂଘର ବଜେଟ୍ କମିଟିକୁ ନିର୍ବାଚିତ।
- ଏଲ୍‌ଟିଟିଇ ଉଗ୍ରବାଦୀଙ୍କ କାର୍ଯ୍ୟକଳାପ ଉପରେ ତଦନ୍ତ ଅଭିଯାନ ଚଳାଇବା ପରିପ୍ରେକ୍ଷୀରେ ଶ୍ରୀଲଙ୍କା ସାମରିକ ବାହିନୀକୁ ଅସ୍ତ୍ରଶସ୍ତ୍ର ବିକ୍ରୟ ଉପରେ ଦକ୍ଷିଣ ଆଫ୍ରିକାର ନିଷେଧାଦେଶ ଜାରି।
- ପାକିସ୍ତାନକୁ ଆର୍ଥିକ ସଙ୍କଟରୁ ମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କ ଘନିଷ୍ଠ ସହଯୋଗୀ ଲ୍ୟୁଟ୍‌ନାଣ୍ଟ ଇଶାକ ଦରଙ୍କୁ ଦେଶର ନୂତନ ଅର୍ଥମନ୍ତ୍ରୀ ଭାବେ ନିଯୁକ୍ତି ପ୍ରଦାନ।

# ପାଠକ ଶ୍ରେଷ୍ଠ ବିଚାରକ

## ଗଣତନ୍ତ୍ର ପାଇଁ ଶୁଭଙ୍କର

ମହାଶୟ,

ଚଳିତ ମାସ ୭ ତାରିଖରୁ ୩୦ ତାରିଖ ମଧ୍ୟରେ ବିଧାନସଭା ନିର୍ବାଚନ ହେଉଥିବା ୫ଟି ରାଜ୍ୟ ମଧ୍ୟରୁ ୪ଟି ରାଜ୍ୟ ତଥା ରାଜସ୍ଥାନ, ଛତିଶଗଡ, ମଧ୍ୟପ୍ରଦେଶ ଏବଂ ତେଲଙ୍ଗାନାରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଲକ୍ଷ୍ୟ କରାଯାଏ। ଏହି ରାଜ୍ୟଗୁଡ଼ିକ ମଧ୍ୟରୁ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ଦେଶର ଦୁଇ ପ୍ରମୁଖ ଜାତୀୟ ଦଳ କଂଗ୍ରେସ ଓ ଭାଜପା ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଅନ୍ୟ ଦଳଗୁଡ଼ିକରେ ସ୍ଥିତି ଅତି ନଗଣ୍ୟ ରହିଥିବା ଏକ ଘରୋଇ ସଂସ୍ଥା ପକ୍ଷରୁ ପ୍ରକାଶିତ ସବିଶେଷ ବିଧାନସଭା ନିର୍ବାଚନ ବିଶ୍ଳେଷଣ ରିପୋର୍ଟରୁ ଜଣାଯାଇଛି। ଦକ୍ଷିଣ ଭାରତୀୟ ରାଜ୍ୟ ତେଲଙ୍ଗାନାରେ ଭାଜପା ଯଦି କୌଣସି ଚମତ୍କାରୀତା ପ୍ରଦର୍ଶନ ନ କରେ ତେବେ ମୁଖ୍ୟତଃ କଂଗ୍ରେସ ଏବଂ ଭାରତ ରାଷ୍ଟ୍ର ସମିତି (ବିଆରଏସ୍) ମଧ୍ୟରେ ସିଧାସଳଖ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବା ସମ୍ଭାବନାକୁ ଅଗ୍ରାହ୍ୟ କରାଯାଇ ନ ପାରେ ବୋଲି ରିପୋର୍ଟରେ କୁହାଯାଇଛି। ଦେଶରେ ଲୋକ ସଭା ନିର୍ବାଚନ ପୂର୍ବରୁ ୫ଟି ରାଜ୍ୟର ବିଧାନସଭା ନିର୍ବାଚନକୁ ମିନି ସାଧାରଣ ନିର୍ବାଚନ କୁହାଯାଇଥିବାରୁ ଏହାର ଫଳାଫଳ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ଅନ୍ୟପକ୍ଷରେ ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ଲାଗି ନିର୍ବାଚନ କମିଶନ ଗ୍ରହଣ କରିଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ରାଜସ୍ଥାନରେ ଦେଇଥିବା ମନ୍ତବ୍ୟ ପାଇଁ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ, ଛତିଶଗଡରେ ମନ୍ତବ୍ୟ ପାଇଁ ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ନିର୍ବାଚନ କମିଶନ କୌଣସି ସମୟ ନଷ୍ଟ ନ କରି ନୋଟିସ୍ ଦେବା ଏକ ଯଥାର୍ଥ ପଦକ୍ଷେପ, ଏଥିରେ ସନ୍ଦେହ ନାହିଁ। ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ କମିଶନର ନୋଟିସ୍ ଜାରି କରିଛନ୍ତି। ସେହିପରି କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ବରିଷ୍ଠ ଅଫିସରଙ୍କ ରଥଯାତ୍ରାକୁ ଉପନିର୍ବାଚନ ହେଉଥିବା ନାଗାଲାଣ୍ଡରେ ନିଷିଦ୍ଧ କରିଛି, ଯାହା କି ଏକ ଯଥାର୍ଥ ପଦକ୍ଷେପ ବୋଲି କୁହାଯାଇପାରିବ। ଚଳିତ ନିର୍ବାଚନରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଯେଉଁଭଳି ପ୍ରତିଯୋଗିତାମୂଳକ ପ୍ରତିଦ୍ୱନ୍ଦ୍ୱିତା ହେଉଛି, ଯାହା କି ଗଣତନ୍ତ୍ର ପାଇଁ ଶୁଭଙ୍କର।

**–ସୌଭାଗ୍ୟ ରଞ୍ଜନ ମହାନ୍ତି, ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼**

## ଚିରନ୍ତନୀ

ଖସିଗଲା କଳସୀ କାଖରୁ ତଳେ
ଚରଣ ଯୁଗଳ ଯେ ତିନ୍ତିଲା ଜଳେ,
ଅଯତନ ବେଶ ଗୋ ବାସ ଭୂଷଣ
କି ଶବଦ ବିହିଲା ଏତେ କଷଣ !
–(ବଂଶୀ ଧ୍ୱନି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପର୍ତ୍ତୁଗାଲ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା


ଆଣ୍ଟୋନିଓ କୋଷ୍ଟା

**ଲିସ୍‌ବନ,୭।୧୧:** ଏକ ଦୁର୍ନୀତି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ପର୍ତ୍ତୁଗାଲ ପ୍ରଧାନମନ୍ତ୍ରୀ ଆଣ୍ଟୋନିଓ କୋଷ୍ଟା ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଆଣ୍ଟୋନିଓ ନିଜକୁ ନିର୍ଦ୍ଦୋଷ ବୋଲି କହିବା ସହ ବର୍ତ୍ତମାନର ସ୍ଥିତିକୁ ଦେଖି ସେ ରାଷ୍ଟ୍ରପତିଙ୍କୁ ତାଙ୍କ ଇସ୍ତଫାପତ୍ର ଦେଇଥିବା ଜାତୀୟ ଟେଲିଭିଜନକୁ ଆଣ୍ଟୋନିଓ କହିଛନ୍ତି। ଆଣ୍ଟୋନିଓ ଇସ୍ତଫା ଦେବାର କିଛି ସମୟ ପୂର୍ବରୁ ପୋଲିସ ତାଙ୍କ ଚିଫ୍ ଅଫ୍ ଷ୍ଟାଫ୍‌ଙ୍କୁ ଗିରଫ କରିଥିଲା। ଦୁର୍ନୀତି ଅଭିଯୋଗର ତଦନ୍ତ ଚଳାଇଥିବା ପୋଲିସ ବିଭିନ୍ନ ସରକାରୀ ବିଲ୍ଡିଂ ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ ଜାରି ରଖିଛି।

### କୋଭିଡ୍‌ର ନୂଆ ଭାରିଆଣ୍ଟ ଜେଏନ୍.୧



**ନୂଆଦିଲ୍ଲୀ,୭।୧୧:** କୋଭିଡ୍-୧୯ ଭୂତାଣୁର ସଦ୍ୟତମ ଭାରିଆଣ୍ଟ 'ଜେଏନ୍.୧' ଚିହ୍ନଟ ହୋଇଛି, ଯାହା ଅଧିକ ସଂକ୍ରାମକ ଏବଂ ଟିକାର ରୋଗ ପ୍ରତିରୋଧ ଶକ୍ତିକୁ ଅତିକ୍ରମ କରିପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଜେଏନ୍.୧ ଭାରିଆଣ୍ଟ ଗତ ଅଗଷ୍ଟ ୨୩ରେ ପ୍ରଥମେ ଲକ୍ସମବର୍ଗରେ ଓ ପରେ ଇଂଲଣ୍ଡ, ଆଇସ୍‌ଲ୍ୟାଣ୍ଡ, ଫ୍ରାନ୍ସ ଏବଂ ଆମେରିକାରେ ଠାବ ହୋଇଛି। ଅନ୍ୟ ଭାରିଆଣ୍ଟ ତୁଳନାରେ ଏଥିରେ ଭିନ୍ନତାକୁ ଦେଖି ବୈଜ୍ଞାନିକମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। କୋଭିଡ୍‌ର ଏଚ୍‌ଭି.୧ ଭାରିଆଣ୍ଟରେ ଏକ୍ସବିବି.୧.୫ ଭାରିଆଣ୍ଟ ତୁଳନାରେ ୧୦ ଅତିରିକ୍ତ ମ୍ୟୁଟେଶନ ଥିବାବେଳେ ଜେଏନ୍.୧ରେ ୪୧ ଅତିରିକ୍ତ ଅନନ୍ୟ ମ୍ୟୁଟେଶନ ରହିଛି। ଏହାର ସ୍ପାଇକ୍ ପ୍ରୋଟିନ୍‌ରେ ଭିନ୍ନତା ଥିବାରୁ ସଂକ୍ରମଣ ବଢ଼ାଇବା ସହ ଇମ୍ୟୁନିଟିକୁ ପ୍ରତିହତ କରିବ, ଅର୍ଥାତ୍ ବର୍ତ୍ତମାନ ଉପଲବ୍ଧ ଥିବା କୋଭିଡ୍ ଟିକା ଜେଏନ୍.୧ କ୍ଷେତ୍ରରେ କାମ କରିବ ନାହିଁ ବୋଲି କୁହାଯାଉଛି।

### କେନ୍ଦ୍ରମନ୍ତ୍ରୀଙ୍କ କାର୍ ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ

**ଭୋପାଳ,୭।୧୧:** ମଧ୍ୟପ୍ରଦେଶରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ପଟେଲଙ୍କ କାର୍ ଧକ୍କାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ହେବା ସହ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣାରେ ମନ୍ତ୍ରୀ ମଧ୍ୟ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ପଟେଲ ମଙ୍ଗଳବାର ଛନ୍ଦୱାରାରୁ ନରସିଂପୁର ଯାଉଥିବାବେଳେ ଦୁର୍ଘଟଣା ଘଟିଛି। ଶିକ୍ଷକ ନିରଞ୍ଜନ ଚନ୍ଦ୍ରବଂଶୀ ସ୍କୁଲ ସାରି ଘରକୁ ବାଇକ୍ ଯୋଗେ ଫେରୁଥିବାବେଳେ ଛିନ୍ଦୱାରାର ଅମରୱାରାଠାରେ ମନ୍ତ୍ରୀଙ୍କ କାର୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ସହ ବାଇକ୍‌ରେ ଦୁଇ ପୁଅ ନିଖିଲ ନରଞ୍ଜନ (୭) ଓ ଶଙ୍କର ନିରଞ୍ଜନ ଥିଲେ। ନିରଞ୍ଜନଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଆହତଙ୍କୁ ନାଗପୁର ହସ୍ପିଟାଲ ପଠାଯାଇଛି।

# ଡିପ୍‌ଫେକ୍ ଆତଙ୍କ

## ଜଣଙ୍କ ମୁହଁ, ଅନ୍ୟ ଜଣଙ୍କ ଦେହ

**ବିଜ୍ଞାନ ଓ ପ୍ରଯୁକ୍ତିର ଅଗ୍ରଗତି ଅନେକ ଦୁରୂହ କାର୍ଯ୍ୟକୁ ସହଜ କରିଦେଉଥିବାବେଳେ ଏହାର ଦୁରୁପଯୋଗ ସମଗ୍ର ମାନବଜାତି ପାଇଁ ଅଭିଶାପ ପାଲଟିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସହାୟତାରେ ଅସମ୍ଭବକୁ ସମ୍ଭବ କରାଯାଇପାରୁଛି। ସାଉଥ୍ ବ୍ୟୁଟି ରଶ୍ମିକା ମନ୍ଦାନାଙ୍କ ଲିଫ୍ଟ ଭିଡିଓ ହେଉ ଅଥବା ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ଟାୱେଲ ସିନ୍ ଅତ୍ୟାଧୁନିକ ଟେକ୍ନୋଲୋଜିର ନକାରାତ୍ମକ ଦିଗକୁ ହିଁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।**

ମୁମ୍ବାଇ/ନୂଆଦିଲ୍ଲୀ/ୱାଶିଂଟନ୍,୭।୧୧
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)


ଜାରା ପଟେଲ


ରଶ୍ମିକା ମନ୍ଦାନା

ଏଆଇ କରାମତି





ଦକ୍ଷିଣ ଭାରତୀୟ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଏକ ଭିଡିଓ ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ଏଥିରେ ସେ କଳାରଙ୍ଗର ବସ୍ତ୍ର ପରିଧାନ କରି ଲିଫ୍ଟରେ ପ୍ରବେଶ କରୁଥିବା ଦେଖିବା ମିଳୁଛି। ଯିଏ ଦେଖିଲେ ବି ଧୋକା ଖାଇଯିବେ। ଭାବିବେ ଏହା ସେହି ୨୧ ବର୍ଷୀୟା 'ପୁଷ୍ପା'ଫେମ୍ ରଶ୍ମିକା। କିନ୍ତୁ ବାସ୍ତବରେ ସେ ରଶ୍ମିକା ନୁହନ୍ତି, ତାଙ୍କ ଭଳି ଅବିକଳ ଦେଖାଯାଉଥିବା ଭିନ୍ନ ଜଣେ ଯୁବତୀ। ସମ୍ପାଦିତ ଭିଡିଓଟିକୁ ଦେଖିବା ପରେ ରଶ୍ମିକା ବିଚଳିତ ହୋଇଯାଇଥିବା ଏବଂ ତାହା ତାଙ୍କୁ କଷ୍ଟ ଦେଇଥିବା ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଏହି ଘଟଣା ସିନେ ଜଗତରେ ହଇଚଇ ସୃଷ୍ଟି କରିଛି। ରଶ୍ମିକାଙ୍କୁ ନେଇ ଭାଇରାଲ୍ ଭିଡିଓ ଉପରେ ତାଙ୍କ 'ଗୁଡ୍‌ବାୟ' ସହଅଭିନେତା ତଥା ସୁପରଷ୍ଟାର ଅମିତାଭ ବଚ୍ଚନ ନିଜ ପ୍ରତିକ୍ରିୟା ରଖିଛନ୍ତି। ବିଗ୍ ବି ଏଥିପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। କେବଳ ଅଭିତାଭ ନୁହନ୍ତି, ବହୁ ଲୋକ ଏହାକୁ ଦେଖି ଆଚମ୍ବିତ ହୋଇଯାଇଛନ୍ତି। କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ବୋଲି ସେମାନେ ମତ ରଖିଛନ୍ତି।

ଭିଡିଓରେ ଦେଖାଯାଉଥିବା ମହିଳା ହେଉଛନ୍ତି ବ୍ରିଟିଶ୍-ଭାରତୀୟ ଇନ୍‌ଫ୍ଲୁଏନ୍ସର ଜାରା ପଟେଲ। ଇନ୍‌ଷ୍ଟାଗ୍ରାମରେ ତାଙ୍କର ୪.୫ ଲକ୍ଷ ଅନୁଗାମୀ ଅଛନ୍ତି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ନିଜ ବୋଲ୍ଡ କଣ୍ଟେଣ୍ଟ ପାଇଁ ସେ ପରିଚିତ। ଜାରା ଉକ୍ତ ଭିଡିଓକୁ ଅକ୍ଟୋବର ୯ରେ ଅପ୍‌ଲୋଡ୍ କରିଥିଲେ। ଡିପ୍‌ଫେକ୍ ଭିଡିଓରେ ତାଙ୍କ ପରିବର୍ତ୍ତେ ରଶ୍ମିକାଙ୍କ ମୁହଁ କିପରି ଦେଖିବାକୁ ମିଳିଛି ସେ ଜାଣି ନ ଥିବା ଏବଂ ଏହି କାଣ୍ଡରେ ତାଙ୍କ ସମ୍ପୃକ୍ତି ନ ଥିବା ପ୍ରକାଶ କରିଛନ୍ତି। ନିଜ ଇନ୍‌ଷ୍ଟା ଆକାଉଣ୍ଟରେ ଜାରା କହିଛନ୍ତି, ଏହି ଘଟଣା ପରେ ସେ ଅତ୍ୟନ୍ତ ବିଚଳିତ ହୋଇପଡ଼ିଛନ୍ତି। ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ନିଜ ଫଟୋ ଓ ଭିଡିଓ ପୋଷ୍ଟ କରିବା ସମୟରେ ମହିଳା ଓ ଝିଅମାନଙ୍କୁ ଅଧିକ ସତର୍କ ହେବାକୁ ପଡ଼ିବ। କେବଳ ରଶ୍ମିକା ନୁହନ୍ତି, ଅଭିନେତ୍ରୀ କ୍ୟାଟ୍ରିନା କୈଫ ମଧ୍ୟ ଡିପ୍‌ଫେକ୍ ଟେକ୍ନୋଲୋଜିର ଶିକାର ହୋଇଛନ୍ତି। 'ଟାଇଗର ୩'ର ଏକ ଭିଡିଓକୁ ଏଡିଟ୍ କରି ଭାଇରାଲ କରାଯାଇଛି। ଏଥିରେ କ୍ୟାଟ୍ରିନା ଟାୱେଲ ପରିବର୍ତ୍ତେ ଏକ ଲୋ-କଟ୍ ହ୍ୱାଇଟ୍ ଟପ୍ ଏବଂ ମ୍ୟାଚିଂ ବଟମ୍ ପିନ୍ଧିଥିବା ଦେଖିବାକୁ ମିଳିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରୟୋଗ ବଳରେ ଏପରି କରାଯାଇଥିବା କୁହାଯାଉଛି। ଏଆଇ ସହାୟତାରେ ଜଣେ ବ୍ୟକ୍ତିଙ୍କ ମୁହଁ ଓ ଅନ୍ୟ ଜଣଙ୍କ ଶରୀରକୁ ମିଶାଇ ବା ଏଭଳି ବିଭିନ୍ନ ପ୍ରକାର ହେରଫେର କରି ଭିଡିଓ ପ୍ରସ୍ତୁତ କରାଯାଇପାରେ। ସେଲିବ୍ରିଟିମାନଙ୍କ ଅଜାଣତରେ ସେମାନଙ୍କ ପର୍ନ (ଅଶ୍ଳୀଳ) ଫିଲ୍ମ ପ୍ରସ୍ତୁତି ବେଳେ ଏହି ଟେକ୍ନୋଲୋଜିର ସହାୟତା ନିଆଯାଇଥାଏ। ପୂର୍ବରୁ ଟମ୍ ହଂକ୍ସ ଓ କ୍ରିଷ୍ଟେନ୍ ବେଲ୍‌ଙ୍କ ଭଳି ସେଲିବ୍ରିଟି ଏହାର ଶିକାର ହୋଇସାରିଛନ୍ତି। ତେବେ ଏଆଇ ଟୁଲ୍ ଉପଯୋଗରେ କୌଣସି ବ୍ୟକ୍ତି ବିଶେଷକରି ମହିଳାଙ୍କ ସମ୍ମାନ ହାନି ହେଲା ଭଳି ଫଟୋ/ଭିଡିଓ ଜାଲିଆତି କରିବା ଆପରାଧିକ କାର୍ଯ୍ୟ।

କେନ୍ଦ୍ର ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକୁ ଭୁଲ୍ ତଥ୍ୟ ନିରୋଧୀ ଅଭିଯାନ ସମ୍ପର୍କିତ ସେମାନଙ୍କ ଆଇନଗତ ଉତ୍ତରଦାୟିତ୍ୱ ଉପରେ ଚେତାଇ ଦେଇଛନ୍ତି। ଇଣ୍ଟରନେଟ୍ ବ୍ୟବହାର କରୁଥିବା ସମସ୍ତ ନାଗରିକଙ୍କ ସୁରକ୍ଷା ଓ ଆସ୍ଥା ସୁନିଶ୍ଚିତ କରିବା ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ। ୨୦୨୩ ଏପ୍ରିଲରେ କରାଯାଇଥିବା ସୂଚନା ପ୍ରଯୁକ୍ତି (ଆଇଟି) ରୁଲ୍ସ ଅଧୀନରେ ଏଭଳି କଣ୍ଟେଣ୍ଟକୁ ହଟାଇବା ପ୍ଲାଟ୍‌ଫର୍ମଗୁଡ଼ିକର ଦାୟିତ୍ୱ। ଏହାର ଅନୁପାଳନ ନ କଲେ ରୁଲ୍ ୭ ଲାଗୁ ହେବ ଏବଂ ମଞ୍ଚଗୁଡ଼ିକୁ କୋର୍ଟର କାଠଗଡ଼ାକୁ ଟଣାଯାଇପାରିବ। ସଦ୍ୟ ଡିପ୍‌ଫେକ୍ସଗୁଡ଼ିକ ସୂଚନାକୁ ନଷ୍ଟ କରିଦେବା ସହ ବିପଜ୍ଜନକ ଧାରା ସୃଷ୍ଟି କରିଥିବା ରାଜୀବ କହିଛନ୍ତି।

## ରଶ୍ମିକାଙ୍କ ପରେ କ୍ୟାଟ୍ରିନା ଶିକାର


କ୍ୟାଟ୍ରିନା କୈଫ୍‌ଙ୍କ ଟାୱେଲ ସିନ୍‌ର ଡିପ୍‌ଫେକ୍।

### ୨୪ ଘଣ୍ଟାରେ ହଟିବ ଜାଲ୍ ଭିଡିଓ: କେନ୍ଦ୍ର

ସୂଚନା ପ୍ରଯୁକ୍ତି ଆଇନ-୨୦୨୩, ରୁଲ୍ସ ୭ ବଳରେ ଅଭିଯୋଗ ଦାଖଲର ୨୪ ଘଣ୍ଟା ମଧ୍ୟରେ ଜାଲ୍ ଭିଡିଓ ଏବଂ ଫଟୋଗୁଡ଼ିକୁ ହଟାଇବାକୁ ପଡ଼ିବ ବୋଲି ଏକ୍ସ, ଇନ୍‌ଷ୍ଟାଗ୍ରାମ୍ ଏବଂ ଫେସ୍‌ବୁକ୍ ସମେତ ସମସ୍ତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଅବମାନନା ହେଲେ ସମ୍ପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅଭିନେତ୍ରୀ ରଶ୍ମିକା ମନ୍ଦାନା ଓ କ୍ୟାଟ୍ରିନା କୈଫ୍‌ଙ୍କ ଡିପ୍‌ଫେକ୍ ଭିଡିଓ ଭାଇରାଲ ହେବା ପରେ ମଙ୍ଗଳବାର କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଥିବା ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ତଦନ୍ତକାରୀ ସଂସ୍ଥା ସରକାର ଚଳାଇପାରିବ ନାହିଁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୭।୧୧

ଗଣମାଧ୍ୟମ ପ୍ରତିନିଧିମାନେ ନିଜସ୍ୱ ଉତ୍ସରୁ ଖବର ସଂଗ୍ରହ କରିଥାନ୍ତି। କୌଣସି ତଦନ୍ତ ପାଇଁ ସାମ୍ବାଦିକଙ୍କ ଡିଜିଟାଲ ଉପକରଣ ଜବତ କରିବା ନିମନ୍ତେ କେନ୍ଦ୍ର ସରକାର ସ୍ୱତନ୍ତ୍ର ଗାଇଡ୍‌ଲାଇନ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ଖବରଦାତାଙ୍କ ଉପକରଣ ଜବତ ପାଇଁ ଆଇନ ପ୍ରଣୟନକାରୀ ସଂସ୍ଥାଗୁଡ଼ିକ ପାଇଁ ସବିଶେଷ ଗାଇଡ୍‌ଲାଇନ ରଖିବା ନିମନ୍ତେ ଫାଉଣ୍ଡେଶନ ଫର୍ ମିଡିଆ ପ୍ରଫେସନାଲ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିବାବେଳେ ଏହାର ଶୁଣାଣି ଅବସରରେ ଜଷ୍ଟିସ ସଞ୍ଜୟ କିଷନ କୌଲ ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଖବରଦାତାମାନଙ୍କ ଡିଜିଟାଲ ଉପକରଣ ଜବତ କରିବା ଏକ ଗମ୍ଭୀର ବିଷୟ। ସେମାନଙ୍କର ନିଜସ୍ୱ ଉତ୍ସ ରହିଛି। ଆମକୁ ଗୋପନୀୟତା ମୌଳିକ ଅଧିକାରକୁ ବଜାୟ ରଖିବାକୁ ହେବ। ଏଥିରେ ସନ୍ତୁଳନ ରହିବା ଜରୁରୀ ବୋଲି ଖଣ୍ଡପୀଠ କହିବା ସହ ପରବର୍ତ୍ତୀ ଶୁଣାଣି ଡିସେମ୍ବର ୬କୁ ଧାର୍ଯ୍ୟ କରିଛନ୍ତି। ଏହି ସମୟ ମଧ୍ୟରେ କେନ୍ଦ୍ର ଗାଇଡ୍‌ଲାଇନ ପ୍ରସ୍ତୁତ କରନ୍ତୁ, ନଚେତ୍ ଆମକୁ କରିବାକୁ ଦିଅନ୍ତୁ ବୋଲି ଖଣ୍ଡପୀଠ କହିଛନ୍ତି। ତଦନ୍ତକାରୀ ସଂସ୍ଥା ସରକାର ଚଳାଇପାରିବ ନାହିଁ ବୋଲି ଜଷ୍ଟିସ୍ କୌଲ କହିଥିଲେ। କେନ୍ଦ୍ର ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ କହିଥିଲେ, ଏହା ଏକ ଜଟିଳ ଆଇନଗତ ପ୍ରସଙ୍ଗ। ଗଣମାଧ୍ୟମର ଅଧିକାର ରହିଛି, କିନ୍ତୁ ଏହା ଆଇନର ଊର୍ଦ୍ଧ୍ୱରେ ନୁହେଁ ବୋଲି ରାଜୁ କହିଥିଲେ।

## ଝଡ଼ରେ ୧୦୦ ଯାତ୍ରୀ ଆହତ ହେବାରୁ ବ୍ରିଟେନ୍ ଫେରିଗଲା କ୍ରୁଜ୍ ଜାହାଜ



ଲଣ୍ଡନ,୭।୧୧

ସାଗା କ୍ରୁଜ୍‌ସ ସଂସ୍ଥାର ଜାହାଜ 'ସ୍ପିରିଟ୍ ଅଫ୍ ଡିସ୍କଭରି' ବ୍ରିଟେନ୍‌ରୁ କାନାରୀ ଆଇଲାଣ୍ଡ ଯାଉଥିବାବେଳେ ଗତ ସପ୍ତାହରେ ବେ ଅଫ୍ ବିସ୍କେରେ ଝଡ଼ର ସମ୍ମୁଖୀନ ହୋଇଥିଲା। ଏହି ଝଡ଼ରେ ଜାହାଜର ପ୍ରାୟ ୧୦୦ ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୫ ଗୁରୁତରଙ୍କୁ ଡାକ୍ତରୀ ଚିକିତ୍ସା କରାଯାଇଥିଲା। ଖରାପ ପାଗ ପ୍ରଭାବରେ କ୍ରୁଜ୍ ଜାହାଜଟିର ଦିଗ ହଠାତ୍ ପରିବର୍ତ୍ତନ ହୋଇଯାଇଥିଲା। ଏହାର ପ୍ରପଲଶନ ସେଫ୍ଟି ସିଷ୍ଟମ୍ ଆକ୍ଟିଭ୍ ହୋଇଯିବାରୁ ଜାହାଜ ହଠାତ୍ ଦିଗ ବଦଳାଇ ଅଟକିଯାଇଥିଲା। ଫଳରେ ଜାହାଜକୁ ବନ୍ଦର ଅଭିମୁଖେ ଫେରାଇ ଆଣିବାକୁ ନାବିକମାନେ ନିଷ୍ପତ୍ତି ନେଇଥିଲେ।

## ନଡ଼ାପୋଡ଼ି ତୁରନ୍ତ ବନ୍ଦକର

### ପଞ୍ଜାବ, ହରିୟାଣା, ୟୁପି, ରାଜସ୍ଥାନକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୭।୧୧(ପି.ଟି.)



ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉତ୍କଟ ରୂପ ଧାରଣ କରିଥିବାବେଳେ ପଡୋଶୀ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ଓ ରାଜସ୍ଥାନ ତୁରନ୍ତ ନଡ଼ାପୋଡ଼ି ବନ୍ଦ ରଖିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଦୂଷଣ ଯୋଗୁ ଲୋକଙ୍କୁ ମରିବାକୁ ଛାଡ଼ିଦିଆଯାଇପାରିବ ନାହିଁ। ଏହା ଲୋକଙ୍କ ସ୍ୱାସ୍ଥ୍ୟର ସମ୍ପୂର୍ଣ୍ଣ ହତ୍ୟା ଭିନ୍ନ ଅନ୍ୟ ଶବ୍ଦ ମୋ ପାଖରେ ନାହିଁ ବୋଲି ଜଷ୍ଟିସ୍ ସଞ୍ଜୟ କିଷନ କୌଲ କହିଛନ୍ତି। ଜଷ୍ଟିସ୍ କୌଲଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠରେ ଜଷ୍ଟିସ୍ ସୁଧାଂଶୁ ଧୁଲିଆ ରହିଛନ୍ତି। ବାୟୁ ପ୍ରଦୂଷଣ ଯୋଗୁ ଗୋଟିଏ ରାଜ୍ୟ ଅନ୍ୟ ଉପରେ ଦୋଷ ଲଦିବାକୁ ଉଦ୍ୟମ କରୁଥିବାରୁ ଖଣ୍ଡପୀଠ ଏହାକୁ କଡ଼ା ଶବ୍ଦରେ ସମାଲୋଚନା କରିଛନ୍ତି। ସବୁବେଳେ ରାଜନୈତିକ ବିବାଦ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି।

ଦିଲ୍ଲୀ ପ୍ରଦୂଷଣ ଅତି ଉତ୍କଟ ସ୍ତରରେ ପହଞ୍ଚିଥିବାବେଳେ ଦୀପାବଳିରେ ଏହା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ସେଥିପାଇଁ ୧୩ ତାରିଖରୁ ଦିଲ୍ଲୀରେ ଯୁଗ୍ମ-ଅଯୁଗ୍ମ ସୂତ୍ର ଲାଗୁ କରିବାକୁ ସୋମବାର ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳରେ ବାୟୁ ପ୍ରଦୂଷଣ ପାଇଁ ଖଣ୍ଡପୀଠ ନଡ଼ାପୋଡ଼ି, ଗାଡ଼ିମୋଟରର ପ୍ରଦୂଷଣ ଏବଂ ଖୋଲାରେ ବର୍ଜ୍ୟବସ୍ତୁ ପୋଡ଼ିକୁ ଦାୟୀ କରିଥିଲେ। ଧାନ ଅମଳ ପରେ କ୍ରମାଗତ ଭାବେ ନଡ଼ାପୋଡ଼ି ଜାରି ରହିଥିବାରୁ ଅଦାଲତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପୂର୍ବରୁ ନଡ଼ା ପୋଡ଼ି ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ରାଜ୍ୟ ସରକାରଗୁଡ଼ିକ କ'ଣ ପଦକ୍ଷେପ ନେଇଛନ୍ତି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଗତବର୍ଷ ତୁଳନାରେ ନଡ଼ାପୋଡ଼ି ୪୦ ପ୍ରତିଶତ କମିଛି ବୋଲି ପଞ୍ଜାବ ସରକାରଙ୍କ ଓକିଲ କହିଥିବାବେଳେ ତାହା ସମ୍ପୂର୍ଣ୍ଣ ବନ୍ଦ ହେବା ଆମେ ଚାହୁଁ ବୋଲି ଖଣ୍ଡପୀଠ କହିଥିଲେ। ସମ୍ପୂର୍ଣ୍ଣ ବନ୍ଦ କରିବା ସରକାରଙ୍କ ଦାୟିତ୍ୱ ଏବଂ ଏହାକୁ ବନ୍ଦ କରିବାକୁ ହେବ। କଠୋର କାର୍ଯ୍ୟାନୁଷ୍ଠାନ ନେଇ ହେଉ କିମ୍ବା ପ୍ରୋତ୍ସାହନ ଦେଇ ଅଥବା ଅନ୍ୟ ଉପାୟରେ ନଡ଼ାପୋଡ଼ି ତୁରନ୍ତ ବନ୍ଦ କର ବୋଲି ଖଣ୍ଡପୀଠ କହିଥିଲେ।

## ପ୍ରଥମ ସୌରଝଡ଼ର ପ୍ରଭାବ ରେକର୍ଡ କଲା ଆଦିତ୍ୟ-ଏଲ୍୧

ବେଙ୍ଗାଲୁରୁ,୭।୧୧



ଭାରତର ପ୍ରଥମ ସୌର ମିଶନରେ ଯାଇଥିବା ଆଦିତ୍ୟ-ଏଲ୍୧ର ଉଚ୍ଚ ଶକ୍ତିସମ୍ପନ୍ନ ଏଲ୍୧ ଅର୍ବିଟିଂ ଏକ୍ସ-ରେ ସ୍ପେକ୍ଟ୍ରୋମିଟର (ଏଚ୍‌ଇଏଲ୍୧ଓଏସ୍) ପେଲୋଡ୍ ଅକ୍ଟୋବର ୨୯ରେ ସୌର ଝଡ଼ର ପ୍ରଭାବ ପ୍ରଥମ ଥର ପାଇଁ ରେକର୍ଡ କରିଛି। ଏହି ପେଲୋଡ୍ ପ୍ରାୟ ୧୦ ଘଣ୍ଟା ଧରି ସୌରଝଡ଼ର ସମ୍ମୁଖୀନ ହୋଇଥିଲା ବୋଲି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ମଙ୍ଗଳବାର ପ୍ରକାଶ କରିଛି। ଇସ୍ରୋର ବେଙ୍ଗାଲୁରୁରେ ଥିବା ମହାକାଶ ବିଜ୍ଞାନ ସଂଗଠନ ୟୁଆର୍ ରାଓ ସାଟେଲାଇଟ୍ ସେଣ୍ଟର (ୟୁଆର୍‌ଏସ୍‌ସି) ଏହି ପେଲୋଡ୍‌ର ବିକାଶ କରିଛି। ସୋଲାର ଫ୍ଲେୟାର ବା ସୌର ଝଡ଼ ହେଉଛି ସୂର୍ଯ୍ୟ ପୃଷ୍ଠରେ ହଠାତ୍ ଉଜ୍ଜ୍ୱଳତା ଦେଖାଯିବା ସହ ଏହା ରେଡିଓ, ଅପ୍ଟିକାଲ, ୟୁଭି, ସଫ୍ଟ ଏକ୍ସ-ରେ', ହାର୍ଡ ଏକ୍ସ-ରେ' ଏବଂ ଗାମା ରେ' ଆଦି ବିଦ୍ୟୁତଚୁମ୍ବକୀୟ ସ୍ପେକ୍ଟ୍ରମ୍‌ରେ ସବୁ ୱେଭ୍‌ଲେଙ୍ଗଥ୍‌ର ବର୍ଦ୍ଧିତ ଏମିଶନ ସୃଷ୍ଟି କରିଥାଏ। ଗତ ସେପ୍ଟେମ୍ବର ୨ରେ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରର ଉତ୍‌କ୍ଷେପଣ ହୋଇଥିବା ଆଦିତ୍ୟ-ଏଲ୍୧ ସୂର୍ଯ୍ୟଙ୍କଠାରେ ହେଉଥିବା ପରିବର୍ତ୍ତନ ଓ ପୃଥିବୀ ଜଳବାୟୁ ଉପରେ ଏହାର ପ୍ରଭାବ ଅନୁଧ୍ୟାନ କରିବା ଲକ୍ଷ୍ୟରେ ଏଲ୍୧ ପଏଣ୍ଟ ଅଭିମୁଖେ ଅଗ୍ରସର ହେଉଛି।

## ଜାତି କୋଟା ୬୫%କୁ ବଢ଼ାଇବା ପାଇଁ ନୀତୀଶଙ୍କ ପ୍ରସ୍ତାବ

ପାଟନା,୭।୧୧


ନୀତୀଶ କୁମାର

- ବିହାରରେ ୩୪% ପରିବାରର ମାସିକ ଆୟ ୬,୦୦୦ରୁ କମ୍
- ସର୍ଭେ ରିପୋର୍ଟ ବିଧାନସଭାରେ ଉପସ୍ଥାପନ

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ସ୍ଥାନ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ୬୫ ପ୍ରତିଶତକୁ ବଢ଼ାଇବା ପାଇଁ ମଙ୍ଗଳବାର ବିଧାନସଭାରେ ପ୍ରସ୍ତାବ ରଖିଛନ୍ତି। ଏହା ବାଦ୍ ଆର୍ଥିକ ଦୁର୍ବଳ ବର୍ଗଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ସୁବିଧା ରହିବ। ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ ଅନୁସୂଚିତ ଜାତିର ପ୍ରାର୍ଥୀମାନଙ୍କ ପାଇଁ ୨୦ ପ୍ରତିଶତ ସଂରକ୍ଷଣ ସୁବିଧା ମିଳିବାକୁ ଥିବାବେଳେ ଓବିସି ଏବଂ ଅତ୍ୟନ୍ତ ପଛୁଆ ବର୍ଗ(ଇବିସି)ଙ୍କ ପାଇଁ ୪୩ ପ୍ରତିଶତ ସଂରକ୍ଷଣ ସୁବିଧା ଉପଲବ୍ଧ ହେବ, ଯାହା ବର୍ତ୍ତମାନ ୩୦ ପ୍ରତିଶତ ରହିଛି। ଅନୁସୂଚିତ ଜନଜାତିଙ୍କ ପାଇଁ ୨ ପ୍ରତିଶତ ସଂରକ୍ଷଣ ପ୍ରସ୍ତାବ ଦିଆଯାଇଛି। ଆବଶ୍ୟକ ବିଚାରବିମର୍ଶ ପରେ ସଂରକ୍ଷଣ ବୃଦ୍ଧିକୁ ଜରୁରୀ ଭାବେ କାର୍ଯ୍ୟକାରୀ କରାଯିବ। ଚଳିତ ଅଧିବେଶନରେ ଏହି ପରିବର୍ତ୍ତନ ଆଣିବା ଆମର ଉଦ୍ଦେଶ୍ୟ ବୋଲି ନୀତୀଶ କହିଛନ୍ତି।

ବିହାରର ବହୁପ୍ରତୀକ୍ଷିତ ଜାତି ଜନଗଣନା ସର୍ଭେ ରିପୋର୍ଟ ବିଧାନସଭାରେ ଉପସ୍ଥାପନ ପରେ ବିତର୍କରେ ଭାଗନେଇ ନୀତୀଶ ଉପରୋକ୍ତ ପ୍ରସ୍ତାବ ରଖିଛନ୍ତି। ସର୍ଭେ ରିପୋର୍ଟ ଅନୁଯାୟୀ ବିହାରରେ ୩୪.୧ ପ୍ରତିଶତ ପରିବାର ଗରିବ। ସେମାନଙ୍କ ମାସିକ ଆୟ ୬,୦୦୦ ଟଙ୍କାରୁ କମ୍। ରୋଜଗାର କିମ୍ବା ଶିକ୍ଷା ପାଇଁ ୫୦ ଲକ୍ଷରୁ ଅଧିକ ବିହାରୀ ରାଜ୍ୟ ବାହାରେ ରହୁଥିବା ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିଜୟ କୁମାର ଚୌଧାରୀ ସର୍ଭେ ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରିଥିଲେ। ପଛୁଆ ବର୍ଗ, ଦଳିତ ଓ ଆଦିବାସୀଙ୍କ ମଧ୍ୟରେ ଦାରିଦ୍ର୍ୟ ଯଥେଷ୍ଟ ବଢ଼ିଥିବାବେଳେ ଉଚ୍ଚଜାତିରେ ମଧ୍ୟ ଏହା ବୃଦ୍ଧି ପାଇଥିବା ରିପୋର୍ଟରେ ସ୍ୱୀକାର କରାଯାଇଛି। ଉଚ୍ଚଜାତିରେ ଦାରିଦ୍ର୍ୟ ହାର ୨୫% ରହିଛି। ରିପୋର୍ଟ ଅନୁଯାୟୀ ବିହାରରେ ପ୍ରାୟ ୨.୯୭ କୋଟି ପରିବାର ରହୁଥିବାବେଳେ ସେଥିରୁ ୯୪ ଲକ୍ଷରୁ ଊର୍ଦ୍ଧ୍ୱ (୩୪.୧%) ପରିବାର ଗରିବ। ୪୬ ଲକ୍ଷ ଅନ୍ୟ ରାଜ୍ୟରେ କାମ କରି ଗୁଜୁରାଣ ମେଣ୍ଟାଉଥିବାବେଳେ ୨.୧୭ ଲକ୍ଷ ବିଦେଶରେ ରହି ରୋଜଗାର କରୁଛନ୍ତି। ରାଜ୍ୟର ମାତ୍ର ୯ ପ୍ରତିଶତ ପରିବାରର ମାସିକ ଆୟ ୫୦,୦୦୦ରୁ ଅଧିକ ବୋଲି ସର୍ଭେ ରିପୋର୍ଟରୁ ଜଣାପଡ଼ିଛି।

## ମହମ୍ମଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି

ଦେଓଗାଁ,(କୃଷ୍ଣପ୍ରସାଦ ପାଣିଗ୍ରାହୀ): ଦେଓଗାଁ ଥାନା ମହମ୍ମଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ସୋମବାର ରାତିରେ ଚୋରି ହୋଇଛି। ପ୍ରଧାନଶିକ୍ଷକ ହେମନ୍ତ କୁମାର ସାହୁଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ ହୋଇଛି। ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିଛି। ଗତରାତିରେ କେହି ପ୍ରଧାନଶିକ୍ଷକଙ୍କ ଅଫିସ ଘର ତାଲାଭାଙ୍ଗି ୧ ବସ୍ତା ଚାଉଳ, ଗୋଟିଏ ମୁଭିଂ ଚେୟାର, ୪ଟି ଚୌକି, ୪ଟି କ୍ୟାରମ ବୋର୍ଡ, ଆଦି ଚୋରି କରିନେଇଥିଲେ। ମଙ୍ଗଳବାର ସକାଳେ କବାଟ ଖୋଲାଥିବାରୁ ଚୋରି ହୋଇଥିବା ଜଣାପଡିଥିଲା।

## ସଂକ୍ଷେପରେ

### ଚାଲାଣ ବେଳେ ୧୦ଦାଦନ ଶ୍ରମିକ ଉଦ୍ଧାର

**୨ମଧ୍ୟସ୍ଥ, ଡ୍ରାଇଭର ଗିରଫ, ଖସିଗଲେ ସର୍ଦ୍ଦାର**

ବେଲପଡ଼ା,୭।୧୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ପୋଲିସ ମଙ୍ଗଳବାର ହାଇଦ୍ରାବାଦକୁ ଚାଲାଣ ହେଉଥିବା ୧୦ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ସେମାନଙ୍କ ସହ ୩ଜଣ ଛୋଟପିଲା ରହିଛନ୍ତି। ଦାଦନ ଶ୍ରମିକମାନେ ବେଲପଡ଼ା ବ୍ଲକ ସାତଗୁଆଁ ଗ୍ରାମର ବୋଲି ଜଣାପଡିଛି। ସକାଳୁ ଚାଲାଣ ହେଉଥିବା ଖବର ପାଇ ପୋଲିସ ମୁଣ୍ଡାଦର୍ହ ଛକରେ ଦାଦନ ଶ୍ରମିକଙ୍କୁ ନେଇ ଯାଉଥିବା ଗାଡ଼ିକୁ ଅଟକାଇ ଥିଲା। ଶ୍ରମିକମାନେ ହାଇଦ୍ରାବାଦ ଇଟାଭାଟିକୁ କାକ କରିବାକୁ ଯାଉଥିବା କହିଥିଲେ। ସେମାନଙ୍କୁ ନେଇଯାଉଥିବା ମଧ୍ୟସ୍ଥି ଚାଲାଣ ସମ୍ପର୍କିତ କୌଣସି କାଗଜ ପତ୍ର ଦେଖାଇ ପାରି ନ ଥିଲେ । ଏହି ସମୟରେ ସର୍ଦ୍ଦାର ଫେରାର ହୋଇ ଯାଇଥିବା ବେଳେ ୨ମଧ୍ୟସ୍ଥ ସୁରେନ୍ଦ୍ର ଭୋଇ, ଦୟା ଜୁଏଡ ଓ ଗାଡ଼ି ଡ୍ରାଇଭର ଗଣେଶ ସୁନାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସମସ୍ତ ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଥିବା ଆଇଆଇସି ସୁଶାନ୍ତ ଦାସ କହିଛନ୍ତି।

### ଗୋଲାମୁଣ୍ଡା-ସର୍ଗିପାଲି ବ୍ରିଜ୍‌ର ଶିଳାନ୍ୟାସ

ଖପ୍ରାଖୋଲ,୭।୧୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଗୋଲାମୁଣ୍ଡା--ସର୍ଗିପାଲି ରାସ୍ତାରେ ଏକ ବ୍ରିଜ ନିର୍ମାଣ ପାଇଁ ମଙ୍ଗଳବାର ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଶିଳାନ୍ୟାସ କରିଛନ୍ତି। ଦୀର୍ଘଦିନ ଧରି ଗୋଲାମୁଣ୍ଡାବାସୀ ବ୍ରିଜ ନିର୍ମାଣ ପାଇଁ ଦାବି କରିଆସୁଥିଲେ। ବିଜୁ ସେତୁ ଯୋଜନାରେ ଏହି ପୋଲ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୬କୋଟି ୧୧ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଇତିମଧ୍ୟରେ ଟେଣ୍ଡର ପ୍ରକ୍ରିୟାସାରିଛି। ଶିଳାନ୍ୟାସ ଅବସରରେ ଖପ୍ରାଖୋଲ ପଞ୍ଚାୟତ ସମିତି ଅଧକ୍ଷା ନିରୂପମା ପଟେଲ, ଉପାଧକ୍ଷ ସୁଖିରାମ ସାଣ୍ଡଙ୍କ ସହ ସର୍ଗିପାଲି ଓ ଗୋଲାମୁଣ୍ଡା ଗ୍ରାମର ବହୁ ଲୋକେ ଉପସ୍ଥିତ ଥିଲେ।

### ବିଜେଡି କର୍ମୀ ସମ୍ମିଳନୀ

ଲୋଇସିଂହା, ୭।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବେନ୍ଦ୍ରା ପଞ୍ଚାୟତ ରାମପୁର ହାଇସ୍କୁଲ ପଡିଆରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଜେଡି ସଭାପତି ପଞ୍ଚୁ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ଏମପି ତଥା ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ଯୁବନେତା ନିହାର ରଞ୍ଜନ ବେହେରା, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବିଜୟ କୁମାର ବାବୁ, ବୀଣାପାଣି ଦାଶ, ପ୍ରବୀର ଭୋଇ, ନିରୂପମା ସାହୁ ମଞ୍ଚାସୀନ ଥିଲେ। ଆଗାମୀ ନିର୍ବାଚନରେ ବଲାଙ୍ଗୀର ଏମ୍‌ପି ଏବଂ ଲୋଇସିଂହା ବିଧାନ ସଭା କ୍ଷେତ୍ରରେ ବିଜୟ ପାଇଁ କର୍ମୀମାନେ ଏକଜୁଟ ହୋଇ କାମ କରିବାକୁ କର୍ମୀଙ୍କୁ ଆହ୍ୱାନ ଦିଆଯାଇଥିଲା। ବିଜେଡିର କିଛି କର୍ମୀ ଜଣେ ନେତାଙ୍କ ନାମ ନେଇ ମୁର୍ଦ୍ଦାବାଦ ଧ୍ୱନ ଦେଇଥିଲେ । ହାଉସିଂ ବୋର୍ଡ ଅଧ୍ୟକ୍ଷ ସିଂଦେଓଙ୍କ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

### ଜିଲାସ୍ତରୀୟ ଚେସ୍: ଦେବେନ୍ଦ୍ର ଯୋଶୀ ଚାମ୍ପିୟନ

ପାଟଣାଗଡ଼, ୭।୧୧(ପ୍ରହଲ୍ଲାଦ ପାଢି)

ପଲ୍ଲୀଶ୍ରୀ ଯୁବ ପରିଷଦ ତରଫରୁ ତୃତୀୟ ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା ପାଟଣାଗଡ ବ୍ଲକ ବାଙ୍କିବାହାଲରେ ଅନୁଷ୍ଠିତ ହୋଯାଇଛି। ଯୋଗୀମୁଣ୍ଡା ସରପଞ୍ଚ ମମତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଶୁକଦେବ ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ପ୍ରିୟବ୍ରତ ପଣ୍ଡା, ମୁଖ୍ୟ ଆର୍ବିଟର ଭାବେଶ ମହାନ୍ତି, କ୍ଷୀରୋଦ୍ର ଦଳାଇ, ଅରକ୍ଷିତ ଯୋଶୀ, ଭୁବନେଶ୍ୱର ଯୋଶୀ, ଅନ୍ତର୍ଯ୍ୟାମୀ ଯୋଶୀ, ଖଗେଶ୍ୱର ସାହୁ ମଞ୍ଚାସୀନ ଥିଲେ। ଉଦଯାପନୀ ଉତ୍ସବରେ ରାଜ୍ୟ ଓଡ଼ିଶା ଚେସ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସାତରାଉଣ୍ଡ ବିଶିଷ୍ଟ ସୁଇସ ପଦ୍ଧତିରେ ଖେଳାଯାଇଥିବା ଏହି ପ୍ରତିଯୋଗିତାରେ ୬୦ ପ୍ରତିଯୋଗୀ ଭାଗ ନେଇଥିଲେ। ବାଙ୍କିବାହାଲର ଦେବେନ୍ଦ୍ର ଯୋଶୀ ମୋଟ ୬.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଥିଲେ।

# ପରିଶ୍ରମ ମୂଲ୍ୟ ଉତ୍ପାଦକ ପାଇବା ନିଶ୍ଚିତ କରାଯିବ

ବଲାଙ୍ଗୀର,୭।୧୧(ବୀରେନ୍ଦ୍ର କୁମାର ଝାଙ୍କର)



କ୍ରେତା ବିକ୍ରେତା ସମ୍ମିଳନୀରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀରରେ କ୍ରେତା ବିକ୍ରେତା ସମ୍ମିଳନୀ**

- ଚାଷୀ, ଶିଳ୍ପୀଙ୍କୁ ବଜାର ଉପଲବ୍ଧ କରିବା ଉପରେ ଗୁରୁତ୍ୱ
- ଉତ୍ପାଦ ବିକ୍ରିରେ ମଧ୍ୟସ୍ଥଙ୍କୁ ହଟାଇବା ଉପରେ ଧ୍ୟାନ ଦିଆଯିବ
- କ୍ରେତାଙ୍କ ଚାହିଦା କ'ଣ ଉତ୍ପାଦକ, ଚାଷୀ ବୁଝିବା ସହଜ ହେବ
- ସମ୍ମିଳନୀରେ ଯୋଗଦେଲେ ରାଜ୍ୟ ବାହାର କ୍ରେତା-ବିକ୍ରେତା

ଓଡ଼ିଶା ଗ୍ରାମୀଣ ଉନ୍ନୟନ ଏବଂ ବଜାର ସମିତି(ଓର୍ମାସ) ଓ ବଲାଙ୍ଗୀର ଜିଲା ପ୍ରଶାସନ ମିଳିତ ସହଯୋଗରେ ମଙ୍ଗଳବାର ସ୍ଥାନୀୟ ରାଜ୍ୟ ହୋଟେଲ ପରିଚାଳନା ସଂସ୍ଥା ସମ୍ମିଳନୀ କକ୍ଷରେ କ୍ରେତା-ବିକ୍ରେତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲାର ଚାଷୀ, ଉତ୍ପାଦକ, କୁଟୀର ଶିଳ୍ପୀ, କାରିଗରଙ୍କୁ ଆବଶ୍ୟକ ବିକ୍ରିଯୋଗ୍ୟ ବଜାର ଯୋଗାଇ ସେମାନଙ୍କ ଉତ୍ପାଦନକୁ ଉଚିତ୍ ମୂଲ୍ୟଯୁକ୍ତ କରିବା ଏବଂ ଜିଲାର ବାହାର ଏଭଳିକି ରାଜ୍ୟ ବାହାରର କ୍ରେତାଙ୍କ ଆବଶ୍ୟକତା ଅନୁସାରେ ନିଜସ୍ୱ ଉତ୍ପାଦନ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଏହି କ୍ରେତା ବିକ୍ରେତା ସମ୍ମିଳନୀ ଆୟୋଜନ କରାଯାଇଥିଲା।

ଜିଲାପାଳ ଚଞ୍ଚଳ ରାଣା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଜିଲାର ଚାଷୀ, କୁଟୀର ଶିଳ୍ପୀ ଏବଂ ଅନ୍ୟନ୍ୟ ଉତ୍ପାଦକଙ୍କ ପାଇଁ ଆର୍ଥିକ ଦିଗରୁ ଏକ ସଶକ୍ତ ବଜାର ଉପଲବ୍ଧ କରିବା ଏହି ଜିଲା ପ୍ରଶାସନ ମୁଖ୍ୟ ଲକ୍ଷ୍ୟ। ଚାଷୀ କିମ୍ବା ଅନ୍ୟାନ୍ୟ ଉତ୍ପାଦକ ଯେଉଁ କଠିନ ପରିଶ୍ରମ କରୁଛନ୍ତି ତାର ଉପଯୁକ୍ତ ମୂଲ୍ୟ କିପରି ସେମାନେ ପାଇବେ ତାହା ସୁନିଶ୍ଚିତ କରିବା ଦିଗରେ ଗୁରୁତ୍ୱ ଦିଆଯାଉଛି। ଜିଲାର ଚାଷୀ ଓ ଶିଳ୍ପୀଙ୍କୁ ଉପଯୁକ୍ତ ବଜାର ଉପଲବ୍ଧ କରିବା, ଉତ୍ପାଦ ବିକ୍ରିରେ ଚାଷୀ ଓ କ୍ରେତାଙ୍କ ମଝିରୁ ମଧ୍ୟସ୍ଥିଙ୍କୁ ହଟାଇବା ଦିଗରେ ଏଭଳି ସମ୍ମିଳନୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ବର୍ତ୍ତମାନ କ୍ରେତାଙ୍କ ଚାହିଦା କ'ଣ ସେ ବିଷୟରେ ଚାଷୀ ଓ ଉତ୍ପାଦକ ଜ୍ଞାନ ଅର୍ଜନ କରିବା ଏବଂ ବଜାରର ଆବଶ୍ୟକତା ଅନୁଯାୟୀ ଉତ୍ପାଦ ବୃଦ୍ଧି କରିବା ଦିଗରେ ପ୍ରେରିତ ହେବା ଏହି ସମ୍ମିଳନୀର ମୂଳ ଲକ୍ଷ୍ୟ । ଭିତ୍ତିଭୂମି ସୁଦୃଢ ହେଲେ ଆମ ରାଜ୍ୟର ଚାଷୀ ପଶ୍ଚିମବଙ୍ଗ, ମହାରାଷ୍ଟ୍ରର ଚାଷୀଙ୍କୁ ଟକ୍କର ଦେଇପାରିବେ ବୋଲି ବୋଲି ଜିଲାପାଳ ରାଣା କହିଥିଲେ।

ସମ୍ମିଳନୀର ପ୍ରଥମ ଅଧିବେଶନରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂ, ଫାଇଟୋବାଓକ୍ସର ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ପ୍ରଫୁଲ କୁମାର ଭଞ୍ଜ, ଜିଲା ମୁଖ୍ୟ କୃଷି ଅଧିକାରୀ ସୁବାସ ବେହେରା, ନାବାର୍ଡ ଡିଡିଏମ୍ ବିବେକ କୁମାର ନାୟକ ମଞ୍ଚାସୀନ ଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସିଂ ତାଙ୍କ ବକ୍ତବ୍ୟରେ ଚାଷୀଙ୍କୁ ଉପଯୁକ୍ତ ବଜାର ଉପଲବ୍ଧ କରିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ ବୋଲି କହିଥିଲେ। ଜିଲାର ବହୁ ଚାଷୀ ଏବେ ଅଗ୍ରଣୀ ଚାଷୀ ଏବଂ ଉତ୍ପାଦକ ବୋଲି କହିଥିଲେ। ଫାଇଟେବାଓକ୍ସର ଏମଡି ଦାସ ତାଙ୍କ ବକ୍ତବ୍ୟରେ ସାମ୍ପ୍ରତିକ ସମୟରେ ଆଧୁନିକ କୃଷି ସହ ଅନ୍ୟାନ୍ୟ ଉତ୍ପାଦନ କ୍ଷେତ୍ରରେ କିଭଳି ପରିବର୍ତ୍ତନ ଏବଂ ସୁଯୋଗ ସୃଷ୍ଟି ହୋଇଛି ସେଦିଗରେ ଜିଲାର ଚାଷୀ ଓ ଉତ୍ପାଦକ ଏଭଳି ସମ୍ମିଳନୀ ମାଧ୍ୟମରେ ଜାଣିପାରିବେ ବୋଲି କହିଥିଲେ। ବଲାଙ୍ଗୀର ଜିଲାର ବହୁ ଚାଷ ଉତ୍ପାଦ, ବନ୍ୟଜାତ ଦ୍ରବ୍ୟ, ଜଡିବୁଟିକୁ ନେଇ କିଭଳି ବଜାର ରହିଛି ଏବଂ ଜଣେ କିଭଳି ଏହାର ଫାଇଦା ପାଇବ ସେ କହିଥିଲେ। ଉଦ୍ୟାନ କୃଷି ଦିଗରେ ଚାଷୀମାନେ କିଭଳି ନୂଆ ଦିଗନ୍ତ ଉନ୍ମୋଚନ କରୁଛନ୍ତି ଉଦ୍ୟାନ ଉପନିର୍ଦ୍ଦେଶକ ଭଞ୍ଜ କହିଥିଲେ। ସମ୍ମିଳନୀରେ ଜିଲାର ଅଗ୍ରଣୀ ଚାଷୀ ବାବୁଲାଲ ଜାନୀ, ବିଷ୍ଣୁ ସାହୁ, ପ୍ରଦୀପ ପୃଷ୍ଟି, ଶ୍ରୀପତି ବେହେରା, ଶିବାନନ୍ଦ ବାରାଡ, ସନତ ତାଣ୍ଡି, ରୋମାଞ୍ଚଳ ସାହୁ ନିଜସ୍ୱ ଅନୁଭୂତି ବିଷୟରେ କହିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଓରମାସ୍ କାର୍ଯ୍ୟ ନିର୍ବାହୀ କମଳେନ୍ଦୁ ପଲ ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ କର୍ନାଟକ, ମହାରାଷ୍ଟ୍ର ସମେତ ରାଜ୍ୟ ବାହାରର ବିଭିନ୍ନ ସଂସ୍ଥାର ଅଧିକାରୀ ଯୋଗଦାନ କରି ସ୍ଥାନୀୟ ଚାଷୀ ଓ ଉତ୍ପାଦକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଏକ ଉତ୍ପାଦ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏଥିରେ ଜିଲାର ଅଗ୍ରଣୀ ଚାଷୀ, କ୍ରେତା ଓ ବିକ୍ରେତା ଯୋଗ ଦେଇଥିଲେ।

## ଚୋରି ପାଣି ମୋଟର, ବାଇକ ଜବତ: ୬ ଗିରଫ

ଲୋଇସିଂହା,୭।୧୧(ସୁଶାନ୍ତ ବାରିକ)

ଚୋରି ହୋଇଥିବା ଏକ ବାଇକ ଓ ପାଣି ମୋଟରକୁ ଆଗଲପୁର ଥାନା ପୋଲିସ ମଙ୍ଗଳବାର ଜବତ କରିଛି। ଏହି ଘଟଣାରେ ୬ଜଣଙ୍କୁ ଗିରଫ ହୋଇଛନ୍ତି। ସେମାନେ ହେଲେ ପ୍ରୀତେଶ ପଣ୍ଡା (୨୩), ହୃଷୀକେଶ ବାରିକ ଓରଫ ରିଙ୍କୁ (୨୪), ଉଦ୍ଧବ ଭୋଇ (୨୧), ପ୍ରତାପ ଥପ୍ପା (୨୪), ପିଣ୍ଟୁ ବେହେରା (୩୫) ଓ ମଧୁ ମେହେର (୩୫)। ସମସ୍ତ ଅଭିଯୁକ୍ତଙ୍କ ଘର ଅଗଲପୁର। ସେମାନଙ୍କୁ ଲୋଇସିଂହା ଜେଏମଏଫସି କୋର୍ଟ ଚାଲାଣ କରିଥିଲା ପୋଲିସ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଆଇଆଇସି ବାସୁଦେବ ଭୋଇ କହିଛନ୍ତି। ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା କାମ ଚାଲିଛି। କୋଠା କାମ ପାଇଁ ନିକଟସ୍ଥ ଅଙ୍ଗନଦୀରୁ ପାଣି ୧ ଏଚପି ମୋଟର ସାହାଯ୍ୟରେ ଉଠାଉଛନ୍ତି ଠିକା ସଂସ୍ଥା। ହେଲେ ନଭେମ୍ବର ୫ତାରିଖରେ ସେହି ମୋଟର ଚୋରି ହୋଇ ଯାଇଥିଲା। ଠିକା ସଂସ୍ଥା ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ମାମଲା (୨୦୫।୨୩)ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା।

## ଆଥ୍‌ଲେଟିକ୍ ଆସୋସିଏଶନର ନୂଆଁଖାଇ ଭେଟ୍‌ଘାଟ୍

ଲୋଇସିଂହା, ୭।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୩୩ବର୍ଷ ଧରି ଏହି ଅନୁଷ୍ଠାନ ଅଞ୍ଚଳର ସାମାଜିକ, କ୍ରୀଡା, କଳା, ସଂସ୍କୃତିର ବିକାଶ ଦିଗରେ କାର୍ଯ୍ୟ କରୁଥିବାରୁ ପ୍ରସଂଶା କରିଥିଲେ ମୁଖ୍ୟ ଅତିଥି ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ। ଅନୁଷ୍ଠାନ ସଭାପତି ଶ୍ୟାମସୁନ୍ଦର ମେହେର ସଭାରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନୀତ ଅତିଥିଭାବେ ବିଜେଡି ରାଜ୍ୟ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରା, ଜିଲା ପରିଷଦ ସଭ୍ୟା ଲିଲିମା ବେହେରା, ସଂଯୁକ୍ତା ବରିହା, ଉପଦେଷ୍ଟା ବିଜୟ କୁମାର ପଧାନ ଯୋଗଦେଇଥିଲେ ।



ଭେଟ୍‌ଘାଟରେ ମଞ୍ଚାସୀନ ଅତଥି।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସକାଳେ ଆୟୋଜିତ ରକ୍ତଦାନ ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସମ୍ପାଦକ ସଚ୍ଚିଦାନନ୍ଦ ସାହୁ, ମନୋଜ ଧରୁଆ, ସୁଧାଂଶୁ ମହାକୁର, ବୀରେନ୍ଦ୍ର ଧରୁଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ରୋଗୀ କଲ୍ୟାଣ ସମିତି ବୈଠକ

ସଇଁତଲା,୭।୧୧(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୈଠକ ଗୃହରେ ରୋଗୀ କଲ୍ୟାଣ ସମିତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସମରେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମିତି ଅଧକ୍ଷା ତଥା ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ବିଡିଓ ବିନୟ ଭୋଇ ଯୋଗଦେଇଥିଲେ। ବିପିଏମ ଅମୀୟ କୁମାର ରାଜପାଲିଆ ଅତିଥି ପରିଚୟ, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମହାପାତ୍ର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ। ଡ଼ାକ୍ତରଙ୍କ ରହଣି ପାଇଁ ଆବଶ୍ୟକ କ୍ୱାର୍ଟର୍ସ ନିର୍ମାଣ, ରୋଗୀଙ୍କ ରହଣି ବ୍ୟବସ୍ଥା, ପାନୀୟ ଜଳାଭାବ ଦୂର ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ରୋଗ ବିଶେଷଜ୍ଞ ଓ ଭେଷଜ ବିଶେଷଜ୍ଞ ତୁରନ୍ତ ନିଯୁକ୍ତି କରିବାକୁ ଉପସ୍ଥିତ ଜନସାଧାରଣ ଦାବି କରିଥିଲେ । ବ୍ଲକଛକଠାରୁ ସ୍ୱାସ୍ଥ୍ୟକେନ୍ଦ୍ର ଯାଏ ରାସ୍ତା ନିର୍ମାଣ ଓ ରାସ୍ତାର ଦୁଇ ପାର୍ଶ୍ୱରେ ଆଲୋକୀ କରଣ କରିବାକୁ ଆଇନଜୀବୀ ସତ୍ୟନାରାୟଣ ସାହୁ ଦାବି କରିଥିଲେ । ସମସ୍ତ ବିଷୟକୁ ଗୁରୁତର ସହ ନେଇ ଯଥାଶୀଘ୍ର ସମାଧାନ କରାଯିବ ବୋଲି ମନ୍ତ୍ରୀ ସାହୁ କହିଥିଲେ। ବୈଠକରେ ସିଡ଼ିପିଓ ସବିତା ଦାଶ, ଏବିଇଓ ରୀତାରାଣୀ ତ୍ରିପାଠୀ, ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଇତିଶ୍ରୀ ଦେହୁରୀ, ଡ଼ା. ନମିତା ବିଶି, ଏନଏଚଏମ କନିଷ୍ଠ ଯନ୍ତ୍ରୀ ବୀଣା ନାଗ, ବିଏଏମ ଉପେନ୍ଦ୍ର କୁମାର ପାଣୀ, ବିଧାୟିକା ତଥା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ଯୁବନେତା ରାଜ କିଶୋର ଡ଼ାଙ୍ଗ ଉପସ୍ଥିତ ଥିଲେ।

## ଡିସେମ୍ବର ୧୫ ସୁଦ୍ଧା କାମ ସାର


ରାଜ୍ୟ ପ୍ରମୁଖ ଶାସନ ସଚିବ ଓ ଅନ୍ୟ ଅଧିକାରୀ ଉନ୍ନୟନ କାମ ପରିଦର୍ଶନ କରୁଛନ୍ତି।

ଖପ୍ରାଖୋଲ, ୭।୧୧(ଅଭୟ ତ୍ରିପାଠୀ)

**ହରିଶଙ୍କରରେ ଉନ୍ନୟନ କାମ ଦେଖିଲେ ପ୍ରମୁଖ ଶାସନ ସଚିବ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତଥା ପୁଣ୍ୟକ୍ଷେତ୍ର ହରିଶଙ୍କରର ପାରିପାର୍ଶ୍ୱିକ ଉନ୍ନୟନ କାମ ଅଗ୍ରଗତିର ତଦାରଖ ପାଇଁ ରାଜ୍ୟ ପ୍ରମୁଖ ଶାସନ ସଚିବ ତଥା ପୂର୍ତ୍ତ ଓ ଖାଦ୍ୟ ଯୋଗାଣ ବିଭାଗ କମିଶନର ବିର ବିକ୍ରମ ଯାଦବ ମଙ୍ଗଳବାର କ୍ଷେତ୍ର ପରିଦର୍ଶନ କରିଥିଲେ। ପ୍ରଥମେ ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ପରେ ବିଭାଗୀୟ ଅଧିକାରୀଙ୍କୁ କାମର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଡିସେମ୍ବର ୧୫ତାରିଖ ମଧ୍ୟରେ କାମ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ପୂର୍ତ୍ତ ବିଭାଗ ଇଞ୍ଜିନିୟର ଇନଚିଫ ଇ.ମନୋରଞ୍ଜନ ମିଶ୍ର, ଚିଫ ଇଞ୍ଜିନିୟର ଇ. ଦୁଃଖବନ୍ଧୁ ବେହେରା, ପାଟଣାଗଡ ଉପଜିଲାପାଳ ଡ ବିଜୟାନନ୍ଦ ସେଠୀ, ଏସଇଇ ଅର୍ଜୁନ ବେହେରା, ଏଇଇ ସିଦ୍ଧାର୍ଥ ଦାସ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଉପ ଜିଲା ଯୋଗାଣ ଅଧିକାରୀ ମାୟାଧର ସାହୁ, ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା, କନିଷ୍ଠ ଯନ୍ତ୍ରୀ ବେଦବ୍ୟାସ ଭୋଇ, ଆର୍କିଟେକ ଆଦର୍ଶ ଅଗ୍ରୱାଲ, ତପନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ହରିଶଙ୍କର ମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ସରକାରଙ୍କ ତରଫରୁ ୧୩କୋଟି ଟଙ୍କା ପ୍ରଦାନ କରାଯାଇଛି। ପୂର୍ବରୁ ୫ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ମଧ୍ୟ ଗସ୍ତ କରିସାରିଛନ୍ତି।

## ଏନ୍‌ସିସି କ୍ୟାଡେଟ ଇପ୍‌ସିତା ସମ୍ବର୍ଦ୍ଧିତ

ଟିଟିଲାଗଡ, ୭।୧୧(ଶରତ ମିଶ୍ର)

ଟିଟିଲାଗଡ଼ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ରୀ ତଥା ଏନସିସି ଏସୟୁଓ ଇପସିତା ରାଜ୍ୟର ଜଣେ ମାତ୍ର ଏନସିସି କ୍ୟାଡେଟ ଭାବେ ଋଷିଆର ମସ୍କୋଠାରେ ଅନୁଷ୍ଠିତ ୟୁଥ ଏକ୍ସଚେଞ୍ଜ ପ୍ରୋଗ୍ରାମରେ ଭାଗ ନେଇଥିଲେ। ସେ ଋଷିଆରୁ ଟିଟିଲାଗଡ ଫେରିବା ପରେ ମହାବିଦ୍ୟାଳୟରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ମହାବିଦ୍ୟାଳୟ ଜୟଦେବ ଭବନଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇ ଇପସିତାଙ୍କୁ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଦୋଳଗୋବିନ୍ଦ ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ଡ. ପ୍ରଣବ ପ୍ରକାଶ ପୁରୋହିତ, ଡ. ବିଧାନ ମିଶ୍ର, ଡ. ରମାକାନ୍ତ ବେହେରା, ଡ. ଉମେଶ ଚନ୍ଦ୍ର ସାହୁ, ଜୟଦେବ କର, ଅଲକାନନ୍ଦ ମଲ୍ଲ, ସସ୍ମିତା ପାଣିଗ୍ରାହୀ, ସଞ୍ଜୟ ପଟ୍ଟନାୟକ, ଏନସିସି ଅଧିକାରୀ ବେଦବର ରଣା, ଉପସ୍ଥିତ ଥିଲେ।


ଇପସିତା ଦାସ।

**ମସ୍କୋ ୟୁଥ୍ ଏକ୍ସଚେଞ୍ଜ ପ୍ରୋଗ୍ରାମରେ ଯୋଗଦେଇଥିଲେ**

## ବିଜେଡିରେ ସାମିଲ ହେଲେ ୩ ସରପଞ୍ଚ

ଟିଟିଲାଗଡ, ୭।୧୧(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବିଜେଡି କାର୍ଯ୍ୟାଳୟରେ ମଙ୍ଗଳବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନାରେନ ଗ୍ରାମ ପଞ୍ଚାୟତର ସରପଞ୍ଚ ଯମୁନା ମହାନନ୍ଦ, ଘଣ୍ଟବାହାଲି ପଞ୍ଚାୟତର ସରପଞ୍ଚ ମିଲି ସାହୁ, ଘୋଡାର ପଞ୍ଚାୟତର ସରପଞ୍ଚ ପ୍ରୀୟବତି ସାହୁଙ୍କ ସହ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଏହି ଅବସରରେ ବିଜେଡିରେ ଯୋଗ ଦେଇଥିଲେ। ସ୍ଥାନୀୟ ବିଧାୟିକା ତଥା ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଏହି ମିଶ୍ରଣ ଦଳକୁ ମଜଭୁତ କରିବ ବୋଲି ସେ କହିଥିଲେ। ମିଶ୍ରଣ ପର୍ବରେ ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ସରପଞ୍ଚ ନରେଶ ଅଗ୍ରୱାଲ, ରୁପଧର ଘିବେଲା, ସରପଞ୍ଚ ପ୍ରତିନିଧି ଧ୍ରୁବ ସାହୁ, କୃଷ୍ଣଚନ୍ଦ୍ର ହାତୀ, ବୁଲୁ ମହାନନ୍ଦ, ମୁନିରାମ ଖର୍ସେଲ, କିଶୋର ସାହୁ, ମଣ୍ଟୁ ବାଗ, ପ୍ରକାଶ ମହାନନ୍ଦ, ବଳରାମ ଘିବେଲା, ସୁମନ୍ତ ସାହୁ, ଭୈରବ ରାଉତ, ପ୍ରୀତମ ସେଲମା, ମୁରଲି ମହାନନ୍ଦ, ବଣ୍ଟି ସେଲମା, ଅମିତ ରଣା, ବିକାଶ ଭୋଇ, ରୋହିତ ଦଣ୍ଡସେନା ଉପସ୍ଥିତ ଥିଲେ।


ମନ୍ତ୍ରୀ ଟୁକୁନି ସାହୁଙ୍କ ଗହଣରେ ଦଳରେ ସାମିଲ ସରପଞ୍ଚ ଏବଂ କର୍ମକର୍ତ୍ତା।

## ମଜୁରି ବୃଦ୍ଧି କର, କନ୍ୟାବିବାହ ସହାୟତା ଦିଅ

ପାଟଣାଗଡ,୭।୧୧(ପ୍ରହଲ୍ଲାଦ ପାଢ଼ି)

ବଲାଙ୍ଗୀର ଜିଲା ପାଟଣାଗଡ ଗଡଭିତର ପଡିଆରେ ମଙ୍ଗଳବାର କେନ୍ଦୁପତ୍ର ତୋଳାଳି ଓ ସିଜିନାଲ କର୍ମଚାରୀଙ୍କ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପାଟଣାଗଡ ଡିଭିଜନ କମିଟି ପକ୍ଷରୁ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥିଭବେ ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଓ କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ତଥା ରାଜ୍ୟ ସଂଘ ସମ୍ପାଦକ ସଞ୍ଜିତ ମହାନ୍ତି ଯୋଗଦେଇଥିଲେ। ରାଜ୍ୟ ସମ୍ପାଦକ ତଥା ଡିଭିଜନ ସମ୍ପାଦକ ଶିବାନନ୍ଦ ପରିଛାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସଭାପତି ଗୋକୁଳ ମେହେର, ରାଜ୍ୟ ସମ୍ପାଦକ ମହମ୍ମଦ ମୂର୍ତ୍ତୁଜା, ଝାରସୁଗୁଡ଼ା ଡିଭିଜନ ସମ୍ପାଦକ ପ୍ରଦୀପ କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସଂଘର ନାର୍ଯ୍ୟ ଦାବି ପୂରଣ ପାଇଁ ସଂଗ୍ରାମ ଜାରି ରହିବ ବୋଲି କହିଥିଲେ। କେନ୍ଦୁପତ୍ର ଉପରୁ କେନ୍ଦ୍ର ସରକାର ୧୮ପ୍ରତିଶତ ଜିଏସ୍‌ଟି ଛାଡ କରିବାକୁ ଦାବି କରାଯାଇଥିଲା।


ସମାବେଶରେ ଉପସ୍ଥିତ ତୋଳାଳି ଓ ସିଜିନାଲ କର୍ମଚାରୀ।

**ପାଟଣାଗଡରେ କେନ୍ଦୁପତ୍ର ତୋଳାଳି, କର୍ମଚାରୀ ସମାବେଶ**

ସର୍ବନିମ୍ନ ମଜୁରି ସଂଶୋଧନ ହୋଇ ନ ଥିବାରୁ ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରି ବୃଦ୍ଧି ହୋଇ ପାରୁନାହିଁ। ଏଣୁ ଅତିଶୀଘ୍ର ଏହାର ସଂଶୋଧନ କରିବାକୁ ସମାବେଶରେ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏଥିସହ କନ୍ୟା ବିବାହ ସହାୟତା, ସିଜିନାଲ କର୍ମଚାରୀଙ୍କ ଗସ୍ତ ଖର୍ଚ୍ଚ ଓ ଭତ୍ତା ବୃଦ୍ଧି, ପତ୍ରର ତୋଳାମୂଲ୍ୟ, ବନ୍ଧେଇ ଶ୍ରମିକଙ୍କ ବଣ୍ଡିଲ ପ୍ରତି ମଜୁରି ବୃଦ୍ଧି, ସାମାଜିକ ସୁରକ୍ଷା ପାଇଁ ପିସିସିଏଫଙ୍କ ଅଧ୍ୟକ୍ଷତାରେ ଗଠିତ ୱେଲ ଫେୟାର ଟ୍ରଷ୍ଟ ସୁପାରିଶ ଅନୁଯାୟୀ ସିଜିନାଲ କର୍ମଚାରୀ, ତୋଳାଳି ଓ ବନ୍ଧେଇ ଶ୍ରମିକମାନଙ୍କୁ ୬୨ବର୍ଷ ପର୍ଯ୍ୟନ୍ତ ସାମାଜିକ ସୁରକ୍ଷାରେ ଅନ୍ତର୍ଭୁକ୍ତ କରିବା, ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାଇ ସମସ୍ତ କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକଙ୍କୁ ସରକାରୀ ନୀତିର ସଂଶୋଧନ କରି ଅନ୍ତର୍ଭୁକ୍ତ କରିବାକୁ ଦାବି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ଡିଭିଜନ ସମ୍ପାଦକ ଶ୍ରୀକାନ୍ତ ମିଶ୍ର, ମକାରୁ ପଣ୍ଡା, ନୀଳମଣି ବୁଡ଼େକ, ଚିତ ବେହେରା, ଧ୍ରୁବ ଚାନ୍ଦ, ମନୋଜ ସାହୁ, ଦଳ ଛତର, ଜଗଦୀଶ ବନଛୋର, ଶିବ ପଟ୍ଟନାୟକ, ପରମେ ସୁନା, ତୀର୍ଥ ଯୁଏଡ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପଶ୍ଚିମ ଓଡ଼ିଶା ଆଦିବାସୀ ସଂଘ ବୈଠକ

**ଭେଡ଼େନ, ୭।୧୧(ସୁଦନ ମହାକୁର):** ବରଗଡ଼ ଜିଲା ଭେଡ଼େନ କଲ୍ୟାଣ ମଣ୍ଡପରେ ପଶ୍ଚିମ ଓଡ଼ିଶା ଆଦିବାସୀ ସଂଘର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଛବିଲ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ପ୍ରତିଷ୍ଠାତା ଗୋବର୍ଦ୍ଧନ ଭୂଏ ଯୋଗଦେଇ ଆଦିବାସୀ ଲୋକଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏହାସହ ଏକତା, ଅଖଣ୍ଡତା ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ସଭାପତି ଗୋବିନ୍ଦ ବରିହା, ସମ୍ପାଦକ ତ୍ରିଲୋଚନ ଭୂଏ, ସୋହେଲା ବ୍ଲକ ସଭାପତି ଧନଞ୍ଜୟ ବରିହା, ସଞ୍ଜୟ ଜରଜରିଆ, ପ୍ରମୋଦ ବାରିକ, ସନ୍ତୋଷିନୀ ଝାଙ୍ଗର, ପ୍ରେମଶିଳା ବରିହା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ।

### ଧାନ କିଣାବିକା ପ୍ରଶିକ୍ଷଣ ଶିବିର

**ଭେଡ଼େନ,୭।୧୧(ସୁଦନ ମହାକୁର):** ବରଗଡ଼ ଭେଡ଼େନ ସ୍ଥିତ ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ଧାନ କିଣାବିକା ପାଇଁ ଏକ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଆର୍‌ଏମ୍‌ସି ସମ୍ପାଦକ ଡୋଲାମଣି ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ବିଡ଼ିଓ ତ୍ରିପୁର ମହାନନ୍ଦ ମୁଖ୍ୟ ଅତିଥି, ଏଆରସିଏସ୍ ନିରଞ୍ଜନ ସେଠ, ବ୍ଲକ ଯୋଗାଣ ଅଧିକାରୀ ଅଜୟ କେରକେଟା, ଜିଲା ସହକାରୀ ଯୋଗାଣ ଅଧିକାରୀ ଶ୍ରୀକର ମାଝୀ, ପାକ୍ସ ସଭାପତି ହରିଶଙ୍କର ବେହେରା, ଗଇଧର ରଣା, ସୁବ୍ରତ ଚାନ୍ଦ, ସୁରେନ୍ଦ୍ର କର୍ମୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଭୋଳାନାଥ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଆର୍‌ଏମ୍‌ସି କର୍ମଚାରୀ ଲିଙ୍ଗରାଜ ସୁନା ଧାନର ଆଦ୍ରତା ମାପକ ଯନ୍ତ୍ର ଉପରେ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ବ୍ଲକର ସମସ୍ତ ପ୍ୟାକ୍ସ କର୍ମଚାରୀ, କୃଷି ଅଧିକାରୀ ଏବଂ ଆର୍‌ଏମ୍‌ସି କର୍ମଚାରୀ ଉପସ୍ଥିତ ଥିଲେ।

### ବ୍ରାହ୍ମଣ ସମାଜର ସ୍ଥାପନା ଦିବସ, ଗାୟତ୍ରୀ ଯଜ୍ଞ ସମ୍ପନ୍ନ

**ପାଇକମାଳ,୭।୧୧(ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ନୃସିଂହନାଥସ୍ଥିତ ବ୍ରାହ୍ମଣ ସମାଜର ସଂସ୍କୃତି ମଣ୍ଡପରେ ମଙ୍ଗଳବାର ବ୍ରାହ୍ମଣ ସମାଜର ସ୍ଥାପନା ଦିବସ ଓ ଗାୟତ୍ରୀ ମହାଯଜ୍ଞ ସମ୍ପନ୍ନ ହୋଇଛି। ଏଥିରେ କର୍ତ୍ତା ଭାବେ ମାଧବ ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀ ବବିତା ପାଣିଗ୍ରାହୀ ଦାୟିତ୍ୱ ତୁଲାଇଥିଲେ। ପ୍ରେମାନନ୍ଦ ଦେବତା ପୂଜାପାଠ, ହୋମ, ଆଳତି କରିଥିବା ବେଳେ ତାଙ୍କୁ ଲିଙ୍ଗରାଜ ଦାଶ ସହଯୋଗ କରିଥିଲେ। ଏହି ଉପଲକ୍ଷେ ସୋମବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଗାୟତ୍ରୀ ଶକ୍ତି ବାହିନୀ, ପର୍ଶୁରାମ ବାହିନୀର ସଦସ୍ୟମାନେ ଯୋଗ ଦେଇଥିଲେ। ଶ୍ରଦ୍ଧାଳୁମାନେ ୧୦୮ କଳସରେ ନୃସିଂହନାଥ ଝରଣାରୁ ଜଳ ଆଣି ଯଜ୍ଞପୀଠରେ ସ୍ଥାପନ କରିଥିଲେ। ଏ ନେଇ ଅନୁଷ୍ଠିତ ସଭାରେ ଗିରିଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ଶଙ୍କର ଦାଶ, ବୁଲୁ ନାୟକ, ବାସନ୍ତୀ ମିଶ୍ର, ବିନୋଦ କାଳିଆ, ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗାୟତ୍ରୀ ଯଜ୍ଞରେ ବଲାଙ୍ଗୀର, ନୂଆପଡା, ବରଗଡ, ସମ୍ବଲପୁର, ବୌଦ୍ଧ ଜିଲାରୁ ବ୍ରାହ୍ମଣ ସମାଜର କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ମାତୃପ୍ରସାଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ।



ସମାବେଶରେ ମଞ୍ଚାସୀନ ବିଭିନ୍ନ ଚାଷୀ ସଙ୍ଗଠନର ପ୍ରତିନିଧି।

# ହକ୍ ପାଇଁ ଗର୍ଜିଲେ ଚାଷୀ

**ପଦ୍ମପୁର ୭।୧୧ (ପ୍ରଦୀପ୍ତ ଦାଶ)**

**ପଦ୍ମପୁରରେ ବିରାଟ କୃଷକ ଚେତାବନୀ ସମାବେଶ**

ରାଜବୋଡାସମ୍ବର କୃଷକ ସଙ୍ଗଠନର ଆହ୍ୱାନକ୍ରମେ ବରଗଡ଼ ଜିଲା ପଦ୍ମପୁରଠାରେ ବିରାଟ କୃଷକ ଚେତାବନୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ପଦ୍ମପୁର, ପାଇକମାଳ, ପଦ୍ମପୁର, ଗାଇସିଲେଟ, ଝାରସୁଗୁଡା, ବରପାଲି, ଝାରବନ୍ଧ, ବରଗଡ, ଅତାବିରା, ଭେଡେନ ସମେତ ବିଭିନ୍ନ ଅଞ୍ଚଳର ଚାଷୀମାନେ ଯୋଗଦାନ କରି ନିଜର ହକ୍ ଦାବି କରିଥିଲେ। କିଷାନ ମଜଦୁର ପରିଷଦ, ପଶ୍ଚିମ ଓଡିଶା ଯୁବମୋର୍ଚ୍ଚା, କୋଶଳ ସେନା, କୋଶଳ ମୁକ୍ତି ମୋର୍ଚ୍ଚା, ଓଡିଶା ରାଜ୍ୟ କୃଷକ ସଙ୍ଗଠନ ସମନ୍ୱୟ ସମିତି, ବାରପାହାଡ କୃଷକ ସଂଘ, ଶହୀଦ ମାଧୋସିଂ ଆଞ୍ଚଳିକ କୃଷକ ସଂଘ ଓ ଅନ୍ୟ ସମସ୍ତ ଆଞ୍ଚଳିକ କୃଷକ ସଂଘ ଅଂଶଗ୍ରହଣ କରିଥିଲେ। ରାଜବୋଡାସମ୍ବର କୃଷକ ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକଙ୍କ ପୌରୋହିତ୍ୟରେ ଆବାହକ ଅଶୋକ ସାହୁ, ଚାଷୀନେତା ରମେଶ ମହାପାତ୍ର, ଆଇନ ପରାମର୍ଶଦାତା ଅଜିତ ଶତପଥୀ, ସଂଯୁକ୍ତ କିଷାନ ମୋର୍ଚ୍ଚା ଦିଲ୍ଲୀର ଆଫ୍ଲାତୁନ, ରାଜେନ୍ଦ୍ର ଚୌଧୁରୀ, ଓଡିଶା ରାଜ୍ୟ କୃଷକ ସଙ୍ଗଠନ ସମନ୍ୱୟ ସମିତିର ସୁରେଶ ପାଣିଗ୍ରାହୀ, ରଘୁନାଥ ଦାସ, ବ୍ୟୋମକେଶ ଠାକୁର, ରାଜକିଶୋର ସୁନାନୀ, ଡୋଲାମଣି ସାହୁ, କବି ଦେବେନ୍ଦ୍ର ସାହୁ, ହରିଲାଲ ସାହୁ, ଅଧିକାରୀ ସା, ପଞ୍ଚାନନ ସାହୁ, ନନ୍ଦଲାଲ ତ୍ରିବେଦୀ, ଉପନ୍ନ ଭୋଇ, କୁଞ୍ଜବିହାରୀ ପ୍ରଧାନ, ରମେଶ ମେହେର, କରମ ସାହୁ, ଅରବିନ୍ଦ ପଣ୍ଡା, ଜୟପ୍ରକାଶ ବେହେରା ରାଜକିଶୋର ସୁନାନୀ, ରାଧାକାନ୍ତ ବହିଦାର, ବୀରବର ମହାକୁଡ, କୃତାର୍ଥ ପଧାନ, ବିପ୍ରଚରଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଚାଷୀମାନଙ୍କ ଉଚିତ ମୂଲ୍ୟ, ପଦ୍ମପୁର ଜିଲା ଗଠନ, କୋଶଳ ରାଜ୍ୟ, ମଣ୍ଡିରେ କଟନୀ ଛଟନୀ ବନ୍ଦ କରିବା ଆଦି ଦାବି କରାଯାଇଥିଲା। ସଭା ପୂର୍ବରୁ ହଜାର ହଜାର ଚାଷୀ ଏକାଠି ହୋଇ ସହର ପରିକ୍ରମା କରିଥିଲେ। ଟଙ୍କିକିଆ ଚାଷୀ କ୍ଲିନିକର ପ୍ରତିଷ୍ଠାତା ଡା. ଶଙ୍କର ରାମଚନ୍ଦାନୀ ଓ ଚାଷୀ ମଳୟ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, କଂଗ୍ରେସର ବିକ୍ଷୋଭ



ଏସ୍‌ପିଙ୍କ ଅଫିସ ଆଗରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି।

**ବରଗଡ଼,୭।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଚାଲିଥିବା ବେଆଇନ ନିଶା କାରବାର ଏବଂ ଭୁଶୁଡ଼ି ପଡ଼ିଥିବା ଆଇନଶୃଙ୍ଖଳା ପରିସ୍ଥିତି ନେଇ ଜିଲା କଂଗ୍ରେସ ଉଦ୍‌ବେଗ ପ୍ରକାଶ କରିଛି। ଏଥିରେ ସୁଧାର ଆଣିବା, ଅପରାଧୀଙ୍କୁ ଗିରଫ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦଳ ଦାବି କରିଛି। ଏହି କ୍ରମରେ ମଙ୍ଗଳବାର ଜିଲା କଂଗ୍ରେସର ଏକ ପ୍ରତିନିଧି ଦଳ ବରଗଡ଼ ଏସ୍‌ପି ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଏସ୍‌ପି ପି.ଏସ୍ ମୀନାଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ଦାବିପତ୍ର ଗ୍ରହଣ କରିଥିଲେ।

ଦାବିପତ୍ରରେ ଉଲ୍ଲେଖ ରହିଛି, ବରଗଡ଼ ଜିଲାରେ ଅବାଧରେ ଚାଲିଥିବା ନିଶା କାରବାର ଯୋଗୁ ଅପରାଧ ବଢ଼ି ଚାଲିଛି। ମଦ, ଜୁଆ କାରବାର ମଧ୍ୟ ଖୋଲାଖୋଲି ଚାଲିଛି। ଏପରିକି ରାଜନୈତିକ ବ୍ୟକ୍ତିଙ୍କ ଛତ୍ରଛାୟାତଳେ ରହି ଅପରାଧୀମାନେ ଆପରାଧିକ କାର୍ଯ୍ୟ ଭିଆଉଛନ୍ତି। ଏଥିରେ ପୋଲିସ ମଧ୍ୟ ବାଦ୍ ପଡ଼ିନାହିଁ ଏବଂ ୨ଦିନ ତଳେ ଅମ୍ଵାଭୋନା ଥାନା ଭଙ୍ଗାରୁଜା ଘଟଣାରୁ ଏହା ସ୍ପଷ୍ଟ ଅନୁମେୟ। ଏଭଳି ସ୍ଥଳେ ନିରୀହ ଜନତାଙ୍କ ଜୀବନଜୀବିକା ବିପନ୍ନ ହୋଇପଡ଼ିଛି। ଫଳରେ ପୋଲିସ ନିରୀହ ଲୋକଙ୍କୁ ହଇରାଣ ନ କରି ସିସିଟିଭି ଫୁଟେଜ ତର୍ଜମା କରି ଏବଂ ରାଜନୈତିକ ଚାପର ବଶବର୍ତ୍ତୀ ନ ହୋଇ ପ୍ରକୃତ ଅପରାଧୀଙ୍କୁ ଗିରଫ ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କଂଗ୍ରେସ ଦାବି କରିଛି । କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦଙ୍କ ନେତୃତ୍ୱରେ ହରଦୀପ ସିଂ, କିଶୋର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ଧାନକ୍ରୟ କମିଟିର ପ୍ରଶିକ୍ଷଣ ଶିବିର

**ବରପାଲି,୭।୧୧(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ମଙ୍ଗଳବାର ସମିତି ସ୍ତରୀୟ ଧାନ କ୍ରୟ କମିଟି ସଦସ୍ୟମାନଙ୍କ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଖରିଫ ଋତୁରେ ଚାଷୀ ଯେମିତି ଧାନ ଫସଲକୁ ନିର୍ଦ୍ଧାରିତ ମୂଲ୍ୟରେ ବିକ୍ରି କରିପାରିବ ଏବଂ ଏ ନେଇ ଥିବା ସରକାରୀ ନିୟମ ବିଷୟରେ ଉପସ୍ଥିତ ଥିବା ଚାଷୀଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣ ଶିବିରରେ ବରଗଡ଼ ଏଆର୍‌ସିଏସ୍ ନିର୍ମଳ ସେଠ୍, ଏସିଏସଓ ଭୂମିକେଶ ମାଝୀଙ୍କ ସମେତ ପ୍ରଦୀପ କୁମାର ବେସନ, ମନୋଜ ଖଟୁଆ, ପ୍ରମିଳା ତିର୍କୀ, ଜ୍ୟୋତିରାମ କର୍ଣ୍ଣ, ବରପାଲି ବିଡ଼ିଓ ପ୍ରସନ୍ନ କୁମାର ପାଣ୍ଡେ, ବରଗଡ଼ ନିୟନ୍ତ୍ରିତ ବଜାର କମିଟିର ରବୀନ୍ଦ୍ର କଠାର, ହିମାଂଶୁ ପ୍ରଧାନ, ଟ୍ରେନର ନିମାଇ ମହାପାତ୍ର, ହିମାଂଶୁ ପଧାନ, ରାଜେଶ ସୁନା, ହେମନ୍ତ ସୁନା ତଥା କଣ୍ଟାପାଲି ପାକ୍ସ ସଭାପତି ଧ୍ରୁବରାଜ ସାହୁ, ବରପାଲି ପାକ୍ସ ସଭାପତି ଗୁରୁ ମେହେର, କୁମ୍ଭାରି ପାକ୍ସ ସଭାପତି ପ୍ରଫୁଲ୍ଲ ପଧାନ, ବରପାଲି ପାକ୍ସ ସମ୍ପାଦକ ଗୋବର୍ଦ୍ଧନ ଭୋଇ, କୁମ୍ଭାରୀ ପାକ୍ସର ଗୌରଚନ୍ଦ୍ର ବୁଢ଼ିଆ, କଣ୍ଟାପାଲି ପାକ୍ସର ବାସୁକୀ ସ୍ୱାଇଁଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ଉପରେ ଶାନ୍ତ, ଭିତରେ କୁହୁଳୁଛି

**ବରଗଡ଼,୭।୧୧(ପ୍ରେମାନନ୍ଦ ଖମାରୀ)**

**ଅମ୍ବାଭୋନା ଥାନା ଭଙ୍ଗାରୁଜା ଘଟଣା**

- ରାସ୍ତାରୋକୋରୁ ଓହରିଲେ ଲୋକେ
- ଗିରଫଦାରି ସଂଖ୍ୟା ୬ରେ ସୀମିତ
- ଚର୍ଚ୍ଚାରେ ରାଜନୈତିକ ବୟାନବାଜି

ବରଗଡ଼ ଜିଲା ଅମ୍ବାଭୋନା ଥାନା ଭଙ୍ଗାରୁଜା ଘଟଣାକୁ ୨ଦିନ ବିତିଯାଇଛି। ଏହି ଘଟଣାରେ ପୋଲିସ ନିଜ ଆଡୁ ସଙ୍ଗୀନ ଦଫା ଲଗାଇ ଏକ ମାମଲା (ନଂ.୨୩୫/୨୩) ରୁଜୁ କରିଛି। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପୋଲିସ ଅଭିଯୁକ୍ତ ଦର୍ଶାଇଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୬ଜଣଙ୍କୁ ଗିରଫ କରିଛି। ଅନ୍ୟପଟେ ଏହି ଘଟଣାରେ ପୋଲିସକୁ ଦାୟୀ କରି ସୋମବାର ଅପରାହ୍ନ ପ୍ରାୟ ସାଢେ ୪ଟାରୁ ସୋହେଲା ଏବଂ ଭଟଲିରେ ରାସ୍ତାକୁ ଓହ୍ଲାଇଥିବା ଲୋକେ ସେହିଦିନ ରାତି ପ୍ରାୟ ୧୦ଟାରେ ଆନ୍ଦୋଳନରୁ ଓହରିଥିଲେ। ଏହାପରେ ଏହି ଘଟଣା ଉପରେ ଶାନ୍ତ ପଡ଼ିଥିବା ପରିଲକ୍ଷିତ ହେଉଥିଲେ ମଧ୍ୟ ଭିତରେ ଚାପା ଉତ୍ତେଜନା ଲାଗି ରହିଛି। ସେହିପରି ପୋଲିସ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ତନାଘନା ଚଳାଇଥିବା ବେଳେ ଘଟଣାକୁ ନେଇ ଶାସକ, ବିରୋଧୀଙ୍କ ବୟାନବାଜି ଆରମ୍ଭ ହୋଇଛି।

ଭାଜପା ଏହି ଘଟଣାରେ ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ସୁଶାନ୍ତ ସିଂଙ୍କୁ ଟାର୍ଗେଟ୍ କରିଛି। ଥାନା ଭଙ୍ଗାରୁଜା ଘଟଣାର ଅଭିଯୁକ୍ତମାନେ ବିଧାୟକ ସିଂଙ୍କ ସମର୍ଥକ ଏବଂ ଘଟଣା ସମୟରେ ସୁଶାନ୍ତ ଅମ୍ବାଭୋନାରେ ଉପସ୍ଥିତ ଥିବାରୁ ତାଙ୍କୁ ଗିରଫ କରିବା ପାଇଁ ଭାଜପା ରାଜ୍ୟ ସମ୍ପାଦକ ଇରାସିସ୍ ଆଚାର୍ଯ୍ୟ ଦାବି କରିଛନ୍ତି। ସେହିପରି କଂଗ୍ରେସ ଜିଲା ସଭାପତି ନିହାର ରଞ୍ଜନ ମହାନନ୍ଦ ମଧ୍ୟ ଜିଲାରେ ଭୁଶୁଡ଼ି ପଡ଼ିଥିବା ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଉଦବେଗ ପ୍ରକାଶ କରି ଅମ୍ବାଭୋନା ଥାନା ଭଙ୍ଗାରୁଜା ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଅନ୍ୟପଟେ ବିଧାୟକ ସିଂ ଏହି ଘଟଣାରେ ପୋଲିସକୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି। ସେ କହିଛନ୍ତି, ପୋଲିସର ଭୁଲ ଯୋଗୁ ଏଭଳି ଘଟଣା ଘଟିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସେ କହିଥିଲେ ଏବଂ ଏହାପରେ ସେଠାରୁ ସବୁଲୋକ ପଳାଇ ଆସିଥିଲେ। କିନ୍ତୁ ଭାଜପା ସବୁବେଳେ ଅଯଥାରେ ତାଙ୍କ ପଛରେ ପଡ଼ିଛି । ଭାଜପାର ଅଭିଯୋଗରେ କୌଣସି ସତ୍ୟତା ନାହିଁ । ଭାଜପା ଓଡ଼ିଶାରେ କେତେବେଳେ ମଧ୍ୟ ଜିତିପାରିବ ନାହିଁ। ଯେଉଁ ଭାଜପା ନେତା ଖବରଦାତା ସମ୍ମିଳନୀରେ ତାଙ୍କ ବିରୋଧରେ ସେଭଳି ଅଭିଯୋଗ ଆଣୁଛନ୍ତି, ସେ ଗୋଟିଏ ୱାର୍ଡ ସଭ୍ୟ ଆସନରୁ ଜିତି ଦେଖାଇ ଦିଅନ୍ତୁ ବୋଲି ବିଧାୟକ ସିଂ କହିଛନ୍ତି ।

ପ୍ରକାଶଥାଉକି, ରବିବାର ସନ୍ଧ୍ୟାରେ ଶତାଧିକ ଲୋକ ଅମ୍ବାଭୋନା ଥାନାକୁ ଅତର୍କିତ ଭାବେ ପଶି ଭଙ୍ଗାରୁଜା କରିଥିଲେ। ଥାନା ଭିତରେ ପୋଲିସ ଉପସ୍ଥିତିରେ ଲୋକଙ୍କ ଏଭଳି ତୁମୁଳକାଣ୍ଡ ଜିଲାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ସୂଚାଇ ଦେଇଥିଲା। ତେବେ ପୋଲିସ ଘଟଣାକୁ ନେଇ ମାମଲା ରୁଜୁ କରିବା ସହିତ ସିସିଟିଭି ଫୁଟେଜକୁ ଆଧାର କରି ଗିରଫଦାରି ଆରମ୍ଭ କରିଥିବାବେଳେ ଏହି ଘଟଣାରେ ରାଜନୈତିକ ଆରୋପ ପ୍ରତ୍ୟାରୋପ ଏବେ ଚର୍ଚ୍ଚାର ବିଷୟ ହୋଇଛି ।

## ସୂଚନା ଅଧିକାର କର୍ମୀଙ୍କ ବିକ୍ଷୋଭ



ଜିଲାପାଳଙ୍କୁ ଫେରାଦ ହୋଇଥିବା ସୂଚନା ଅଧିକାରକର୍ମୀ ।

**ବରଗଡ଼,୭।୧୧(ପ୍ରେମାନନ୍ଦ ଖମାରୀ)**

ଓଡ଼ିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନଙ୍କ ଗିରଫଦାରିକୁ ନେଇ ବରଗଡ଼ ଜିଲା ସୂଚନା ଅଧିକାର କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି କ୍ରମରେ ମଙ୍ଗଳବାର ଓଡ଼ିଶା ସୂଚନା ଅଧିକାର ଅଭିଯାନ ବରଗଡ଼ ଜିଲା ଶାଖା ପକ୍ଷରୁ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଓଡ଼ିଶା ସୂଚନା ଅଧିକାର ଅଭିଯାନର ଆବାହକ ପ୍ରଧାନ ୨୦୦୫ରୁ ସୂଚନା ଅଧିକାର ଆଇନକୁ ବ୍ୟବହାର କରି ରାଜ୍ୟରେ ଚାଲିଥିବା ଖଣି, ଜମି, ଡାଲି ଦୁର୍ନୀତି, ଚିଟ୍‌ଫଣ୍ଡ ଆଦି ଦୁର୍ନୀତି ଲୋକଲୋଚନକୁ ଆଣିଥିଲେ। ଏପରିକି ଖବରଦାତା ସମ୍ମିଳନୀ କରି ସେ ବିଭିନ୍ନ ଅନିୟମିତତା ପଦାକୁ ଆଣିଥିଲେ। ଗତ ମାସ ୨୮ତାରିଖ ସନ୍ଧ୍ୟାରେ ପ୍ରଧାନ ଏକ ଖବରଦାତା ସମ୍ମିଳନୀରେ ସେଭଳି ଅନିୟମିତତା ସମ୍ପର୍କରେ କହିଥିବାବେଳେ ସେହିଦିନ ରାତିରେ ଭୁବନେଶ୍ୱରସ୍ଥିତ ଭଡ଼ାଘରୁ ମହିଳା ଥାନାର ଅଧିକାରୀମାନେ ତାଙ୍କୁ ଉଠାଇ ନେଇଥିଲେ। ପୂର୍ବରୁ ମଧ୍ୟ ତାଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ ହୋଇଛି ଏବଂ ତାଙ୍କ ଘର ସମ୍ମୁଖରେ ବୋମାମାଡ଼ କରାଯାଇଥିଲା। ସୂଚନା ଅଧିକାର ଅଭିଯାନର ଆବାହକ ପ୍ରଧାନଙ୍କୁ ମିଛ ମାମଲାରେ ଫସାଇ ଦିଆଯାଇଛି ଏବଂ ଜେଲ ମଧ୍ୟରେ ତାଙ୍କ ଜୀବନ ବିପଦରେ ରହିଥିବାରୁ ପ୍ରଧାନଙ୍କ ବିରୋଧରେ ରହିଥିବା ମାମଲାଗୁଡ଼ିକୁ ତୁରନ୍ତ ପ୍ରତ୍ୟାହାର କରି ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଓଡ଼ିଶା ସୂଚନା ଅଧିକାର ଅଭିଯାନ ବରଗଡ଼ ଜିଲା ଶାଖା ଦାବି କରିଛି। ସୂଚନା ଅଧିକାର କର୍ମୀ ସୁଶାନ୍ତ କୁମାର ଗଡ଼ତୀୟା, ଅଞ୍ଜନ ଗଡ଼ତିଆ, ଡୋଲାମଣି ଠାକୁର, ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଧାନ ସଂଗ୍ରହ ପାଇଁ ପ୍ରଶିକ୍ଷଣ କର୍ମଶାଳା

**ବରଗଡ଼,୭।୧୧(ପ୍ରେମାନନ୍ଦ ଖମାରୀ)**



ବରଗଡ଼ କୃଷକ ବଜାରରେ ଧାନ ସଂଗ୍ରହ ପ୍ରଶିକ୍ଷଣ କର୍ମଶାଳା ।

ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧୀନ କୃଷକ ବଜାର ପରିସରରେ ମଙ୍ଗଳବାର ସମିତି ସ୍ତରୀୟ ଧାନକ୍ରୟ କମିଟି ସଦସ୍ୟଙ୍କ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କର୍ମଶାଳାରେ ବରଗଡ଼ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ନିରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଧାନ ସଂଗ୍ରହ ପ୍ରକ୍ରିୟାରେ ସମିତି ସ୍ତରୀୟ ଧାନକ୍ରୟ କମିଟି ସଦସ୍ୟଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଏବଂ ଭୂମିକା ଉପରେ ସେ ଆଲୋକପାତ କରିଥିଲେ। ସ୍ଥାନୀୟ ସମବାୟ ସମ୍ପ୍ରସାରଣ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ଧାନର ସର୍ବନିମ୍ନ ସହାୟକ ଦର, ଧାନର ଗୁଣବତ୍ତା, ସ୍ୱଚ୍ଛତା ଉପରେ ଆଲୋକପାତ କରିଥିଲେ। ସହକାରୀ ଯୋଗାଣ ଅଧିକାରୀ, ବ୍ଲକ ଯୋଗାଣ ଅଧିକାରୀ ଏବଂ ବିଭାଗୀୟ କର୍ମଚାରୀମାନେ ଧାନ ସଂଗ୍ରହ ପ୍ରକ୍ରିୟା କିଭଳି ସୁରୁଖୁରୁରେ ସମ୍ପାଦିତ ହୋଇପାରିବ ସେ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଆର୍‌ଏମ୍‌ସି ମାଷ୍ଟର ଟ୍ରେନର ଭାବେ ରବି ନାରାୟଣ ବାରିକ, ଗୋକୁଳାନନ୍ଦ ଆଚାର୍ଯ୍ୟ ଯୋଗଦେଇ ଧାନର ଗୁଣବତ୍ତା ପରୀକ୍ଷା, ଯନ୍ତ୍ରପାତି ବ୍ୟବହାର ଉପରେ ପ୍ରଶିକ୍ଷଣ ଦେଇଥିଲେ। ଆର୍‌ଏମ୍‌ସି କର୍ମଚାରୀ ସହଯୋଗ କରିଥିଲେ।

## ଫିଲ୍ମ ସିଟି ନିର୍ମାଣକୁ ଗୁରୁତ୍ୱାରୋପ

**ବରଗଡ଼,୭।୧୧(ପ୍ରେମାନନ୍ଦ ଖମାରୀ)**

**ପଶ୍ଚିମ ଓଡ଼ିଶା ପ୍ରଡ୍ୟୁସର ଆସୋସିଏଶନ ବୈଠକ**

ସିନେ ଅଭିନେତା ମନୋଜ ମିଶ୍ରଙ୍କୁ ନେଇ ଚର୍ଚ୍ଚା ଥମିବା ନାଁ ନେଉନାହିଁ। ଉତ୍କଳ ଫିଲ୍ମ ପ୍ରଯୋଜକ ସଂଘ ତାଙ୍କୁ ୨ବର୍ଷ ବାସନ୍ଦ କରିବା ପରେ ମନୋଜଙ୍କ ସପକ୍ଷରେ ପଶ୍ଚିମ ଓଡ଼ିଶାବାସୀ ଏକଜୁଟ୍ ହୋଇଛନ୍ତି। ଏହି କ୍ରମରେ ବରଗଡ଼ କାଦମ୍ବିନୀ ହଲରେ ମଙ୍ଗଳବାର ପଶ୍ଚିମ ଓଡ଼ିଶା ପ୍ରଡ୍ୟୁସର ଆସୋସିଏଶନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁଧୀର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟତଃ ବର୍ତ୍ତମାନ ଫ୍ଲିମ ବିତରଣ ଉପରେ ଉପୁଜିଥିବା ସମସ୍ୟା, ଅଭିନେତା ମନୋଜ ମିଶ୍ରଙ୍କ ଉପରେ ଲାଗିଥିବା ବାସନ୍ଦ, ପଶ୍ଚିମ ଓଡ଼ିଶାରେ ଏକ ଫିଲ୍ମ ସିଟି ନିର୍ମାଣ ଆଦି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ବୈଠକରେ ସିନେ ଅଭିନେତା ମନୋଜ ମିଶ୍ରଙ୍କ ସମେତ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ଶରତ ମହାକୁର, ସମ୍ପାଦକ ଦେବେନ୍ଦ୍ର ସାହୁ, ଅମିତ ପତି, କିଶୋର ପଧାନ, କେଦାରନାଥ ଥନାପତି, ଗୋପାଳ ପଧାନ, ନବ ମହନ୍ତମ, କମଳେଶ ଚକ୍ରବର୍ତ୍ତୀ, ଜନକ ସେଠ ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ମନୋଜ ମିଶ୍ର ଏବଂ ଅନ୍ୟମାନେ।

## ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ ଆଗରେ ଧାରଣା

**ବରଗଡ଼,୭।୧୧(ପ୍ରେମାନନ୍ଦ ଖମାରୀ)**

**ବିଦ୍ୟୁତ ଦେୟ ବୃଦ୍ଧିକୁ ନେଇ ଚାଷୀ ଅସନ୍ତୋଷ**



ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣା ଦେଇଛନ୍ତି।

ବରଗଡ଼ ଜିଲାରେ କେନାଲ ପାଣି ମାଡୁ ନ ଥିବା ଅଞ୍ଚଳର ଚାଷୀମାନେ ଗଭୀର ନଳକୂପ ମାଧ୍ୟମରେ ଚାଷକାର୍ଯ୍ୟ କରୁଛନ୍ତି। ମାତ୍ର ବିଦ୍ୟୁତ୍ ଦେୟ ବୃଦ୍ଧି ସମ୍ପୃକ୍ତ ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ବିଦ୍ୟୁତ୍ ଦେୟ ପଇଠ କରି ପାରୁ ନ ଥିବାରୁ ବିଭାଗୀୟ କର୍ମଚାରୀମାନେ ସେମାନଙ୍କୁ ବାରମ୍ବାର ବିଦ୍ୟୁତ କାଟ୍ ଧମକ ଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଧାନ ଅମଳ ପାଖେଇ ଆସିଥିବାବେଳେ ଏଭଳି ସମୟରେ ବିଦ୍ୟୁତ କାଟ୍ କରାଗଲେ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ିଯିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ଦାବି କରି ମଙ୍ଗଳବାର ବରଗଡ଼ ଜିଲା ଅତାବିରା ବ୍ଲକ ଖରମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଚୂଳଧର ଗ୍ରାମର ଚାଷୀମାନେ ଜିଲାପାଳ ଏବଂ ଟିପିଡବ୍ଲ୍ୟୁଓଡ଼ିଏଲ ନିର୍ବାହୀ ଯନ୍ତ୍ରୀଙ୍କୁ ଫେରାଦ ହୋଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନେ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ଦାବି ଉପସ୍ଥାପନ କରିଛନ୍ତି।

ସ୍ମାରକପତ୍ର ଅନୁସାରେ, ଉକ୍ତ ଗ୍ରାମର ଚାଷୀମାନେ ଓଡ଼ିଶା ଉଠାଜଳସେଚନ ନିଗମ ଦ୍ୱାରା ଗଭୀର ନଳକୂପ ଖନନ କରି ଚାଷକାର୍ଯ୍ୟ କରିଆସୁଛନ୍ତି। ସେମାନେ ନିୟମିତ ବିଦ୍ୟୁତ ଦେୟ ପଇଠ କରିଆସୁଥିଲେ। କିନ୍ତୁ ପ୍ରାୟ ଦେଢ଼ବର୍ଷରୁ ୨ବର୍ଷ ହେବ ବିଦ୍ୟୁତ ଦେୟ ଅହେତୁକ ବୃଦ୍ଧି ପାଉଥିବାରୁ ଚାଷୀମାନେ ତାହା ପଇଠ କରିପାରୁନାହାନ୍ତି। ଅନ୍ୟପଟେ ବିଭାଗୀୟ କର୍ମଚାରୀମାନେ ବାରମ୍ବାର ଆସି ବିଦ୍ୟୁତ୍ ଦେୟ ପଇଠ କରିବାକୁ କହୁଥିବାବେଳେ ତାକୁ ନେଇ ମତଭେଦ ସୃଷ୍ଟି ହେଉଛି। ଏଭଳି ସ୍ଥଳେ ବିଦ୍ୟୁତ କାଟ୍ କରାଗଲେ ଫସଲ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଚାଷୀମାନେ ନିବେଦନ କରିଛନ୍ତି। ଗ୍ରାମର ଗୋବର୍ଦ୍ଧନ କଉଡ଼ି, ରାମଚନ୍ଦ୍ର ସାହୁ, ବରୁଣ ସାହୁ, ନାରାୟଣ ପ୍ରଧାନ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ। ଆମ୍ ଆଦମୀ ପାର୍ଟି ଜିଲା ସଂଯୋଜକ ଭବାନୀ ପ୍ରସାଦ ସାହୁ ଚାଷୀଙ୍କ ସହିତ ସାମିଲ ହୋଇଥିଲେ ।



## ସଂକ୍ଷେପରେ

### କୁର୍‌କୁରେ ଖାଇବାକୁ ଡାକି ନାବାଳିକାଙ୍କୁ ବଳାତ୍କାର

**ରାଉରକେଲା,୭।୧୧(ସଙ୍ଗୀତା ଜେନା):** ଉଦିତନଗର ଥାନା ଅଧୀନ ମାଲଗୋଦାମ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ନାବାଳିକା(୩ ବର୍ଷ)ଙ୍କୁ ତାଙ୍କର ଜଣେ ସମ୍ପର୍କୀୟ କୁର୍‌କୁରେ ଖାଇବାକୁ ଡାକି ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଅଭିଭାବକ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଥିବା ବେଳେ ପୋଲିସ ବଳାତ୍କାର ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛି। ଖବର ଲେଖା ହେବା ପର୍ଯ୍ୟନ୍ତ (ରାତି ସାଢ଼େ ୯ଟା) ଏ ନେଇ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

### ଲତିକା ଭାଜପା ପାନପୋଷ ସାଙ୍ଗଠନିକ ଜିଲା ସଭାନେତ୍ରୀ

**ରାଉରକେଲା,୭।୧୧(ସଙ୍ଗୀତା ଜେନା):** ଭାଜପା ପାନପୋଷ ସାଙ୍ଗଠନିକ ଜିଲା ସଭାନେତ୍ରୀ ଭାବେ ଲତିକା ପଟ୍ଟନାୟକ ପୁନର୍ବାର ମନୋନିତ ହୋଇଛନ୍ତି।



ଏ ନେଇ ଦଳ ପକ୍ଷରୁ ଦଳ ପକ୍ଷରୁ ଏକ ପ୍ରେସ ବିବୃତିରେ ସୂଚନା ଦିଆଯାଇଛି। ଏହି ନିଯୁକ୍ତିକୁ ସ୍ୱାଗତ କରି ଦଳୀୟ କର୍ମକର୍ତ୍ତା ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମଙ୍କୁ କୃତଜ୍ଞତା ଜଣାଇଛନ୍ତି। ତେବେ ଏହି ନୂତନ ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରିବେ ଓ ଦଳକୁ ସୁଦୃଢ଼ କରିବେ ବୋଲି ଲତିକା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

### ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ରାଉରକେଲା,୭।୧୧(ଦିନେଶ ମିଶ୍ର):** ସେକ୍ଟର-୧୬ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ କ'ର ପ୍ରଧାନ ଶିକ୍ଷୟିତ୍ରୀ କବିତା ପତିଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେକ୍ଟର-୧୫ ସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ରାଉରକେଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଭାସ୍କର ନନ୍ଦ ସଂଯୋଜନା କରିଥିଲେ। ବିଶ୍ରା ବିଇଓ ବେଣୁଧର ସ୍ୱାଇଁ, କୁଆ୍ରା ବିଇଓ ଶରତ କୁମାର ପତି ଓ ଶିକ୍ଷକ ସଂଘ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଆରଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ପତିଙ୍କ କର୍ମମୟ ଜୀବନ ସମ୍ପର୍କରେ ଶିକ୍ଷକମାନେ ଆଲୋଚନା କରିଥିଲେ। ଏହି ଅବସରରେ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷୟିତ୍ରୀ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ରେଣୁବାଳା ରାଉତରାୟ, ରଶ୍ମିତ ସାହାଣୀ, ପ୍ରମିଳା ପ୍ରଧାନ, କାବେରୀ ଭଞ୍ଜ, ଅମିତା କୁମାର ସାହୁ, ନିବେଦିତା ମହାପାତ୍ର, ପ୍ରମିଳା ପ୍ରଧାନ ଓ ପାଚିକାଗଣ ସହଯୋଗ କରିଥିଲେ। ସିଆରସିସି ଦୀପକ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଶିକ୍ଷୟିତ୍ରୀ ପତି କରୋନା କାଳରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ଲକ୍ଷ ଟଙ୍କା ପ୍ରଦାନ କରିବା ସହ ସେକ୍ଟର-୧୬ ସ୍କୁଲର ଶିକ୍ଷାଦାନ କରୁଥିବା ସମୟରେ ବିଦ୍ୟାର୍ଥୀଙ୍କ ବସିବା ଲାଗି ଡେସ୍କ, ବେଞ୍ଚ ପାଇଁ ୪୦ ହଜାର ଟଙ୍କା ପ୍ରଦାନ କରିଥିଲେ।

### ରାଉରକେଲାର ୨ ମହିଳା ଜୁଭେନାଇଲ୍ ଜଷ୍ଟିସ ବୋର୍ଡ ସଦସ୍ୟ

ରାଉରକେଲା,୭।୧୧(ସଙ୍ଗୀତା ଜେନା) ଜୁଭେନାଇଲ୍ ଜଷ୍ଟିସ ବୋର୍ଡ ସଦସ୍ୟ ଭାବେ ଆଗାମୀ ୩ ବର୍ଷ ପାଇଁ ରାଉରକେଲାର ୨ ଜଣ ମହିଳା ମନୋନୀତ ହୋଇଛନ୍ତି। ସେମାନେ ହେଲେ ସେକ୍ଟର-୧୫ ଅଞ୍ଚଳର ହାସିନା ବେଗମ୍ ଓ ଆଇନଜୀବୀ ବବିତା ମହାପାତ୍ର। ସେହିପରି ଅତିରିକ୍ତ ମୁଖ୍ୟ ନ୍ୟାୟାଧୀଶ ତଥା ସେସନ୍ କୋର୍ଟ ଜଜ୍‌ଙ୍କୁ ମୁଖ୍ୟ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ନେଇ ଗତ ୨ ତାରିଖରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ଗତ ସୋମବାରଠାରୁ ଏହି ସଦସ୍ୟମାନେ ଦାୟିତ୍ୱ ଗ୍ରହଣ କରିଥିବା ସୂଚନା ମିଳିଛି।

### ଜଳିଗଲା ବେତ ଦୋକାନ

**ରାଉରକେଲା,୭।୧୧(ସଙ୍ଗୀତା ଜେନା):** ସେକ୍ଟର-୧୯ ଥାନା ଅନ୍ତର୍ଗତ ଆମ୍ବାଗାନ ଗଜପତି ମାର୍କେଟରେ ଥିବା ଗୋପାଳ କୁମାରଙ୍କ ଏକ ବେତ ଫର୍ଣ୍ଣିଚର ଦୋକାନରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଭସ୍ମୀଭୂତ ହୋଇଯାଇଥିବା ସୂଚନା ମିଳିଛି। ସୋମବାର ବିଳମ୍ବିତ ରାତିରେ ଉକ୍ତ ଦୋକାନରେ ଲାଗିଥିବା ନିଆଁକୁ ଆୟତ୍ତ କରିବା ପାଇଁ ସ୍ଥାନୀୟ ଲୋକ ଓ ଦମକଳ ବାହିନୀ ଯଥା ସମ୍ଭବ ପ୍ରୟାସ କରିଥିଲେ। ମାତ୍ର ସମସ୍ତ ସାମଗ୍ରୀ ଜଳିଯାଇଥିଲା।

# ଏଡିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ

## ବାଣ ଦୋକାନ ଆବଣ୍ଟନରେ ଅନିୟମିତତା

ରାଉରକେଲା,୭।୧୧(ସଙ୍ଗୀତା ଜେନା)



ଛାତ୍ର କଂଗ୍ରେସ କର୍ମୀମାନେ ଏଡିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ଆସନ୍ତା ଦୀପାବଳି ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ବାଣ ଦୋକାନ ଖୋଲିବାକୁ ଅନୁମତି ପ୍ରଦାନ କରାଯାଇଛି। ଏହି କ୍ରମରେ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଅଧୀନ ପାୱାର ହାଉସ୍ ରୋଡ୍ ପାର୍କିଂ ପଡ଼ିଆରେ ବାଣ ଦୋକାନ ପାଇଁ ସ୍ଥାନ ଚିହ୍ନଟ କରାଯାଇଛି। ଉକ୍ତ ପାର୍କିଂରେ ଦୋକାନ କରାଇଦେବା ନାମରେ କିଛି ଲୋକ ବେଆଇନ ଭାବେ ଅର୍ଥ ଆଦାୟ କରୁଛନ୍ତି। ଏଠାରେ ମନମୁଖୀ ଦୋକାନ ଆବଣ୍ଟନ କରାଯାଉଛି। ଏଭଳି ଅଭିଯୋଗ କରି ମଙ୍ଗଳବାର ଯୁବ କଂଗ୍ରେସ ପକ୍ଷରୁ ଏଡ଼ିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେହିପରି ସେକ୍ଟର-୧୩ ସ୍ଥିତ ପଡ଼ିଆରେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ଲଟେରି ମାଧ୍ୟମରେ ବ୍ୟବସାୟୀଙ୍କୁ ଦୋକାନ ଆବଣ୍ଟନ କରୁଛନ୍ତି। ଏଠାରେ ଆର୍‌ଏମ୍‌ସି କର୍ତ୍ତୃପକ୍ଷ ଦୋକାନୀଙ୍କ ନାମ ସଂଗ୍ରହ କରି ଦୋକାନ ଆବଣ୍ଟନ କରନ୍ତୁ ବୋଲି ଯୁବ କଂଗ୍ରେସ ଦାବି କରିଛି। ବର୍ଷ ତମାମ ପାୱାର ହାଉସ ପାର୍କିଂରୁ କିଛି ଅସାମାଜିକ ଯୁବକ ପାର୍କିଂ ନାମରେ ଅର୍ଥ ଆଦାୟ କରୁଛନ୍ତି। ଆଗାମୀ ଦିନରେ ଉକ୍ତ ପାର୍କିଂସ୍ଥଳୀକୁ ଆର୍‌ଏମ୍‌ସି ପରିଚାଳନା କରୁ ବୋଲି ସ୍ମାରପତ୍ରରେ ଉଲ୍ଲେଖ ରହିଛି। ସ୍ମାରକପତ୍ର ପ୍ରଦାନ ବେଳେ ଛାତ୍ର କଂଗ୍ରେସର ମୋତିଲାଲ ଦୀପ୍, ଶିବୁ ଦୀପ୍, ନିରୂପମା ବଳିଆରସିଂହ, ସୂର୍ଯ୍ୟକାନ୍ତ ବାରିକ, ଇଜାଜ୍ ଅଖତାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ ସ୍ମାରକପତ୍ରର ନକଲ ରାଉରକେଲା ତହସିଲଦାରଙ୍କୁ ମଧ୍ୟ ପ୍ରଦାନ କରାଯାଇଛି।

# ବ୍ୟବସାୟୀଙ୍କୁ ଅପହରଣ କଲେ, ପରେ ଛାଡ଼ିଦେଲେ

ରାଉରକେଲା,୭।୧୧(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଅଧୀନ ବିଶ୍ରା ଥାନା ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ଫାଙ୍କା ଗୁଳି ଚାଳନା ସହ ବନ୍ଧୁକ ମୁନରେ ଜଣେ ବ୍ୟବସାୟୀଙ୍କୁ ଅପହରଣ କରି ନେଇଥିଲେ। ତେବେ କିଛି ସମୟ ପରେ ସେମାନେ ତାଙ୍କୁ ମୁକ୍ତ କରିଥିବା ସୂଚନା ମିଳିଛି। ଏ ନେଇ ବ୍ୟବସାୟୀ ଜଣଙ୍କ ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୫୯/୨୩) ରୁଜୁ କରି ତଦନ୍ତ କରୁଛି।

ଅଭିଯୋଗ ଅନୁସାରେ, ନୂଆଗାଁ ବ୍ଲକ ସୋରଡ଼ା ଗ୍ରାମର ବ୍ୟବସାୟୀ ସାଜିଦ ଅନ୍‌ସାରୀ ସୋମବାର ରାତିରେ ଜଗଦୀଶ ଛକରେ ବସିଥିଲେ। ଏହି ସମୟରେ ୮/୧୦ ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ଅନ୍‌ସାରୀଙ୍କୁ ଧମକଚମକ ଦେବା ସହ ମାଡ଼ପିଟ୍ କରିଥିଲେ। ଦୁର୍ବୃତ୍ତମାନେ ୨ରାଉଣ୍ଡ ଫାଙ୍କା ଗୁଳିଚାଳନା କରିବା ସହ ତାଙ୍କୁ ବଳପୂର୍ବକ ଉଠାଇ ନେଇଥିଲେ। ଘଟଣାର ୨/୩ ଘଣ୍ଟା ପରେ ସେମାନେ ଉକ୍ତ ବ୍ୟବସାୟୀଙ୍କୁ ମୁକ୍ତ କରିଦେଇଥିଲେ। ତେବେ ଦୁର୍ବୃତ୍ତମାନଙ୍କ ମଧ୍ୟରୁ ଜଣଙ୍କୁ ଚିହ୍ନିଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷେ ଦୁର୍ବୃତ୍ତମାନେ ପୂର୍ବରୁ ପିଏଲ୍‌ଏଫ୍‌ଆଇ ସଦସ୍ୟ ଓ ଅନ୍ୟ ଆପରାଧିକ କାର୍ଯ୍ୟରେ ଲିପ୍ତ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଖବର ପାଇ ଡିଏସ୍‌ପି ଅନୀଲ ପ୍ରଧାନ, ଥାନାଧିକାରୀ ପ୍ରଦୀପ ନାୟକ, ଏସ୍‌ପି ସ୍ପେଶାଲ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଉକ୍ତ ବ୍ୟବସାୟୀଙ୍କୁ ପଚରାଉଚୁରା କରିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ଝାଡଖଣ୍ଡ ସୀମାନ୍ତ ବିଶ୍ରା ଅଞ୍ଚଳ ଦିନକୁ ଦିନ ଅପରାଧପ୍ରବଣ ହୋଇପଡୁଛି। ବିଭିନ୍ନ ଆପରାଧମୂଳକ କାର୍ଯ୍ୟକଳାପ ବୃଦ୍ଧି ହେଉଥିବାରୁ ଏହାର ନିୟନ୍ତ୍ରଣ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି। ପୋଲିସ ବିଟ୍ ହାଉସ୍‌ରେ ବ୍ୟାପକ ପୋଲିସ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ମାସିକ ସାହିତ୍ୟ ଆସର, ପତ୍ରିକା ଉନ୍ମୋଚନ

ରାଉରକେଲା,୭।୧୧(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ମଧୁସୂଦନ ପାଠାଗାର ଆନୁକୂଲ୍ୟରେ ସୁନ୍ଦରଗଡ ଲେଖକ ସାମ୍ମୁଖ୍ୟର ମାସିକ ସାହିତ୍ୟ ଆସର ଓ ତ୍ରୈମାସିକ ପତ୍ରିକା 'ନାଗରା'ର ଉନ୍ମୋଚନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସୁନ୍ଦରଗଡ ଲେଖକ ସାମ୍ମୁଖ୍ୟ ସଭାପତି ଭୂପେନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଞ୍ଜିନିୟର ଅଭୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଶଙ୍କର ପ୍ରସାଦ ତ୍ରିପାଠୀ ସମ୍ମାନିତ ଅତିଥି, ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ର ଭାବେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତ ସ୍ୱାଧୀନତାର ଉପଲବ୍ଧିର ଉଦାରତା ଓ ସମ୍ବେଦନଶୀଳତା, ସାମ୍ପ୍ରତିକ ସମାଜର ସମସ୍ୟା ଓ ସମାଧାନ ପନ୍ଥା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ 'ନାଗରା'ର ଶୁଭ ଉନ୍ମୋଚନ କରାଯାଇଥିଲା। ଡକ୍ଟର ସୁମନ ଦତ୍ତ ଉପସ୍ଥିତ ରହି ସାହିତ୍ୟର ଅବଦାନ ଉପରେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଗଳ୍ପପାଠ କରାଯାଇଥିଲା। ଏଥିରେ ସାହିତ୍ୟିକ ଭୂପେନ ମହାପାତ୍ର ସଭାପତିତ୍ୱ କରିଥିଲେ। ପରେ ନିରୁପମା ପତିଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି କୁଞ୍ଜ ବିହାରୀ ରାଉତ, ପ୍ରଫୁଲ୍ଲ ସାମଲ, ନିରୁପମା ପତି, ସୁନିତା ସାହୁ, ପ୍ରତାପ ପଣ୍ଡା, ହୃଷୀକେଶ ସାହୁ, ବସନ୍ତ ବିଶ୍ୱକର୍ମା, ଭୂପେନ ମହାପାତ୍ର, ଅତୁଲ୍ୟ ମହାକୁଡ ପ୍ରମୁଖ କବିତା ପାଠ କରିଥିଲେ। ସୂର୍ଯ୍ୟନାରାୟଣ ପଣ୍ଡା, ଜୟଶ୍ରୀ ଦାସ, ବ୍ରିଜକିଶୋର ପାଣି, ସୁଶାନ୍ତ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। ମଧୁସୂଦନ ପାଠାଗାରର ସାଧାରଣ ସମ୍ପାଦକ ବିଜୟ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ରାଉରକେଲା,୭।୧୧(ଦିନେଶ ମିଶ୍ର):** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ମାଣ୍ଡିଆକୁଦା ଅଞ୍ଚଳରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ମଙ୍ଗଳବାର ଜବତ କରିଛି। ମୃତା ମହିଳା ହେଲେ ଯଶମତୀ ପ୍ରସାଦ(୩୪)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ମୃତ୍ୟୁର କାରଣ ଜଣାପଡିନାହିଁ। ସୂଚନା ଅନୁସାରେ, ବେଦବ୍ୟାସ ସ୍ଥିତ ମାଣ୍ଡିଆକୁଦର ବସ୍ତିର ଯଶମତୀ ସୋମବାର ରାତିରେ ନିଜ ଘରେ ଶୋଇଥିଲେ। ମଙ୍ଗଳବାର ସକାଳେ ସେ ବେକରେ ଲୁଗାବାନ୍ଧି ପଙ୍ଖାରେ ଝୁଲୁଥିବା ପରିବାର ଲୋକେ ଦେଖି ତାଙ୍କୁ ତୁରନ୍ତ ଆରଜିଏଚ୍ ଓ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଯୋଗ ମାଧ୍ୟମରେ ନିରାମୟ ଜୀବନ ସମ୍ଭବ



ଶିବିରରେ ଯୋଗାଭ୍ୟାସ କରାଯାଉଛି।

## ପତଞ୍ଜଳି ଯୋଗ ଶିବିରରେ ବାର୍ଷିକ ଉତ୍ସବ ପାଳିତ

ରାଉରକେଲା,୭।୧୧(ଦିନେଶ ମିଶ୍ର)

ସୁନ୍ଦରଗଡ ଜିଲା ପତଞ୍ଜଳି ଯୋଗ ଶିବିର ପକ୍ଷରୁ ରାଉରକେଲା ସେକ୍ଟର-୧୪ ସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ ଯୋଗଗୁରୁ ବିଷ୍ଣୁ ଚରଣ ମଲ୍ଲିକଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅକ୍ରୂର ମାର୍ଥା ଅତିଥି ଭାବେ ଯୋଗ ଦେଇଥିଲେ। ଯୋଗ ମାଧ୍ୟମରେ ନିରାମୟ ଜୀବନ ସମ୍ଭବ ବୋଲି ମାର୍ଥା ମତପ୍ରକାଶ କରିଥିଲେ। ଜିଲା ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର ବେହେରା, ମହିଳା ପ୍ରଭାରୀ ନିତମ୍ବିନୀ ସ୍ୱାଇଁ, ପୀତବାସ ପ୍ରଧାନ ଉପସ୍ଥିତ ରହି ଯୋଗର ପ୍ରସାର ପ୍ରଚାର ଉପରେ ଗୁରୁତ୍ୱ ଦେବା ସହ ସମସ୍ତେ ପ୍ରତିଦିନ ଯୋଗାଭ୍ୟାସ କରିବାକୁ ଆହ୍ୱାନ ଦେଇଥିଲେ। ଯୋଗ ଶିକ୍ଷକ ବି. ବି. ଭୁଜବଳ ଶିବିର ପରିଚାଳନା କରିଥିଲେ। ଶିବିରରେ ୭୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ପ୍ରଶିକ୍ଷଣ ନେଇଥିଲେ। କାର୍ଯ୍ୟକ୍ରମରେ ମଞ୍ଜୁଲତା ମାଝୀ, ଅଜିତ ଜେନା, ତାରା ବଡାଇକ, ସୁଷମା ସାହାଣୀ, ବିଜୟ କୁମାର ଚୌଧୁରୀ, ବି.ଆର୍. ପାତ୍ର, ଆର୍. କେ. ବେହେରା, ବୁଲିତା ମହାରଣା, ଜି.ଏସ୍. ପାଣିଗ୍ରାହୀ, ପ୍ରବାସିନୀ ଜେନା, ରାମକୃଷ୍ଣ ପଣ୍ଡା, ପ୍ରକୀର ମୋହନ ଦାସ, ଶ୍ରର୍ମିଷ୍ଠା ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅଣସଙ୍ଗଠିତ, ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ




ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା,୭।୧୧(ଦିନେଶ ମିଶ୍ର)

ଅଣସଙ୍ଗଠିତ ଓ ନିର୍ମାଣ ଶ୍ରମିକଙ୍କ ସାମାଜିକ ସୁରକ୍ଷା ପ୍ରଦାନ ନେଇ ଲାଠିକଟା ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ମିଳୁଥିବା ସମସ୍ତ ସୁବିଧାକୁ କିଭଳି ନିର୍ମାଣ ଶ୍ରମିକମାନେ ପାଇପାରିବେ ସେ ନେଇ ବିଧାୟକ ତରାଇ ମତପ୍ରକାଶ କରିଥିଲେ। ବିଡିଓ ଚାରୁଲତା ସିଂ, ଲାଠିକଟା ବ୍ଲକ ଚେୟାରମ୍ୟାନ ବାସନ୍ତୀ ଓରାମ, ଜିଲା ପରିଷଦ ସଦସ୍ୟ ତ୍ରିଲୋକନାଥ ସିଂ, ଯୁଗ୍ମ ଶ୍ରମ ଅଧିକାରୀ ଘାସିରାମ ଟୁଡୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶିବିରରେ ୩ଶହ ଶ୍ରମିକଙ୍କୁ ନିର୍ମାଣ ଶ୍ରମିକଙ୍କ ସହାୟତା ନିୟମାବଳୀ ବିତରଣ କରାଯାଇଥିଲା। ଜିଲା ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକ ନିର୍ମାଣ ଶ୍ରମିକଙ୍କୁ ସେମାନଙ୍କ ଅଧିକାର ଉପରେ ସଚେତନ କରିବା ସହ ଏକାଧିକ ଶ୍ରମିକ କିଭଳି ପଞ୍ଜିକୃତରେ ସାମିଲ ହୋଇପାରିବେ ସେ ନେଇ ଅବଗତ କରିଥିଲେ। ଏହି ଅବସରରେ ୧୧୯ ଜଣ ନିର୍ମାଣ ଶ୍ରମିକଙ୍କୁ ୯୪ଲକ୍ଷ ୪୭ହଜାର ୨ଶହ ଟଙ୍କାର ଶିକ୍ଷା, ମୃତ୍ୟୁରାଶି, ବିବାହ ଭଳି ବିଭିନ୍ନ ଯୋଜନାରେ ସହାୟତା ପ୍ରଦାନ କରାଯାଇଥିଲା। ଏଥିସହ ୩ଶହ ଶ୍ରମିକଙ୍କୁ ଶ୍ରମକାର୍ଡ ବଣ୍ଟନ କରାଯାଇଥିଲା। ବିଭିନ୍ନ ଟ୍ରେଡ୍ ୟୁନିୟନ ଓ ରାଉରକେଲା ଜିଲା ଶ୍ରମ କାର୍ଯ୍ୟାଳୟର କର୍ମକର୍ତ୍ତା ସହଯୋଗ କରିଥିଲେ । ସହ ଶ୍ରମ ଅଧିକାରୀ ହେମନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଶନ ସାମଗ୍ରୀ ଓଜନରେ ଠକେଇ ଅଭିଯୋଗ

ରାଉରକେଲା,୭।୧୧(ବିପ୍ଳବ ରଞ୍ଜନ ଦାଶ): ରାଉରକେଲାରେ ରାସନ ସାମଗ୍ରୀ ଓଜନରେ ବ୍ୟାପକ ଠକେଇ କରାଯାଉଥିବା ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତି ଅଭିଯୋଗ କରିଛନ୍ତି। ଏହିସବୁ ଠକେଇ ସ୍ଥାନୀୟ ଯୋଗାଣ ବିଭାଗ, ବୈଧମାପ ବିଭାଗ ଓ କଣ୍ଟ୍ରୋଲ ଡିଲର୍ସଙ୍କ ମିଳିଭଗତରେ ଚାଲିଥିବା ସେ କହିଛନ୍ତି। ଅନ୍ୟପକ୍ଷେ କିଛିଦିନ ତଳେ ରାଉରକେଲା ଭାଜପା ପକ୍ଷରୁ ରାସନ ସାମଗ୍ରୀ ଓଜନରେ ହେରଫେର କରାଯାଉଥିବା ଅଭିଯୋଗ ହୋଇଥିଲା। ଏ ନେଇ ରାଉରକେଲା ଅତିରିକ୍ତ ଯୋଗାଣ ଅଧିକାରୀ ସୋନାଲୀ ଖରଙ୍କୁ ପଚାରିବାରୁ ସେ କହିଲେ, ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଆମେ ମାନୁଛୁ କିଛି କଣ୍ଟ୍ରୋଲ ଡିଲର୍ସ ଠକାମୀ କରୁଛନ୍ତି। ମାତ୍ର ସୂଚନା ପାଇବା କ୍ଷଣି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଠକେଇର ଶିକାର ହେଉଥିବା ଖାଉଟି ଅଭିଯୋଗ କଲେ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଖର କହିଥିଲେ।

# ବିଦ୍ୟା ଭବନ ଉଦ୍‌ଘାଟନ, ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ରାଉରକେଲା,୭।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସରକାରୀ ସ୍ୱୟଂଶାସିତ କଲେଜର ବିଦ୍ୟାଭବନକୁ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ସୋମବାର ଉଦ୍‌ଘାଟନ କରିଛନ୍ତି। ସେହିପରି ପ୍ରାୟ ୧କୋଟି ୮୦ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା କଲେଜର ପୂର୍ବ ଓ ଦକ୍ଷିଣ ପଟ ପାଚେରି ସହ ପରୀକ୍ଷା ପରିଚାଳନା ବିଭାଗର ପାଚେରି ନିର୍ମାଣ ପାଇଁ ମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ କଲେଜ ସଭା ଗୃହରେ ଅଧକ୍ଷ ପ୍ରଫେସର ବିଜୟ ବେହେରାଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମନ୍ତ୍ରୀ ପିଲାଙ୍କୁ ନିରନ୍ତର ପାଠ୍ୟ ଅଭ୍ୟାସ କରି ସମାଜରେ ଜଣେ ଦକ୍ଷ ମଣିଷ ଭାବେ ପ୍ରତିଷ୍ଠିତ ହେବାକୁ ଆହ୍ୱାନ ଦେଇଥିଲେ। ରାଉରକେଲା ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଭାଗିରଥି ସାହୁ ଓ ପ୍ରମୋଦ ମହାପାତ୍ର ଉପସ୍ଥିତ ଥିଲେ। ପରେ କଲେଜ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ଇଂରାଜୀ ବିଭାଗ ସହକାରୀ ଅଧ୍ୟାପକ ପ୍ରଦୀପ ଖେସ ସଂଯୋଜନା କରିଥିବା ବେଳେ ପୁରାତନ ଛାତ୍ର ସଂସଦର ଡି. ଅଭିକ କୁମାର ଏବଂ ପ୍ରତୀକ ଭୂୟାଁ ପ୍ରମୁଖ ସହଯୋଗ କରିଥିଲେ। ଗିରିଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରମ ମନ୍ତ୍ରୀ ଓ ଛାତ୍ରୀଛାତ୍ର।

# ଆଶ୍ରୁ ଇଲେଭେନ ଦଳ ବିଜୟୀ

## ତୃତୀୟ ସିଆଇଟିଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ରାଉରକେଲା,୭।୧୧(ଦିନେଶ ମିଶ୍ର)



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ସେକ୍ଟର-୧୭ ସ୍ଥିତ ଟାଟା ଖେଳ ପଡିଆରେ ସିଆଇଟିଇ କ୍ଲବ ଓ ଅହମ୍ମଦ ସୋସିଆଲ ଫାଉଣ୍ଡେଶନ ପକ୍ଷରୁ ତୃତୀୟ ସିଆଇଟିଇ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ରାଉରକେଲା ତଥା ଆଖାପାଖ ଅଞ୍ଚଳରୁ ୧୬ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ତୃଣମୂଳ କଂଗ୍ରେସର ଅଧ୍ୟକ୍ଷ ଜାହାଙ୍ଗୀର ହକ୍, ସିଆଇଟିର ଅଧ୍ୟକ୍ଷ ମେହମୁଦ ଅହମ୍ମଦ, ବଡଗାଁ ହସ୍ପିଟାଲ ଓ ନର୍ସିଂହୋମ୍‌ର ପ୍ରତିଷ୍ଠାତା ଅରୁଣ ନାୟକ ଓ ଗୌତମ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ୍ ରାଞ୍ଚିର ସାବନ ଲାକ୍ରା କ୍ରିକେଟ କ୍ଲବ ଓ ରାଉରକେଲା ଆଶ୍ରୁ ଇଲେଭେନ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ସାବନ ଲାକ୍ରା କ୍ରିକେଟ ଦଳ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୭୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅନମୋଲ ରାଜ ମାତ୍ର ୩୯ଟି ବଲ ଖେଳି ୬୧ ରନ ସଂଗ୍ରହ କରିଥିଲେ। ଏହି ରନ୍ ଲକ୍ଷ୍ୟ ନେଇ ଆଶ୍ରୁ ଇଲେଭେନ ଦଳ ୮ ଉଇକେଟ ହରାଇ ମ୍ୟାଚରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅଂଶୁମାନ ସେନାପତି ମାତ୍ର ୩୩ଟି ବଲ ଖେଳି ସର୍ବାଧିକ ୭୭ ରନ କରିଥିଲେ। ବାବୁଲା କର ଓ ସୁବ୍ରତ ଚୌଧୁରି ମ୍ୟାଚ୍ ପରିଚାଳନା କରିଥିଲେ। ଅଂଶୁମାନ ସେନାପତିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ସିଆଇଟିଇ କ୍ଲବର ଅଧ୍ୟକ୍ଷ ଆଦିଲ ମେହମୁଦ, ସଭାପତି ସଦାମ ଖାନ, ଉପସଭାପତି ମୁଦସର ଅଖତର, ସମ୍ପାଦକ ଆଶିଷ ଦାସ, ସେହରାଜ ମିର୍ଜା ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବନ୍ଧୁକ ମୁନରେ ଲକ୍ଷାଧିକ ଟଙ୍କା ଲୁଟ୍

କୁଚିଣ୍ଡା,୭।୧୧(ବିରଞ୍ଚି ଦର୍ଶୀ)

ଗୋବିନ୍ଦପୁର ଥାନା ତାଲଡିହି ଛକ ନିକଟରେ ସୋମବାର ଅପରାହ୍ନ ୪ଟା ସମୟରେ ବନ୍ଧୁକ ମୁନରେ ଜଣେ ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିବା ଥାନାରେ ରିପୋର୍ଟ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବାମରା ବ୍ଲକ ବାଉଁଶଲଗା ପଞ୍ଚାୟତ ବର୍ଙ୍ଗେଇ ଗ୍ରାମର ବିଳାସିନୀ ପଟେଲ ନିଜ ଗାଁରେ ଏସ୍‌ବିଆଇ ବ୍ୟାଙ୍କର ଏକ ସିଏସ୍‌ପି କେନ୍ଦ୍ର ଖୋଲିଛନ୍ତି। ସବୁଦିନ ଭଳି ସୋମବାର ନିଜ ଗାଁରୁ ଆସି ବାମରାସ୍ଥିତ ଏସ୍‌ବିଆଇ ଶାଖାରୁ ୧ ଲକ୍ଷ ୨୦ ହଜାର ଟଙ୍କା ଉଠାଇ ଚୈତନ୍ୟ କାଲୋ ନାମକ ଯୁବକଙ୍କ ସହ ଗାଁକୁ ଫେରୁଥିଲେ। ବାଟରେ ହଠାତ୍ ଏକ ସ୍କୁଟିରେ ୨ଜଣ ଯୁବକ ତାଙ୍କୁ ଅଟକାଇ ବନ୍ଧୁକ ଦେଖାଇ ବିଳାସିନୀ ଧରିଥିବା ଟଙ୍କା ବ୍ୟାଗକୁ ଛଡାଇ ନେଇଥିଲେ। ଏହି ସମୟରେ ବିଳାସିନୀ ରାସ୍ତା ଉପରେ ପଡି ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ଏ ସମ୍ପର୍କରେ ଗୋବିନ୍ଦପୁର ପୋଲିସକୁ ଖବର ଦିଆଯିବା ସହ ଆହତ ମହିଳାଙ୍କୁ ବାମରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

### ବୁର୍ଲାରେ ଚିତ୍ରଗୁପ୍ତ ପୂଜା ପାଇଁ ପ୍ରସ୍ତୁତି

ସମ୍ବଲପୁର,୭।୧୧(ପ୍ରମୋଦ ବହିଦାର)

ବୁର୍ଲାରେ ଚିତ୍ରଗୁପ୍ତ ପୂଜା ପାଇଁ କରଣ ସମାଜ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଭକ୍ତି ମଣ୍ଡପରେ ବୁର୍ଲା କରଣ ସମାଜ ପକ୍ଷରୁ ଆଇନଜୀବୀ ନମ୍ରସ୍କାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆସନ୍ତା ୧୫ ତାରିଖରେ ଚିତ୍ରଗୁପ୍ତ ପୂଜାର ରୂପରେଖ ଧାର୍ଯ୍ୟ ହୋଇଥିଲା। ସୁରୁଖୁରୁରେ ପୂଜା ଆୟୋଜନ ପାଇଁ ନୂତନ କମିଟି ସଦସ୍ୟ ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ପ୍ରସନ୍ନ ପଟ୍ଟନାୟକ, ସାଧାରଣ ସମ୍ପାଦକ ମନୋରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷ ଭାବେ ସୁଶାନ୍ତ ପଟ୍ଟାନାୟକ ଓ ପ୍ରଭାତ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି। ସେହିପରି ନମ୍ରସ୍କାନ୍ତ ପଟ୍ଟନାୟକ, ପ୍ରଦୀପ ଦାସ, ସନ୍ତୋଷ କାନୁନ୍‌ଗୋ, ରଞ୍ଜିତ ପଟ୍ଟନାୟକ ଓ ପ୍ରଭାଷ ପୃଷେଠ୍‌ଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ଚଳିତବର୍ଷ ପ୍ରଦୀପ ଦାସ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇବେ।

# ୧୪୦ ଏକର ଜମିରେ ହେବ ଆକ୍ୱାପାର୍କ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## ଉପକୃତ ହେବେ ମତ୍ସ୍ୟଚାଷୀ

ସମ୍ବଲପୁର,୭।୧୧
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ତଥା ଆଖପାଖର ଜିଲାର ମତ୍ସ୍ୟଚାଷୀଙ୍କୁ ଆଧୁନିକ ପ୍ରଣାଳୀରେ ମାଛଚାଷ କରି କିଭଳି ଲାଭବାନ ହେବେ ସେ ଲକ୍ଷ୍ୟରେ ସମ୍ବଲପୁରଠାରେ ଏକ ଆକ୍ୱାପାର୍କ ଆରମ୍ଭ କରାଯିବ ବୋଲି ରାଜ୍ୟ ମତ୍ସ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଦେବାନନ୍ଦ ଭଞ୍ଜ ସୂଚନା ଦେଇଛନ୍ତି। ତପସ୍ୱିନୀ ପ୍ରେକ୍ଷାଳୟଠାରେ ମଙ୍ଗଳବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମତ୍ସ୍ୟଚାଷୀ କିପରି ଓ କେଉଁପ୍ରକାର ସୁବିଧା ପାଇପାରିବେ ସେ ନେଇ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲାର ମୋଟ ୧୦୫ଜଣ ମାଛଚାଷୀ, ମତ୍ସ୍ୟ ସମବାୟ ସମିତିର ପ୍ରତିନିଧି, ଜିଲ ମତ୍ସ୍ୟ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। ସମ୍ବଲପୁରର ବସନ୍ତପୁରଠାରେ ୧୪୦ ଏକର ଜମିରେ ଏହି ଆକ୍ୱାପାର୍କ ନିର୍ମାଣ କରାଯିବ।

ଏବେ ସମ୍ବଲପୁରରେ ରୋହି, ଭାକୁର, ମିରକାଳି କିସମର ଯାଆଁଳ ଉତ୍ପାଦନ ହେଉଥିବା ବେଳେ ଆକ୍ୱାପାର୍କ ଆରମ୍ଭ ହେଲେ ସେଠାରେ ବଜାର ଚାହିଦା ଅନୁସାରେ ଅନ୍ୟ କିସମର ଯାଆଁଳ ଉତ୍ପାଦନ କରାଯାଇପାରିବ। ଇଡ୍‌କୋ ସହାୟତାରେ ୧୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ଆକ୍ୱାପାର୍କରେ ଏକ ପ୍ରୋସେସିଂ ୟୁନିଟ ମଧ୍ୟ ନିର୍ମାଣ କରାଯିବ। ଏହାସହ ଏଠାରେ ଚାଷୀଙ୍କ ପାଇଁ ଲିଜରେ ମାଛଚାଷ କରିବା ବ୍ୟବସ୍ଥା ମଧ୍ୟ ରହିବ। ଆସନ୍ତା ୧୮ମାସ ଭିତରେ ନିର୍ମାଣ କାମ ସରିବ ଓ ମତ୍ସ୍ୟଚାଷୀ ଏହାର ଲାଭ ଉଠାଇପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇ ଚାଷୀଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମତ୍ସ୍ୟବିଭାଗର ସମ୍ବଲପୁର ଜୋନର ଡେପୁଟି ଡାଇରେକ୍ଟର ବିରଜା ପ୍ରସାଦ ଦ୍ୱିବେଦୀ, ସମ୍ବଲପୁର ଜିଲା ମତ୍ସ୍ୟ ଅଧିକାରୀ ତୁଷାର ରଞ୍ଜନ ଦିପ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଦେଶ ପ୍ରତି ସମର୍ପିତ ରହିବାକୁ ଆହ୍ୱାନ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଏମ୍‌ସିଏଲ୍ ପକ୍ଷରୁ ଭିଜିଲାନ୍ସ ସପ୍ତାହ ଉଦ୍‌ଯାପିତ

ସମ୍ବଲପୁର,୭।୧୧(ବି.ଶଙ୍କର)

ଜନତା ଜାଗ୍ରତ ହେଲେ ଦୁର୍ନୀତି ଲୋପ ପାଇବ। ଦୁର୍ନୀତିକୁ ବିରୋଧ କରିବା ସହ ଦେଶ ଓ ଜାତି ପ୍ରତି ସମର୍ପିତ ରହିବା ଜରୁରୀ। ସୋମବାର ସନ୍ଧ୍ୟାରେ ଏମ୍‌ସିଏଲ୍ ପକ୍ଷରୁ ଆୟୋଜିତ ଭିଜିଲାନ୍ସ ସଚେତନତା ସପ୍ତାହ ଉଦ୍‌ଯାପନୀ ସମାରୋହରେ ଯୋଗଦେଇ କମ୍ପାନୀ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କେଶବ ରାଓ ଏହା କହିଛନ୍ତି। କମ୍ପାନୀର ସିଭିଓ ପି.କେ. ପଟେଲ, ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେହୁରା ଏବଂ ନିର୍ଦ୍ଦେଶକ (ଯୋଜନା ବୈଷୟିକ/ପ୍ରକଳ୍ପ ଏବଂ ଯୋଜନା) ଏସ୍ ବାପଟ ସମ୍ମାନିତ ଅତିଥି ଥିଲେ। ଅକ୍ଟୋବର ୩୧ରୁ ସପ୍ତାହ ବ୍ୟାପୀ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ, ଦୁର୍ନୀତି ବିରୋଧରେ କମ୍ପାନୀ ଓଡ଼ିଶାର ଅନୁଗୋଳ, ଝାରସୁଗୁଡା ଓ ସୁନ୍ଦରଗଡ ଜିଲାର କୋଇଲା ଖଣି ତଥା ଆଖପାଖ ଅଞ୍ଚଳର ଲୋକଙ୍କୁ ଜଡିତ କରି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

# ସମ୍ବଲପୁରରେ ଅକ୍ଷତ କଳସକୁ ସ୍ୱାଗତ



ସମ୍ବଲପୁରରେ ଅକ୍ଷତ କଳସକୁ ସ୍ୱାଗତ କରାଯାଉଛି।

ସମ୍ବଲପୁର,୭।୧୧(ବି.ଶଙ୍କର)

ଆସନ୍ତା ଜାନୁୟାରୀ ୨୨ରେ ଅଯୋଧ୍ୟାରେ ଶ୍ରୀରାମ ଲଲ୍ଲାଙ୍କ ମନ୍ଦିର ପ୍ରାଣ ପ୍ରତିଷ୍ଠା ହେବାକୁ ସ୍ଥିର ହୋଇଛି। ତେଣୁ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଅଯୋଧ୍ୟାରେ ଗତ ନଭେମ୍ବର ୧୧ରେ ଅକ୍ଷତ ପୂଜା ଅନୁଷ୍ଠିତ ହୋଇଛି। ପୂଜାରେ ବିଶ୍ୱହିନ୍ଦୁ ପରିଷଦର ୪୫ ପ୍ରାନ୍ତର ପ୍ରତିନିଧି ଯୋଗଦେଇଥିଲେ। ଏହି ଅକ୍ଷତ ଶୁଭ କଳସ ମଙ୍ଗଳବାର ସମ୍ବଲପୁର ସହରରେ ପହଞ୍ଚିବା ପରେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ସମେତ ସହରର ବିଭିନ୍ନ ହିନ୍ଦୁ ସଙ୍ଗଠନ ଓ ରାମଭକ୍ତମାନେ ବାଜା, ଘଣ୍ଟ, ଶଙ୍ଖ ନାଦରେ ସ୍ୱାଗତ କରିଥିଲେ। ଶୋଭାଯାତ୍ରାରେ କଳସକୁ ସମ୍ବଲପୁର ବିଶ୍ୱ ହିନ୍ଦୁ ପରିଷଦ କାର୍ଯ୍ୟାଳୟକୁ ନିଆଯାଇଥିଲା। ବିଶ୍ୱହିନ୍ଦୁ ପରିଷଦର ଡା. ରାଜକୁମାର ବଡ଼ପଣ୍ଡା, ରାଜୀବ ଶତପଥୀ, ସୁଧୀର ରଞ୍ଜନ ବହିଦାର, ସତ୍ୟନାରାୟଣ ଥାନପତି, ବିପିନ ଗଣନାୟକ, ସମ୍ପୂର୍ଣ୍ଣା ସାହୁ, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ଭାଜପା ଜିଲା ସାଧାରଣ ସମ୍ପାଦକ ଅନିଲ ବେହେରା, ପଶ୍ଚିମ ପ୍ରାନ୍ତ ବିଶ୍ୱହିନ୍ଦୁ ପରିଷଦ ସହ ସମ୍ପାଦକ ରାଜୀବ କୁମାର ଶତପଥୀଙ୍କ ନେତୃତ୍ୱରେ କଳସକୁ ସ୍ୱାଗତ କରାଯାଇଥିଲା । ସୂଚନାଯୋଗ୍ୟ ଆସନ୍ତା ଜାନୁୟାରୀ ୧ରୁ ୧୫ ତାରିଖ ମଧ୍ୟରେ ସମଗ୍ର ଭାରତ ବର୍ଷରେ ପ୍ରତ୍ୟେକ ଘରକୁ ଅକ୍ଷତ କଳସ ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି ।

## ସମ୍ବଲପୁର ଆକାଶବାଣୀ କେନ୍ଦ୍ରରେ ଶୋକସଭା

ସମ୍ବଲପୁର,୭।୧୧(ବି.ଶଙ୍କର)

ଆକାଶବାଣୀ ଭବାନୀପାଟଣା କେନ୍ଦ୍ରର ପୂର୍ବତନ ଉପ ମହାନିର୍ଦ୍ଦେଶକ ଶେଷଦେବ ତାଜନଙ୍କ ମଙ୍ଗଳବାର ବୁର୍ଲାର ଏକ ଘରୋଇ ନର୍ସିଂ ହୋମରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କୁ ୫୭ ବର୍ଷ ହୋଇଥିଲା। ମରଶରୀର ସମ୍ବଲପୁରସ୍ଥିତ ବାସଭବନକୁ ଅଣାଯିବା ପରେ ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରର କର୍ମଚାରୀଙ୍କ ସମେତ ସହରର ବିଶିଷ୍ଟ ବ୍ୟକ୍ତିମାନେ ଶେଷଦର୍ଶନ କରିଥିଲେ। ପରେ ମରଶରୀରକୁ ପୈତୃକ ଗ୍ରାମ ସୁନ୍ଦରଗଡ଼ ଜିଲାର ପିତାବଳିଆକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସେ ୧୨ବର୍ଷ ଧରି ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ଷ୍ଟେଶନ ଇଞ୍ଜିନିୟର ଭାବେ କାମ କରିଥିଲେ। ଭବାନୀପାଟଣାରେ ଉପ ମହାନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇ କାର୍ଯ୍ୟରତ ଥିଲେ। ଶାରୀରିକ ଅସୁସ୍ଥତା ହେତୁ ୨୦୨୨ ଜାନୁୟାରୀ ୭ରେ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ମଙ୍ଗଳବାର ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ ରମେଶ ଚନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ଶୋକସଭା ହୋଇଥିଲା। ଏଥିରେ କ୍ଷେତ୍ରମଣି ବିଭାର, ଏମ୍‌ଆର୍‌କେ ରାଓ, ସନ୍ତୋଷ ପିଙ୍ଗ, ଅଜୟ କୁମାର ସାହୁ, କାଶିଫ ଜମିଲ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।

# ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା କାର୍ଯ୍ୟକର୍ତ୍ତା।

ସମ୍ବଲପୁର,୭।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଭାଜପା କାର୍ଯ୍ୟାଳୟଠାରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଉପରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ରାଜ୍ୟ ସଭାପତି ତଥା ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ରାଜ୍ୟ ସଂଯୋଜକ ସମୀର ମହାନ୍ତି ଓ ରାଜ୍ୟ ସହ ସଂଯୋଜକ ସୁରଥ ବିଶ୍ୱାଳ ଯୋଗଦେଇ କର୍ମୀ ଓ ପଦାଧିକାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଦେଶର ୧୮ ବର୍ଗର କୌଳିକ ବୃତ୍ତି କରୁଥିବା ପାରମ୍ପରିକ କାରିଗରମାନଙ୍କ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାର ଲାଭ ଦେବା ପାଇଁ ୬୦ ଲକ୍ଷ ପାରମ୍ପରିକ କାରିଗରଙ୍କୁ ପଞ୍ଜୀକରଣ କରାଯିବ। ଏହାସହ କୌଶଳ ବିକାଶ ଯୋଜନାରେ ମଧ୍ୟ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାରିଗରମାନଙ୍କ ପାଇଁ ତାଲିମ ବ୍ୟବସ୍ଥା କରିଛନ୍ତି ବୋଲି ସମୀର ମହାନ୍ତି ସୂଚନା ଦେଇଥିଲେ। ୫ ପ୍ରତିଶତ ସୁଧରେ ଏକ ଲକ୍ଷ ଟଙ୍କା ଋଣ ସହ ୧୮ ମାସରେ ଶୁଝିଲେ ଏକ ଲକ୍ଷଟଙ୍କା ଅତିରିକ୍ତ ଋଣ ଦିଆଯିବାର ବ୍ୟବସ୍ଥା ରହିଛି। ଏହାସହ ଉତ୍ପାଦିତ ସାମଗ୍ରୀ ପାଇଁ ବଜାର ବ୍ୟବସ୍ଥା କରାଯିବାର ସୁବିଧା ରହିଛି। କାରିଗରମାନଙ୍କୁ ପଞ୍ଜିକରଣ କରାଇ ସେମାନଙ୍କ ପାଖରେ ସୁବିଧା ପହଞ୍ଚାଇବା ଦିଗରେ କର୍ମକର୍ତ୍ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସେ କହିଛନ୍ତି। ଭାଜପା ଜିଲା ସଭାପତି ଗିରିଶ ପଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଜିଲାର ୪ ବିଧାନସଭା ନିର୍ବାଚନ ମଣ୍ଡଳୀର କାର୍ଯ୍ୟକର୍ତ୍ତାଙ୍କ ସହ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ଜିଲା ସଂଯୋଜକ ସୂର୍ଯ୍ୟ ପ୍ରଧାନ, ସହସଂଯୋଜକ ମିଳନ ମହାରଣା, ଜିଲା ସାଧାରଣ ସମ୍ପାଦକ ଆଶିଷ ହୋତା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, କ୍ଷେତ୍ରୀୟ ପ୍ରବକ୍ତା ତଥା ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ।

# ୧୬ରେ ଲ୍ୟାମ୍ପସ୍, ବ୍ୟାଙ୍କରେ ତାଲା ପକାଇବେ ଚାଷୀ

## ଫସଲ ବୀମା ପ୍ରଦାନ ପ୍ରସଙ୍ଗ

କୁଚିଣ୍ଡା,୭।୧୧(ବିରଞ୍ଚି ଦର୍ଶୀ)

୨୦୨୨-୨୩ ଖରିଫ ଋତୁରେ ବାମରା ବ୍ଲକର ବାଉଁଶଲଗା ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତକୁ ସରକାରଙ୍କ ପକ୍ଷରୁ ମରୁଡ଼ି ଘୋଷଣା କରାଯାଇଥିଲା। ଜନସେବା କେନ୍ଦ୍ର ମାଧ୍ୟମରେ ଚାଷୀ କରିଥିବା ଫସଲବୀମା ପାଇସାରିଥିବା ବେଳେ ଲ୍ୟାମ୍ପସ୍‌ରେ ବୀମା ରାଶି ପଇଠ କରିଥିବା ଚାଷୀ ଏପର୍ଯ୍ୟନ୍ତ ତାର ବୀମା ପାଇପାରି ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଚାଷୀମାନେ ସମ୍ବଲପୁର ଜିଲାପାଳ, କୃଷି ଉପନିର୍ଦ୍ଦେଶକ, କୁଚିଣ୍ଡା ଉପଜିଲାପାଳଙ୍କ ସମେତ ସରକାରଙ୍କୁ ଲିଖିତ ଜଣାଇଥିଲେ। ମାତ୍ର ପ୍ରଶାସନ କିମ୍ବା ସରକାରଙ୍କ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ବାଉଁଶଲଗା ପଞ୍ଚାୟତର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ମଙ୍ଗଳବାର ବାଉଁଶଲଗା ପଞ୍ଚାୟତରେ ଏକ ବୈଠକ ହୋଇ ଫସଲ ବୀମା ବାବଦରେ ଆଲୋଚନା ହୋଇଥିଲା। ଆସନ୍ତା ୧୫ତାରିଖ ସୁଦ୍ଧା ବୀମା ପ୍ରଦାନ କରା ନ ଗଲେ ୧୬ରେ ବାମରା ଲ୍ୟାମ୍ପସ୍ ଓ ବାମରା ଏସ୍‌ଡିସିସି ବ୍ୟାଙ୍କରେ ତାଲା ପକାଇବେ ବୋଲି ଚାଷୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ବୈଠକରେ ଚୈତନ୍ୟ ପଟେଲ, ଡିଲେଶ୍ୱର ଧୁରୁଆ, ମନୋଜ ମେହେର, ଭଗବାନ ମେହେର, ପ୍ରଦୀପ ପଟେଲ, ମହାବୀର ଖଣ୍ଡେଲୱାଲ, ସ୍ୱପ୍ନେଶ୍ୱର ବିଶ୍ୱାଳ, ମଣ୍ଟୁ ପ୍ରଧାନ ଉପସ୍ଥିତ ଥିଲେ। ଏ ନେଇ ବାମରା ତହସିଲଦାର, ଗୋବିନ୍ଦପୁର ଥାନା, ଲ୍ୟାମ୍ପସ୍ ଓ ଏସ୍‌ଡିସିସି ବ୍ୟାଙ୍କ ମ୍ୟାନେଜରଙ୍କୁ ଦାବିପତ୍ର ଦିଆଯାଇଛି।

# ଟିପିଡବ୍ଲ୍ୟୁଓଡିଏଲ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ

## ବରଗଡ଼ ମଣ୍ଡଳ ଶ୍ରେଷ୍ଠ

ସମ୍ବଲପୁର,୭।୧୧(ବି.ଶଙ୍କର)

ଟିପିଡବ୍ଲୁଓଡିଏଲ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ସମ୍ବଲପୁର ଶାସନସ୍ଥିତ ବିକାଶ ବିଦ୍ୟାଳୟ ଖେଳପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୫ଟି ମଣ୍ଡଳ ଓ ମୁଖ୍ୟାଳୟ ଦଳ ଭାଗ ନେଇଥିଲେ। କବାଡି ଓ ଦୌଡି ଟଣା ଇଭେଣ୍ଟ ଆକର୍ଷଣୀୟ ହୋଇଥିଲା। ପ୍ରତିଯୋଗିତାରେ ବରଗଡ ମଣ୍ଡଳ ସର୍ବୋଚ୍ଚ ସ୍କୋର କରି ଶ୍ରେଷ୍ଠ ସ୍ଥାନ ହାସଲ କରିଛି । ବରଗଡ ଅପରେଶନ ବିଭାଗର ମୁଖ୍ୟ ଆଶିଷ ପାଟ୍ଟଯୋଷୀଙ୍କ ନେତୃତ୍ୱରେ ଦଳ ଖେଳରେ ଭାଗ ନେଇଥିଲା। ଟିପିଡବ୍ଲୁଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏଥିସହ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।



କ୍ରୀଡା ଉତ୍ସବରେ ଅତିଥିଙ୍କ ସହ ପ୍ରତିଯୋଗୀମାନେ।

# ରେଙ୍ଗାଲି ବ୍ଲକରେ ଶିଶୁ ସୁରକ୍ଷା ସଚେତନତା ବୈଠକ

ସମ୍ବଲପୁର,୭।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ସମ୍ମିଳନୀ କକ୍ଷରେ ଶିଶୁ ସୁରକ୍ଷା ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ୟୁନିସେଫ୍ ସହାୟତାରେ ବ୍ଲକ ପ୍ରଶାସନ ଓ ଏଡ୍‌ଏଟ୍ ଏକ୍ସନର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଏଡ୍ ଏଟ୍ ଏକ୍ସନର ସଂଯୋଜିକା ସୁନୀତା ତ୍ରିପାଠୀ ଏହାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବ୍ଲକର ସମସ୍ତ ପଞ୍ଚାୟତକୁ ଶିଶୁ କୈନ୍ଦ୍ରିକ କରିବାକୁ ଅହ୍ୱାନ ଦେଇଥିଲେ। ଏଡ୍ ଏଟ୍ ଏକ୍ସନର ପ୍ରୋଗ୍ରାମ ମ୍ୟାନେଜର ଜ୍ୟୋତି ପ୍ରକାଶ ବ୍ରହ୍ମା ଅସହାୟ ଶିଶୁମାନଙ୍କ ସବିଶେଷ ତଥ୍ୟ ସଂଗ୍ରହକୁ ଯୋଜନାରେ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ରେଙ୍ଗାଲି ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିନେଶ କୁମାର ମେହେର, ପୋଲିସ ଏସ୍‌ଆଇ ଛାୟାକାନ୍ତ ସରାଫ୍ ଉପସ୍ଥିତ ଥିଲେ।



ଶିଶୁ ସୁରକ୍ଷା ସଚେତନତା ବୈଠକ।

# ମଧ୍ୟରାତ୍ରରେ ପହଞ୍ଚି ଯାତ୍ରୀ ହଇରାଣ

## ବିଳମ୍ବରେ ପହଞ୍ଚୁଛି ପୁରୀ-ସମ୍ବଲପୁର ଇଣ୍ଟରସିଟି

ସମ୍ବଲପୁର,୭।୧୧
(ଭବାନୀ ଶଙ୍କର ଭୋଇ)

ସୁବିଧା ଦୃଷ୍ଟିରୁ ଲୋକେ ପୁରୀ-ସମ୍ବଲପୁର (୧୮୩୦୪) ଇଣ୍ଟରସିଟି ଟ୍ରେନ୍ ଉପରେ ନିର୍ଭର କରିଥାନ୍ତି। ହେଲେ ବିଗତ କିଛିମାସ ହେବ ଏହି ଟ୍ରେନ୍ ନିୟମିତ ଦେଢଘଣ୍ଟା ପର୍ଯ୍ୟନ୍ତ ବିଳମ୍ବରେ ସମ୍ବଲପୁର ଷ୍ଟେଶନରେ ପହଞ୍ଚୁଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି।

୨୦୦୨ ଅକ୍ଟୋବର ୧୩ରେ ଏହି ଇଣ୍ଟରସିଟି ଟ୍ରେନ୍ ଚଳାଚଳ ଆରମ୍ଭ କରିବା ପରଠାରୁ ଉଭୟ ପଶ୍ଚିମ ଓ ପୂର୍ବ ଓଡ଼ିଶା ମଧ୍ୟରେ ସମ୍ପର୍କର ସେତୁ ହୋଇପାରିଛି। ମୋଟ ୩୪୧ କି.ମି. ଯାତ୍ରା ପାଇଁ ୬ ଘଣ୍ଟା ୩୫ ମିନିଟ୍ ସମୟ ଲାଗିଥାଏ। ଏହି ଟ୍ରେନରେ ଭୁବନେଶ୍ୱରରେ ଚାକିରି କରୁଥିବା ଢେଙ୍କାନାଳ, ଅନୁଗୋଳ, ତାଳଚେର, ରେଢାଖୋଲ, ସମ୍ବଲପୁର ଆଦି ଅଞ୍ଚଳର ଲୋକେ ନିୟମିତ ଯାତ୍ରା କରିଥାନ୍ତି । ସପ୍ତାହରେ ୭ଦିନ ଚାଲୁଥିବା ଏହି ଟ୍ରେନ ପୁରୀରୁ ୪ଟା ୦୫ ମିନିଟ୍‌ରେ ବାହାରି ରାତି ୧୦ଟା ୩୦ରେ ସମ୍ବଲପୁରରେ ପହଞ୍ଚିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଭୁବନେଶ୍ୱରରେ ରାଜ୍ୟର ପ୍ରମୁଖ ସରକାରୀ, ବେସରକାରୀ କାର୍ଯ୍ୟାଳୟ ରହିଥିବାରୁ ଲୋକେ ଇଣ୍ଟରସିଟିରେ ଦିନ ସାଢେ ୧୧ଟା ସୁଦ୍ଧା ଭୁବନେଶ୍ୱରରେ ପହଞ୍ଚି ନିଜ କାମ ସାରି ସନ୍ଧ୍ୟାରେ ପୁଣି ସେହି ଟ୍ରେନ୍‌ରେ ଘରକୁ ଫେରିଥାନ୍ତି। ତେବେ କିଛିମାସ ହେବ ଇଣ୍ଟରସିଟି ଟ୍ରେନ୍ ବିଳମ୍ବରେ ସମ୍ବଲପୁରରେ ପହଞ୍ଚୁଥିବାରୁ ଯାତ୍ରୀମାନେ ହଇରାଣ ହେଉଥିବା ଅଭିଯୋଗ କରୁଛନ୍ତି। ଯାତ୍ରୀମାନେ ସାଧାରଣତଃ ସମ୍ବଲପୁରରେ ପହଞ୍ଚି ହୋଟେଲ କିମ୍ବା ଘରେ ରାତ୍ରିଭୋଜନ କରିଥାନ୍ତି। ତେବେ ଟ୍ରେନ୍‌ଟି ଘଣ୍ଟାଏରୁ ଦେଢଘଣ୍ଟା ପର୍ଯ୍ୟନ୍ତ ବିଳମ୍ବରେ ପହଞ୍ଚିବା କାରଣରୁ ହୋଟେଲ ଓ ଦୋକାନ ବନ୍ଦ ହୋଇସାରିଥାଏ। ପୁଣି ବହୁ ସଂଖ୍ୟାରେ ମହିଳା ଓ ଛାତ୍ରୀ ଏହି ଟ୍ରେନରେ ଘରକୁ ଫେରିବା ସମୟରେ ବିଳମ୍ବ କାରଣରୁ ସୁରକ୍ଷା ଏକ ବଡ଼ ଚିନ୍ତାର କାରଣ ହେଉଛି। ଏହାଛଡା ରାତି ୧୨ଟା ହୋଇଗଲେ ଅଟୋ ଚାଳକ ମନଇଚ୍ଛା ଭଡା ଅସୁଲିକରି ଯାତ୍ରୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଗତ ମାର୍ଚ୍ଚ ଓ ଏପ୍ରିଲରେ ନିୟମିତ ୧୧ଟା ୪୫ରୁ ୧୨ଟା ୧୭ ମିନିଟ୍ ମଧ୍ୟରେ ଟ୍ରେନ୍ ପହଞ୍ଚିଥିବା ନେଇ ଏକ ଆର୍‌ଟିଆଇ ରିପୋର୍ଟରୁ ଜଣାପଡିଥିଲା। ବିଭିନ୍ନ ସଙ୍ଗଠନର ପ୍ରତିବାଦ ପରେ କିଛିଦିନ ନିର୍ଦ୍ଧାରିତ ସମୟରେ ଟ୍ରେନ୍ ପହଞ୍ଚିଥିଲା। ମାତ୍ର ପୁଣିଥରେ ଘଣ୍ଟାଏ ୧୫ମିନିଟ୍ ପର୍ଯ୍ୟନ୍ତ ବିଳମ୍ବରେ ପହଞ୍ଚୁଥିବା ନେଇ ଅଭିଯୋଗ ହୋଇଛି । ଗତ ୪ ତାରିଖ ରାତିରେ ୧୧ଟା ୫୦ରେ ସମ୍ବଲପୁର ଷ୍ଟେଶନରେ ଟ୍ରେନ୍ ପହଞ୍ଚିଥିଲା। ଜରପଡାରୁ ରେଢାଖୋଲ ମଧ୍ୟରେ ହାତୀ କରିଡର ଥିବାରୁ ଦୁର୍ଘଟଣା ରୋକିବା ପାଇଁ ଟ୍ରେନ୍‌ର ଗତି କମ୍ କରାଯିବା ବିଳମ୍ବର କାରଣ ବୋଲି ଆର୍‌ଟିଆଇ ରିପୋର୍ଟରେ କୁହାଯାଇଛି। ତେବେ ପୁରୀ-ସମ୍ବଲପୁର ଟ୍ରେନ୍‌କୁ ନିର୍ଦ୍ଧାରିତ ସମୟ ସାରଣୀ ଭିତରେ ଚଳାଇବାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ସେମାନେ କହନ୍ତି...



"ମହିଳା ଓ ଛାତ୍ରୀମାନେ ଘରକୁ ଫେରିବା ପାଇଁ ପୁରୀ-ସମ୍ବଲପୁର ଇଣ୍ଟରସିଟି ଟ୍ରେନ୍ ଉପରେ ନିର୍ଭର କରିଥାନ୍ତି। ରାତି ସାଢେ ୧୦ଟା ବଦଳରେ ୧ଟାରେ ପହଞ୍ଚିବା ଯୋଗୁ ପରିବାର ଲୋକଙ୍କୁ ସେମାନଙ୍କ ସୁରକ୍ଷା ଚିନ୍ତା ରହୁଛି। ପୁଣି ବିଳମ୍ବିତ ରାତିରେ ଷ୍ଟେଶନରୁ ଝିଅଟିଏ ଏକା ଘରକୁ ଫେରିବା କଷ୍ଟକର ବ୍ୟାପାର। ସେଥିପାଇଁ ନିର୍ଦ୍ଧାରିତ ସମୟରେ ଟ୍ରେନ୍ ପହଞ୍ଚିବା ବ୍ୟବସ୍ଥା କରାଯିବା ଦରକାର। -ଝୁନୁ ତ୍ରିପାଠୀ, ସମ୍ବଲପୁର ବାସିନ୍ଦା



"ଗତ ଶନିବାର ରାତି ୧୦ଟା୩୦ରେ ଇଣ୍ଟରସିଟି ସମ୍ବଲପୁରରେ ପହଞ୍ଚିବା ପରେ ହୋଟେଲରେ ଖାଇବାକୁ ୮ଜଣ ବନ୍ଧୁ ଚିନ୍ତା କରିଥିଲୁ। ହେଲେ ସମ୍ବଲପୁରରେ ପହଞ୍ଚିବା ପରେ ହୋଟେଲ ବନ୍ଦ ହୋଇସାରିଥିଲା। ସେଥିପାଇଁ ଆମେ ରାତିରେ ଭୋଜନ କରିପାରି ନ ଥିଲୁ। ପୁଣି ରାତିରେ ଘରକୁ ଫେରିବା ସୁବିଧା ନ ଥିବାରୁ ସମସ୍ୟାରେ ପଡିଥିଲୁ। -ହେମାନନ୍ଦ ଦୀପ, ଟ୍ରେନ ଯାତ୍ରୀ, ବୌଦ୍ଧ ବାସିନ୍ଦା



"ଜରପଡ଼ାରୁ ରେଢ଼ାଖୋଲ ଟ୍ରେନ୍ ଲାଇନ ମଧ୍ୟରେ ୧୭ଟି ହାତୀ କରିଡର ରହିଛି। ସେହି ଅଞ୍ଚଳରେ ଅନେକଥର ଦୁର୍ଘଟଣା ଘଟି ହାତୀଙ୍କ ମୃତ୍ୟୁ ହୋଇଥିବାରୁ ଟ୍ରେନ୍‌ର ଗତିକୁ କମ୍ ରଖାଯାଉଛି। ଏଥିଯୋଗୁ ଟ୍ରେନ୍ ବିଳମ୍ବ ହେଉଥିଲେ ମଧ୍ୟ ଦୁର୍ଘଟଣା ରୋକିବା ପାଇଁ ଏହା କରାଯାଉଛି। ତେବେ ଏହି କରିଡର ଭିତରେ ହାତୀ ଯାତାୟାତ ପାଇଁ ଅଣ୍ଡରପାସ୍ ତିଆରି କରାଯାଉଛି। ଏହା ତିଆରି ପରେ ସମସ୍ୟା ଦୂରହେବା ଆଶା କରାଯାଉଛି। ଏଥିପାଇଁ ଆହୁରି ୬ମାସ ସମୟ ଲାଗିବା ନେଇ ବୋର୍ଡ ବୈଠକରେ ଆଲୋଚନା ହୋଇଛି। -ଗୋବିନ୍ଦ ଅଗ୍ରୱାଲ, ରେଲୱେ ବୋର୍ଡ ପରାମର୍ଶଦାତା

**ନୂତନ ତହସିଲଦାରଙ୍କୁ ସ୍ୱାଗତ**

ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ଡ. ଲଳିତ ବାଗ ଯୋଗଦେଇଛନ୍ତି। ସେ ଏହା ପୂର୍ବରୁ ବଲାଙ୍ଗୀର ଜିଲା ଟିଟିଲାଗଡ଼ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ କାର୍ଯ୍ୟ କରୁଥିଲେ। ସେ ଦୀର୍ଘ ୮ ବର୍ଷ ହେବ ଓଡ଼ିଶାର ବିଭିନ୍ନ କାର୍ଯ୍ୟାଳୟରେ ଅଧିକାରୀ ଭାବେ କାର୍ଯ୍ୟ କରି ନିଜର କାର୍ଯ୍ୟ ଦକ୍ଷତା ପ୍ରତିପାଦନ କରି ଲୋକଙ୍କ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ନୂତନ ତହସିଲଦାର ବାଗଙ୍କୁ ବିଭିନ୍ନ ସଙ୍ଗଠନ ଏବଂ ବ୍ଲକ ଖବରଦାତା ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି।

## ଭାଜପା କୃଷକ ମୋର୍ଚ୍ଚାର ଜିଲା କାର୍ଯ୍ୟକାରିଣୀ ବୈଠକ

ଭବାନୀପାଟଣା,୭।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭାଜପା କୃଷକ ମୋର୍ଚ୍ଚାର ଜିଲା କାର୍ଯ୍ୟକାରିଣୀ ବୈଠକ ଭବାନୀପାଟଣା ସହରରେ ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷକ ମୋର୍ଚ୍ଚା ସଭାପତି କେଶରୀ ଦୁର୍ଗାଙ୍କ ଅଧ୍ୟକ୍ଷତାରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶର ସାହୁ, କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ଭାଜପା ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ପୂର୍ବତନ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ସଂଯୋଜକ ଜଗନ୍ନାଥ ମହାପାତ୍ର, ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟ ତଥା ବରିଷ୍ଠ ନେତା ଜନାର୍ଦ୍ଦନ ପଣ୍ଡା, ରାଜା ସାହୁ, ବରିଷ୍ଠ ନେତା ଭାରତ ଦେଓ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନିରୁଦ୍ଧ ପ୍ରଧାନ କିଶୋର ହୋତା, ଅଶୋକ କୁମାର ପଣ୍ଡା, କୁନ୍ତି ପାଲ, ରେଖାରାଣୀ ସାହୁ ପ୍ରମୁଖ ସମେତ ଶତାଧିକ କାର୍ଯ୍ୟକତା ଯୋଗଦେଇଥିଲେ। ବୈଠକରେ ଜିଲାରେ ଚାଷୀମାନଙ୍କ ସମସ୍ୟା ନେଇ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ୯ ବର୍ଷ ଶାସନରେ କୃଷକ କଲ୍ୟାଣକାରୀ ଯୋଜନା ବିଷୟରେ ଜିଲାର ସମସ୍ତ ଗ୍ରାମରେ କୃଷକ ପଞ୍ଚାୟତ ଗଠନ କରି ଏହି ସବୁ ବିଷୟରେ ଅବଗତି କରାଇବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ସେହିପରି ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷ ଶାସନ କାଳରେ ଚାଷୀ ସମସ୍ୟା ସମାଧାନ କରିବାରେ ବିଫଳତା ଉପରେ ଚାଷୀମାନଙ୍କୁ ଅବଗତ କରାଇବା ପାଇଁ ବିଭିନ୍ନ ପ୍ରକାରର ସଭା ସମିତି ଭାଜପା କୃଷକ ମୋର୍ଚ୍ଚା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

# ମକା ବଜାରରେ ଚାଲିଛି ଦଲାଲ ରାଜ୍

### ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଚାଷୀ

ଭବାନୀପାଟଣା,୭।୧୧(ଉତ୍ତମ କୁମାର ଦାଶ)


ମକା ଖରାରେ ଶୁଖାଯାଇଛି।

ଚିନ୍ତାରେ କଳାହାଣ୍ଡିର ମକା ଚାଷୀ। ଉପାନ୍ତ ଅଞ୍ଚଳରେ ମକାଚାଷ କରି ଲାଭବାନ ହେବା ଆଶା ଏବେ ମଉଳି ଯାଇଛି। ଜିଲାରେ ମକା ମଣ୍ଡି ଖୋଲି ନ ଥିବାରୁ ଉତ୍ପାଦିତ ମକା ଉଚିତ୍ ଦରରେ ବିକ୍ରି କରି ପାରୁନାହାନ୍ତି ଚାଷୀ। ମାଲାମାଲ ହେଉଛନ୍ତି ଦଲାଲ। ଜିଲାର ଲୋକେ ପାରମ୍ପରିକ ଚାଷ କାମରୁ ଧୀରେ ଧୀରେ ବିଭିନ୍ନ ଅର୍ଥକାରୀ ଫସଲ ଆଡକୁ ମୁହାଁଉଛନ୍ତି। କିଲୋ ପିଛା ୨୪ରୁ ୨୫ ଶହ ଟଙ୍କାରେ ବିହନ କିଣି ଚାରା ପ୍ରସ୍ତୁତ କରି ଜମିରେ ଗଛ ଲାଗିବାର ୭୦ରୁ ୮୦ ଦିନ ପରେ ମକା ବିକ୍ରି ପାଇଁ ଉପଯୋଗୀ ହେଉ ଥିବାରୁ ମକଚାଷ ପ୍ରତି ଲୋକଙ୍କ ଆଗ୍ରହ ବଢୁଛି। ହେଲେ ଫସଲ ଅମଳ ପରେ ଚାଷୀଙ୍କୁ ଚିନ୍ତାରେ ପକାଉଛି ବିକ୍ରୀ ସମସ୍ୟା। କଳାହାଣ୍ଡି ଓ ନବରଙ୍ଗପୁର ଜିଲାର ସୀମାନ୍ତରେ ଥିବା ଜୟପଟଣା ବ୍ଲକର ଭାଲୁଜୋର ଗାଁରେ ଜଳ ସେଚନର ଅଭାବ ଯୋଗୁ ପ୍ରାୟ ଅଧିକାଂଶ ଚାଷୀ କମ ସମୟରେ ଅଧିକ ଲାଭ ଆଶାରେ ମକା ଚାଷ କରି ପଡିଛନ୍ତି ଏବେ ହରଡଘଣାରେ। ଏବେ ମଣ୍ଡି ଅଭାବରୁ ବହୁ ପରିଶ୍ରମ କରି ଅମଳ କରିଥିବା ମକାର ଅଭାବୀ ବିକ୍ରି ଆରମ୍ଭ ହୋଇଯାଇଛି। ଯାହା ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। ପଡୋଶୀ ନବରଙ୍ଗପୁର ଜିଲାରେ ରହିଛି ମକା ମଣ୍ଡିର ବ୍ୟବସ୍ଥା। କଳାହାଣ୍ଡିରେ ଧାନ, କପା ପରେ ଚାଷୀ କରୁଛନ୍ତି ହଜାର ହାଜର ହେକ୍ଟର ଜମିରେ ମକା ଚାଷ। ମକାର ଅମଳ ସମୟ ଆସିଗଲେ ଗାଁ ମୁହାଁ ହୋଇଯାଉଛନ୍ତି ଦଲାଲ ଓ ଯେଉଁ ମକାକୁ କୁଇଣ୍ଟାଲ ପିଛା ୨୧ଶହରୁ ୨୨ଶହ ଟଙ୍କାରେ ଚାଷୀ ବିକ୍ରି କରିବା କଥା ତାହା ମଣ୍ଡି ଅଭାବରୁ ୧୫ଶହରୁ ୧୭ଶହ ଟଙ୍କାରେ ଦଲାଲଙ୍କ ହାତକୁ ଟେକି ଦେଉଛନ୍ତି। ପଡୋଶୀ ରାଜ୍ୟ ଆନ୍ଧ୍ର ଓ ଛତିଶଗଡ଼ ବଜାରରେ ମକାର ଉଚିତ ମୂଲ୍ୟ ଥିବାରୁ କମ ଦରରେ ଚାଷୀଙ୍କଠାରୁ କିଣିନେଇ ଲାଭବାନ ହେଉଛନ୍ତି ଦଲାଲ। ଅଞ୍ଚଳରେ ମଣ୍ଡିର ବ୍ୟବସ୍ଥା ନ ଥିବାରୁ ରାଜ୍ୟ ବାହାରକୁ ଚାଲାଣ ହେଉଛି ମକା। ବର୍ଷାର ଅଭାବ ଓ ରୋଗ ପୋକ ଦାଉରୁ ବଞ୍ଚାଇ ଥିବା ମକାର କ୍ଷତି ସହିସାରିଛି ଚାଷୀ, ଆଉ ଏବେ ମଣ୍ଡିର ଅଭାବ ଚାଷୀଙ୍କୁ ଭାବିବାକୁ ବାଧ କରିଛି, କେମିତି ଘର ଚଳିବ ଓ ଆଉ ଥରେ ଚାଷରେ ଅର୍ଥ ବିନିଯୋଗ କରିବ ତାହାକୁ ନେଇ ଚିନ୍ତାରେ ଚାଷୀ। ତେବେ ସରକାରଙ୍କ ପକ୍ଷରୁ ମକା କିଣିବା ପାଇଁ ବ୍ୟବସ୍ଥା ଆସିଲେ ମଣ୍ଡି ଖୋଲିବ ବୋଲି ସ୍ଥାନୀୟ କୃଷି ଅଧିକାରୀ ଅନନ୍ତ ଚରଣ ଦାସ ପ୍ରକାଶ କରିଛନ୍ତି।

# ୨ ଦିନିଆ ସଚେତନତା ଶିବିର ଉଦ୍‌ଯାପିତ

ବେହେରା,୭।୧୧(ଭୂପେଶ ତିୱାରୀ)


ଉଦ୍‌ଯାପନୀରେ ଧର୍ମଗଡ଼ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ସମେତ ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ।

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଭବାନୀପାଟଣା ପକ୍ଷରୁ କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ବେହେରା ଗୋରୁ ବଜାର ପ୍ରଙ୍ଗଣରେ ଦଣ୍ଡପାଟ ଯୁବ ସେବା ସଙ୍ଗଠନ ସହଯୋଗରେ ପିଏମ ବିଶ୍ୱକର୍ମା ଯୋଜନା, ମିଶନ ଲାଇଫ୍, ନୂଆ ଭାରତ ବିକଶିତ ଭାରତ ଶୀର୍ଷକ ୨ ଦିନିଆ ସଚେତନତା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ପ୍ରଥମ ଦିନରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍ପି ବସନ୍ତ ପଣ୍ଡା ଯୋଗଦେଇ ଭାରତ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ ବାର୍ତ୍ତା ଦେଇ ଖୁବକମ ଦିନ ମଧ୍ୟରେ ଦଣ୍ଡପାଟ ବେହେରା ଦେଇ ରେଳ ଗଡିବ ବୋଲି ଘୋଷଣା କରିଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ.ହୀମାଞ୍ଚଳ ମାଝି ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ତଥା ସାଧନ କର୍ମୀ ଭାବେ ଅଧ୍ୟାପକ ମୋହନ ଚରଣ ବିଷି, ସମ୍ମାନିତ ଅତିଥି ଭାବେ ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ବରିଷ୍ଠ ଖବରଦାତା ବିରଞ୍ଚି ଜାଲ, ଦଣ୍ଡପାଟ ଉତ୍ପାଦକ ଗୋଷ୍ଠୀ ସଭାନେତ୍ରୀ ସୁଚିତ୍ରା ଗୋପାଳ, ଯୁବ ସଙ୍ଗଠକ ସଞ୍ଜୀବ ଠାକୁର, ତ୍ରିଲୋକ ନାଥ ସିଂ ପ୍ରମୁଖ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସୁଫଳ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ବେହେରା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଦିଆଯାଇଥିଲା। ସମ୍ପାଦକ ଶୁଶିଲ ଚନ୍ଦ୍ର ନାଗ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଈଶ୍ୱର ବାଣୁଆ, ଭିକାରୀ ଗୋପାଳ ପୁରସ୍କାର ବିତରଣୀ ପରିଚାଳନା କରିଥିଲେ। ସଙ୍ଗଠନ ସଦସ୍ୟ କ୍ଷୀରସିନ୍ଧୁ ବାଣୁଆ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଭୁଜବଳ ନାଏକ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କ୍ଷେତ୍ର ପ୍ରଚାର ଅଧିକାରୀ ମହେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ରୁପେଶ ନାଏକ, ରଙ୍ଗାଧର ନାଗ, ସାବିତ୍ରୀ ନାଏକ, ଚାନ୍ଦିନୀ ଭୋଇ, ସଙ୍ଗୀତା ବିଶି, ହେମଲତା ନାଗ, ଦୁଲ୍ଲଭି ହଂସ, ଝୁନି ସାହୁ, ହିମାଦ୍ରୀ ଖଣ୍ଡାଧାରୀ ପ୍ରମୁଖ ସହଯୋଗ କରିଥିଲେ।

## ଟାନୱାଟ-କେରମେଲି ରାସ୍ତା ଶୀଘ୍ର ନିର୍ମାଣ କରାଯାଉ


ଦାବିପତ୍ର ଦେବା ପାଇଁ ଆସିଥିବା ଅଞ୍ଚଳବାସୀ।

ନୂଆପଡ଼ା,୭।୧୧(ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଟାନୱାଟଠାରୁ କେରମେଲି ରାସ୍ତା ଶୀଘ୍ର ନିର୍ମାଣ ପାଇଁ ଅଞ୍ଚଳବାସୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ନୂଆପଡା ଟାନୱାଟ ଛକରୁ ସୁନାବେଡାକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡିଛି। ରାସ୍ତାର ଗେଟି ପଥର ସବୁ ବାହାରି ଖାଲଖମା ହୋଇ ଦିନକୁ ଦିନ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ପାହାଡିଆ ରାସ୍ତା ହୋଇଥିବାରୁ ବନ୍ୟଜନ୍ତୁଙ୍କ ଭୟ ମଧ୍ୟ ରହିଛି। ରାସ୍ତା ନିର୍ମାଣ ପାଇଁ ଦୀର୍ଘ ଦିନରୁ ଲୋକେ ଦାବି କରି ଆସୁଛନ୍ତି। ଦାବି ମୁତାବକ ଜିଲାପାଳ ହେମକାନ୍ତ ସାଏ ନିଜେ ଯାଇ ରାସ୍ତା ଅନୁଧ୍ୟାନ କରି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇ ଗୋଟିଏ ବର୍ଷବିତି ଯାଇଥିଲେ ମଧ୍ୟ ଆଜିଯାଏ ନିର୍ମାଣ ହୋଇ ପାରିନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପଚାରିଲେ ରାସ୍ତା ପାଇଁ ଟଙ୍କା ସେକସନ ହୋଇଯାଇଛି। ଆମକୁ ବନ ବିଭାଗ ଓ ବନ୍ୟପ୍ରାଣୀ ବିଭାଗ ଅନୁମତି ଦେଉ ନ ଥିବାରୁ ରାସ୍ତା କାମ ହୋଇ ପାରୁ ନାହିଁ ବୋଲି କହୁଛନ୍ତି। ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ଲୋକେ ଶହ ଶହ କି.ମି. ବୁଲି ଅଧିକ ଖର୍ଚ୍ଚାନ୍ତ ହୋଇ ସୁନାବେଡା ଯାଉଛନ୍ତି। କେରମେଲି, କାକେରମେଞ୍ଜି, ମାରାଗୁଡା, ଗୋଲାବନ୍ଧ, ଟିକ୍ରାପଡା, ମାରାଗୁଡ଼ା ଓ ପାହାଡ ଉପରେ ଥିବା ଗାଁଗୁଡିକ ଦୈନିକ ବ୍ୟବହାର୍ଯ୍ୟ ଜିନିଷପତ୍ର ପାଇଁ ନୂଆପଡା ଉପରେ ନିର୍ଭର କରି ସବୁ ଦିନ ସେହି ରାସ୍ତାରେ ଯାତାୟାତ କରିଥାନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନଠାରେ ଦାବି କରୁଛୁ କି ରାସ୍ତା ଶୀଘ୍ର ନିର୍ମାଣ କରାଯାଉ ବୋଲି ଭକ୍ତବନ୍ଧୁ ଧରୁଆ, ରମେଶ ସାହୁ, କିଶୋର ସାହୁ, ଶୁଶିଳ ମାଝି ଓ ଅଞ୍ଚବାସୀ ଦାବି କରିଛନ୍ତି।


**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-2754: OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.5805/RE/OSIC Dt.07.11.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 1 nos. of works i.e. **"Design, Development & Implementation of Web portal & Mobile App for Ama Odisha Nabin Odisha"** Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)

OIPR-14073/11/0072/2324


## ନୂତନ ଶିକ୍ଷାର୍ଥୀଙ୍କୁ ସ୍ୱାଗତ, ଆଲୋଚନାଚକ୍ର



ଖଡ଼ିଆଳ,୭।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ଶିକ୍ଷା ବ୍ୟବସ୍ଥାର ବିକାଶ ଓ ପ୍ରଗତି ଦିଗରେ 'ନୂତନ ଶିକ୍ଷା ପ୍ରଣାଳୀ ୨୦-୨୦ର ଉପାଦେୟତା' ସମ୍ପର୍କିତ ଆଲୋଚନା ଭିତିକ ସେମିନାର ଆୟୋଜିତ ହୋଇଯାଇଛି। ଅଧକ୍ଷ ଡ଼ ତରୁଣ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ମୁଖ୍ୟ ଡ଼ ଗୀତାଶ୍ରୀ ପ୍ରିୟମ୍ବଦା ସଭାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅତିଥି ଭାବେ ପ୍ରାଧ୍ୟାପକ ଡ଼ ପଦ୍ମଲୋଚନ ବର୍ମା ରାଜନୀତି ବିଭାଗୀୟ ମୁଖ୍ୟ, ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା ଇଂଲିଶ ବିଭାଗୀୟ ମୁଖ୍ୟ, ଶିକ୍ଷା ବିଭାଗୀୟ ଅଧ୍ୟାପକ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ଯୋଗ ଦେଇ ବିଷୟ ଭିତିକ ଗୁରୁତ୍ୱ ପ୍ରଦାନ କରିଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ଶତପଥୀ ଦୂରଭାସ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ତୃତୀୟ ବର୍ଷର ଛାତ୍ର ସରୋଜ ନାଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁଶ୍ରୀ ଅଙ୍କିତା ଦଣ୍ଡସେନା ଧନ୍ୟବାଦ ପ୍ରଦାନ କରିଥିଲେ। ଦୀପକ ସଗରିଆ ଏବଂ ସୁଶ୍ରୀ ସଙ୍ଗୀତା ତାଣ୍ଡି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମୁନା ସାଗର ସଭାର ଅନ୍ତିମ ପର୍ଯ୍ୟାୟ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଡିଏଭି ଲାଞ୍ଜିଗଡ଼ ଚାମ୍ପିୟନ, ଜାତୀୟସ୍ତର ପାଇଁ ମନୋନୀତ

ଲାଞ୍ଜିଗଡ଼,୭।୧୧(ରମେଶ ଚନ୍ଦ୍ର ନାୟକ)



ଅତିଥିଙ୍କ ସହ ଚାମ୍ପିୟନ ଡିଏଭି ଲାଞ୍ଜିଗଡର ଖେଳାଳିମାନେ।

### ଡିଏଭି ଜୋନାଲସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ଫୁଟ୍‌ବଲ ଖେଳାଳିମାନେ ଚାମ୍ପିୟନ ହୋଇ ଜାତୀୟସ୍ତରୀୟ ଖେଳିବା ପାଇଁ ମନୋନୀତ ହେଇଛନ୍ତି। ଅନୁଗୋଳ ଜିଲା ତାଳଚେର ଡେରା ଡିଏଭି ପବ୍ଲିକ ସ୍କୁଲଠାରେ ଗତ ୬ରୁ ୭ ତାରିଖ ଦୁଇଦିନ ହେବାକୁ ଥିବା ଡିଏଭି ଜାତୀୟ ଖେଳ-୨୦୨୩ ଜୋନାଲସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ୧୪ଜଣ ପ୍ରତିଯୋଗୀ ରବିବାର ତାଳଚେର ଗସ୍ତ କରିଥିଲେ। ଏହି ଖେଳାଳିମାନେ ପ୍ରଥମ ପର୍ଯ୍ୟାୟରେ ଡିଏଭି ପାରାଦୀପ ଇଫକୋ ସହିତ କ୍ୱାର୍ଟରଫାଇନାଲରେ ଡିଏଭି ପାରାଦୀପକୁ ୨-୦ ଗୋଲରେ ପରାଜୟ କରି ସେମି ଫାଇନାଲକୁ ଯାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଡିଏଭି କଟକ ଏଲ୍ଆର ସହିତ ସେମି ଫାଇନାଲ ଖେଳି ଡିଏଭି କଟକ ଏଲ୍ଆରକୁ ୩-୦ ଗୋଲରେ ପରାଜୟ କରି ଡିଏଭି ଲାଞ୍ଜିଗଡ ଫାଇନାଲକୁ ମନୋନୀତ ହେଇଥିଲେ। ଫାଇନାଲରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡିଏଭିକୁ ୨-୦ ଗୋଲରେ ପରାଜୟ କରି ଲାଞ୍ଜିଗଡ ବେଦାନ୍ତ ଡିଏଭି ଆନ୍ତର୍ଜାତୀୟ ବିଦ୍ୟାଳୟ ଚାମ୍ପିୟନ ହୋଇ ଜାତୀୟସ୍ତରରେ ଖେଳିବା ପାଇଁ ମନୋନୀତ ହେଇଥିଲା। ପ୍ରତିଯୋଗିତାରେ ୭ଟି ଡିଏଭି ବିଦ୍ୟାଳୟର ପ୍ରତିଯୋଗୀ ଭାଗ ନେଇଥିଲେ। ଗତ ୫ ତାରିଖରେ ଖେଳାଳିମାନେ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଅଧକ୍ଷ ସଦାନନ୍ଦ ହୋତାଙ୍କ ନେତୃତ୍ୱରେ ଖେଳ ଶିକ୍ଷକ ଦୁଷ୍ମନ୍ତ ମାଝି ଓ ଶିକ୍ଷକ ଜିତେନ୍ଦ୍ର କୁମାର ବାରିକଙ୍କ ସହିତ ଗସ୍ତ କରିଥିଲେ। ଏହି ଖେଳାଳିଙ୍କ କୃତିତ୍ୱରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଖେଳାଳିମାନେ ଜିଲା ତଥା ସ୍କୁଲ ପାଇଁ ଗୌରବ ଆଣିଥିବା ବେଳେ ଲାଞ୍ଜିଗଡ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଅଧକ୍ଷ ସଦାନନ୍ଦ ହୋତା, ବେଦାନ୍ତ ଆଲୁମିନା ସିଏଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ, ଡେପୁଟି ସିଇଓ ଜି.ଜି ପାଲ, ସିଏସଆର ମୁଖ୍ୟ ବିଭେଦେନ୍ଦୁ ପଣ୍ଡା ଓ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ସଫଳତା ପାଇଁ କାମନା କରିଛନ୍ତି।


**झारखण्ड सरकार**
**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमंडल,साहेबगंज**
**विकास भवन, साहेबगंज**

**ई– निविदा आमंत्रण सूचना**

ई0–निविदा संख्या–08 / 2023–2024 / RWD/SAHIBGANJ/2023-24

| क्र0 सं0 | आईडेन्टिफिकेशन संख्या/पैकेज संख्या | प्रखण्ड | कार्य का नाम | प्राक्कलित राशि (रू0 में) अंकमें | प्राक्कलित राशि (रू0 में) अक्षरमें | कार्यसमाप्ति की अवधि |
|---|---|---|---|---|---|---|
| 1 | RWD/SAHIBGANJ/ 01/2023-24 | पतना | पी0डब्लू0डी0 रोड केन्दुआ से कल्याण अस्पताल एवं पंचायत भवन होते हुए विशनपुर पी0एम0जी0एस0वाई0 रोड तक पथ निर्माण कार्य। (लं0–1.400 कि0मी0) | 181.725 | एक करोड़ एकासी लाख बहत्तर हजार पांच सौ रूपये मात्र) | 9 माह |
| 2 | RWD/SAHIBGANJ/ 02/2023-24 | पतना | पतना चौक से बी0एस0के0 कॉलेज और बिन्दुवासिनी मंदिर होते हुए होली फैमली स्कूल बड़हरवा–दिग्घी पी0डब्लू0डी0 रोड तक पथ निर्माण कार्य।(लं0–4.600 कि0मी0) | 664.224 | छः करोड़ चौसठ लाख बाईस हजार चार सौ रूपये मात्र) | 12 माह |

2. वेबसाईट में निविदा प्रकाशन की तिथि– 16.11.2023
3. ई–निविदा प्राप्ति की अंतिम तिथि एवं समयः– 29.11.2023 अपराहन् 05.00 बजे तक।
4. निविदा खोलने की तिथि एवं समय– 30.11.2023 अपराहन् 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियन्ता, ग्रामीण कार्य विभाग, कार्यप्रमंडल, साहेबगंज, पिन–816109
6. . ई–निविदा प्रकोष्ट का मोबाइल न0– 8292371115

विस्तृत जानकारी के लिए वेबसाईट–https://www.jharkhandtenders.gov.in में देखा जा सकता है।

ह0/–
कार्यपालक अभियंता, ग्रामीण कार्य विभाग, कार्य प्रमंडल,साहेबगंज

PR 310833 Rural Work Department(23-24)#D



**OFFICE OF THE PANCHAYAT SAMITI, RAJNAGAR**

**DETAIL TENDER CALL NOTICE No. 4/23-24**

The Block Development Officer, Rajnagar invites sealed tenders on behalf of Governor of Odisha from registered and eligible contractors of the State P.W.D. (R&B)/Water Resources/Rural Works/M.I./C.P.W.D. for the following work eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl. No. | Name of the Work | Amount put to Tender | Cost of Tender Paper Non-refundable | E.M.D. 1% | Time for Completion the Work in Months | Class of Contractors |
|---|---|---|---|---|---|---|
| 1 | Construction of GP Building at Bagapatia | Rs.14,46,558.00 | Rs.6000/- | Rs.14,465.00 | 06 (Six) Calendar Months | "D" & "C" |

**Terms and Conditions:**

1. Availability of Tender Papers: The bid document can be downloaded from the official website of District **(http://www.kendrapara.nic.in)** from Date 10.11.2023 to Date 16.11.2023. The cost of bid document shall be attached with the bid in sealed envelope in shape of D.D. in favour of BDO, Rajnagar.
2. Date of Receipt and Mode of Submission of Tender Papers: The tenderers have to submit tender papers in the Office of the Panchayat Samiti, Rajnagar to be dropped in designated tender box. The tenderers also can send the tender to the office of the BDO, Rajnagar in complete shape through Registered Post/ Speed Post only to the B.D.O., Rajnagar in his official postal address. The last date of receipt of tender papers is Date: 16.11.2023 (5.00 P.M.). The undersigned will not be responsible for postal delay if any for non-receipt of the papers in time. The tenderers must superscribe the name of the work/project and Tender Call Notice No. on the sealed envelopes.
3. Date of Opening of Tender Paper: The tender papers shall be opened on Date 17.11.2023 at 11.00 A.M. in the presence of the tenders or their authorized representatives having written authorization for the purpose and the tender committee.
4. Earnest Money Deposit: The E.M.D. is to be deposited in shape of Post Office Short Term Deposit/ Term Deposit/N.S.C./KVP or STDR/TDR from any Nationalized Bank duly pledged in favour of Block Development Officer, Rajnagar. The tender papers without required amount of E.M.D. will not be considered and transfer or adjustment of E.M.D. is not also admissible.
5. Document to be Attached: The tenderer is to submit the tender in one cover containing E.M.D., signed DTCN, Price bid duly filled in and signed by the tenderer along with the following documents failing which the tender will be liable to rejection.
6. a) E.M.D. for the amount stipulated in DTCN pledged in favour of the Block Development Officer, Rajnagar, b) Attested copy of contractor Registration Certificate, c) Attested copy of PAN Card, d) valid GST Registration Certificate, e) Affidavit as regards the fact of availing award of work without submission of E.M.D./I.S.D. during the current financial year in case of Engineer Contractors desirous of availaing exemption of E.M.D., f) Affidavit about the authentication of document including bank guarantee.
7. Performance Security Deposit: Performance security amounting to entire less amount of the bid amount shall be deposited by the successful bidder before execution of agreement, failing which his tender will be cancelled and further action will be taken as per relevant Works Department norm.
8. Forfeiture:
   a) The E.M.D. amount will be forfeited, if the tenderers backs out from the offer of acceptance of tender.
   b) Submission of more than one tender paper by a bidder for a single work will be liable for rejection of all such tender papers.
   c) On review of the last performance of the works executed through B.D.O., Rajnagar previously, the lowest - 1 tenderer may/may not be considered for the works, though he/she becomes lowest-1 tenderer.
   d) The contractors who have failed to execute projects of this agency/backed out from execution process/ abandoned the project work midway/those who have been declared by this agency to be the defaulters otherwise will not be allowed to participate in the present tender process. If any of such contractors participates then his/her papers will not be considered at all.
   e) The undersigned reserves the right either to reject any or all tenders or cancel the entire process without assigning the reason thereof.
9. The rate and tender amount is excluding GST as per Finance Department norms.

**Sd./- Block Development Officer, Rajnagar**



**OFFICE OF THE TAHASILDAR, ASKA (LAND ACQUISITION CELL)**

No.6374/ Date 04.11.2023

**PUBLIC NOTICE**

**For land owners / persons interested therein for delivery of possession of land acquired for construction of a National Highway**

Kind attention of all land owners / interested persons is invited to the Public Notice published in the following newspapers informing then regrding:

- Announcement of award.
- Calling upon them to collect the compensation amount within a period of 60 days and
- Requesting the land owners to hand over the possession of the subject land to the undersigned.

| Sl. No. | Name of Newspapers in which published | Date of Newspaper |
|---|---|---|
| 1 | The Samaja | 05.08.2023 |
| 2 | The Dharitri | 05.08.2023 |

The prescribed time of 60 days has expired on 04.10.2023.

Accordingly, all the concerned land owners / interested persons are hereby called upon to hand over the possession of the acquired land to the undersigned immediately. Failing which the same shall be taken with the police assistance in accordance with sub-Section (2) of Section 3(E) of the NH Act. 1956.

Needless to say, such of the land owners / interested persons, who have still not collected their compensation amount, may collect the same on any working day from the office of the undersigned.

**Sd./- Tahasildar, Aska-cum-CALA (NH-59)**



ORMAS
Odisha Rural Development and Marketing Society
Panchayati Raj and Drinking Water Department

Tel.:06724-231752
Fax:06724-231752
(URL:www.ormas.org)
E-mail:dsmsjagatsinghpur@gmail.com

**ORMAS, JAGATSINGHPUR**
**A District unit of ORMAS**
**Office of the Zilla Parishad, Jagatsinghpur**
**Sanra, Nalibar-754104**

Letter No.604 Dt.01.11.2023

**TENDER NOTICE**

Sealed tenders are invited from reputed Firms/ Agencies/Organisation etc. for different works like Tentage and Allied Works, Security Services, Still Photography and Videography, Printing Works/ Advertisement Hording for the State Level Pallishree Mela-2023 to be held at Kalinga Baliyatra Ground, Paradeep from 26th Nov. to 2nd Dec. 2023. The engagement of Firms/ Agencies/Organisation shall be made through tender systems.

The tender papers alongwith the details specification and eligibility criteria of the above works will be available in the Office of ORMAS, Jagatsinghpur, C/O-Zilla Parishad, Jagatsinghpur upto 10th November, 2023 by 12.00 PM or Tender paper can be downloaded from website www.jagatsinghpur.nic.in or www.ormas.org. The sealed tenders will be received in Dy. CEO,ORMAS, Jagatsinghpur Office Drop Box latest by 12.00 PM of 10th November, 2023. The tenders will be opened in the office chamber of CDO-cum-EO, Zilla Parishad, Jagatsinghpur Office on the same day at 4.30 PM in the presence of the Bidders or their authorized representatives.

The undersigned reserves the right to accept or reject any or all the tenders without assigning any reason thereof.

**Sd./- CDO-cum-EO, ZP, Jagatsinghpur**

**ନୂତନ ତହସିଲଦାରଙ୍କୁ ସ୍ୱାଗତ**

ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ଡ. ଲଳିତ ବାଗ ଯୋଗଦେଇଛନ୍ତି। ସେ ଏହା ପୂର୍ବରୁ ବଲାଙ୍ଗୀର ଜିଲା ଟିଟିଲାଗଡ଼ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ କାର୍ଯ୍ୟ କରୁଥିଲେ। ସେ ଦୀର୍ଘ ୮ ବର୍ଷ ହେବ ଓଡ଼ିଶାର ବିଭିନ୍ନ କାର୍ଯ୍ୟାଳୟରେ ଅଧିକାରୀ ଭାବେ କାର୍ଯ୍ୟ କରି ନିଜର କାର୍ଯ୍ୟ ଦକ୍ଷତା ପ୍ରତିପାଦନ କରି ଲୋକଙ୍କ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ନୂତନ ତହସିଲଦାର ବାଗଙ୍କୁ ବିଭିନ୍ନ ସଙ୍ଗଠନ ଏବଂ ବ୍ଲକ ଖବରଦାତା ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି।

## ସଂକ୍ଷେପରେ

### ଆଦର୍ଶ ଶିକ୍ଷକ ବୀରେନ୍ଦ୍ର ମିଶ୍ରଙ୍କ ପରଲୋକ

**ସୋନପୁର,୭।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ମଙ୍ଗଳବାର ଆଦର୍ଶ ଶିକ୍ଷକ ବୀରେନ୍ଦ୍ର ମିଶ୍ର(୯୦)ଙ୍କ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା



ସମୟରେ ପରଲୋକ ଘଟିଛି। କଲିକତା ଉଚ୍ଚ ନ୍ୟାୟାଳୟର ବିଚାରପତି ଟିଉରଞ୍ଜନ ଦାଶଙ୍କ ଶ୍ୱଶୁର ହେଉଛନ୍ତି ବୀରେନ୍ଦ୍ର ମିଶ୍ର। ସୁବର୍ଣ୍ଣପୁର ଜିଲା ଦୌରାଜକ୍ ରଶ୍ମିମୋହନ ଆଚାର୍ଯ୍ୟ, ଏସ୍‌ପି ଅମରେଶ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଆଇନଜୀବୀ, ସ୍ୱଚ୍ଛଭାରତ ସଂଗଠନର କର୍ମକର୍ତ୍ତା ସହର ସ୍ଥିତ ଥନାପତିପଡା ବାସଭବନରେ ପହଞ୍ଚି ସ୍ୱର୍ଗତ ମିଶ୍ରଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସନ୍ଧ୍ୟାରେ ଜ୍ୱାଇଁ ଜଷ୍ଟିସ୍ ଦାଶ କଲିକତାରୁ ଆସି ପହଞ୍ଚିବା ପରେ ରାମେଶ୍ୱର ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କରାଯାଇଛି । ସ୍ୱର୍ଗତ ମିଶ୍ର ଜଣେ ଧର୍ମପରାୟଣ ବ୍ୟକ୍ତି ଥିଲେ ।

### ସମ୍ବିଧାନ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ବିନିକା,୭।୧୧( ରାମ ଗୋପାଳ ବାଘ )**

ବିନିକା ଏନଏସି କମ୍ୟୁନିଟି ସେଣ୍ଟରଠାରେ ମଞ୍ଜୁରୀ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପାଳନ ପାଇଁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନଗରପାଳ ସୁବାଷ ଚନ୍ଦ୍ର ଭୋଇ, କରଞ୍ଜିତ ବୋଇ, ବିଜୟ ବରାଇ, ପ୍ରଦୀପ ବାଘ, ବିନୋଦ କୁମ୍ଭାର, ମୋହନ ମହାନନ୍ଦ, ଦୁର୍ଗା ଚରଣ କଳତା, ଡିଲେଶ୍ୱର ହାତୀ, ଅଚ୍ୟୁତ ବିଭାର, ରାମ ଗୋପାଳ ବାଘ ପ୍ରମୁଖ ଯୋଗ ଦେଇଥିଲେ।

# ପିଆଜ ରପ୍ତାନି କରୁଥିବା ଜିଲାରେ ପିଆଜ ଦର ଚଢ଼ା

**ବୌଦ୍ଧ,୭।୧୧(ଅଜିତ କୁମାର ବାରିକ)**



■ପିଆଜ ମାନ ଉନ୍ନତ ଥିବାରୁ ଏକଦା ଚାହିଦା ଥିଲା

■ପାଲଝାରରେ ରହିଛି ଆଳୁ, ପିଆଜ ଗବେଷଣା କେନ୍ଦ୍ର

ବୌଦ୍ଧ ଏକ କୃଷିଭିତ୍ତିକ ଜିଲା। ଏହି ଜିଲାରେ ଧାନ ଚାଷ ବ୍ୟତୀତ ପରିବା ଚାଷ ହୋଇଥାଏ। ପିଆଜ ଚାଷ ପାଇଁ ମଧ୍ୟ ଜିଲାର ନାଁ ରହିଛି। ଚାଷୀମାନେ ଉନ୍ନତମାନର ପିଆଜ ଉତ୍ପାଦନ କରି ବାହାର ରାଜ୍ୟକୁ ରପ୍ତାନୀ କରୁଥିବା ବେଳେ ବର୍ତ୍ତମାନ ପିଆଜ ଦର ବାଧୁଛି। ପିଆଜ ଚାଷ ନେଇ ଦିନେ ବୌଦ୍ଧ ଜିଲା ରାଜ୍ୟ ତଥା ଦେଶରେ ନାଁ କରିଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଉଦ୍ୟାନ କୃଷି ବିଭାଗର ସୁପାରିଶକ୍ରମେ ବୌଦ୍ଧ ବ୍ଲକର ପାଲଝାରଠାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶର ଦ୍ୱିତୀୟ ବୃହତ୍ତମ ଆଳୁ ଓ ପିଆଜ ଗବେଷଣା କେନ୍ଦ୍ର ଖୋଲାଯାଇଛି। ବୌଦ୍ଧ ଜିଲାର ପିଆଜର ମାନ ଉନ୍ନତ ଥିବାରୁ ଏହାର ଚାହିଦା ଖୁବ ବେଶୀ ଥିଲା। ପିଆଜ ଚାଷ ନେଇ ଜିଲାରେ ଉଦ୍ୟାନ ବିଭାଗ ପକ୍ଷରୁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରାଯାଇ ଚାଷୀମାନଙ୍କୁ ତାଲିମ ପ୍ରଦାନ ଓ ପିଆଜ ଘର ନିର୍ମାଣ ନାମରେ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି। ହେଲେ ଆଜିର ପିଆଜ ଦର ଦେଖିଲେ ଏସବୁ କାଗଜକଲମରେ ହେଉଥିବା ମନେହୁଏ। ଜିଲାରେ ଏବେ ପିଆଜ ଚାଷ ଫେଲ୍ ମାରିବା ସହ ଖାଉଟିଙ୍କ ପାଇଁ ଏହା ସ୍ୱପ୍ନ ହେବାକୁ ବସିଲାଣି। ଜିଲାରେ ବର୍ତ୍ତମାନ ପିଆଜ କିଲୋ ୬୦ ଟଙ୍କା ରହିଛି। ଏତେ ଟଙ୍କା ଦେଇ ଚାହିଦା ମୁତାବକ କିଣିବା ସମସ୍ତଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଦିନ ଥିଲା ଜିଲାର ପିଆଜ ଦିଲ୍ଲୀ ଦରବାରରେ ନାଁ କରିଥିବା ବେଳେ ଆଜି ଜିଲାର ଲୋକ ପିଆଜ ନେଇ ଚିନ୍ତିତ। ପିଆଜ ଚାଷ ପାଇଁ ଜିଲାର ମାଟି, ଜଳବାୟୁ ଓ ପରିବେଶ ଅନୁକୂଳ ରହିଥିବା ବେଳେ ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କୁ ଠିକ ଭାବେ ସହଯୋଗ, ସହାୟତା ଓ ପ୍ରଶିକ୍ଷଣ ଦିଆ ନ ଯିବାରୁ ପିଆଜ ଚାଷରୁ ଚାଷୀ ମୁହଁ ଫେରାଇ ନେଇଛନ୍ତି। ଏପରି କି ଚାଷୀଙ୍କୁ ନିମ୍ନମାନର ବିହନ ଓ ସାର ଯୋଗାଇ ସିଧାସଳଖ ଠକେଇ କରାଯିବା ପରେ ଚାଷୀମାନେ ପିଆଜ ଚାଷ ବନ୍ଦ କରି ଦେଇଥିବା ଅଭିଯୋଗ ହେଉଛି । ଜିଲାରେ ଶୀତଳଭଣ୍ଡାର ନ ଥିବାରୁ ଚାଷୀ ନିଜର ଉତ୍ପାଦିତ ପିଆଜକୁ ସାଇତି ରଖି ନ ପାରି ଅମଳ ସମୟରେ ବାଧ ହୋଇ କମ ଦରରେ ବିକ୍ରି କରିଥାଏ । ତେଣୁ ବୌଦ୍ଧ ଭଳି ଏକ କୃଷି ପ୍ରଧାନ ଜିଲାରେ ଚାଷୀମାନଙ୍କୁ ପିଆଜ ଚାଷ ପାଇଁ ଉନ୍ନତମାନର ବିହନ ଓ ବୈଷୟିକ ଜ୍ଞାନ କୌଶଳ ଯୋଗାଇ ଦେବା ସହ ଶୀତଳ ଭଣ୍ଡାରର ବ୍ୟବସ୍ଥା କରାଗଲେ ପୁଣି ପିଆଜ ଚାଷ ପତି ଜିଲାର ଚାଷୀଙ୍କ ଆଗ୍ରହ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ଜଗନ୍ନାଥ ମନ୍ଦିରରୁ ଦାନବାକ୍ସ ଚୋରି

**ଅମରପାଲି,୭।୧୧(ପୀତାମ୍ବର ସାହୁ)**

■ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ

■ସନ୍ଦେହରେ ୨ ନାବାଳକ ଅଟକ



ଚୋରି ହୋଇଥିବା ଦାନ ବାକ୍ସ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ୨ଟି ଦାନ ବାକ୍ସ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରର ମୁଖ୍ୟ ଦ୍ୱାର ତାଲା ଭାଙ୍ଗି ଦାନ ବାକ୍ସ ଚୋରି କରିଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନେ ମନ୍ଦିର ନିକଟ ଭଗ ବନ୍ଧ ଠାରେ ଦାନ ବାକ୍ସ ଦୁଇଟିକୁ ଭାଙ୍ଗି ସେଥିରେ ଥିବା ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ମନ୍ଦିର କମିଟି ତରଫରୁ ଏ ନେଇ ଥାନାରେ ଏତଲା ଦିଆଯିବା ପରେ ବୀରମହାରାଜପୁର ପୋଲିସ ସୋନପୁରର ସନ୍ଧାନୀ କୁକୁର ଓ ବଲାଙ୍ଗୀରର ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି। ପୋଲିସ ଏହି ଘଟଣାରେ ୨ ଜଣ ନାବାଳକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ସୋମବାର ରାତିରେ ମନ୍ଦିର ପୂଜକ ବିଶାମିତ୍ର ଚାନ୍ଦ ଘରକୁ ପଳାଇ ଯାଇଥିଲେ। ମଙ୍ଗଳବାର ଭୋର ସମୟରେ ମନ୍ଦିର ଦ୍ୱାର ଖୋଲିବା ପାଇଁ ପୂଜକ ଆସି ଦେଖିଲା ବେଳକୁ ମୁଖ୍ୟଦ୍ୱାରର ତାଲା ଭଙ୍ଗା ଯାଇଥିବା ଓ ଦୁଇଟି ଦାନ ବାକ୍ସ ନ ଥିବା ଦେଖିବାକୁ ପାଇଥିଲେ। ସେ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାମାନଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ମନ୍ଦିର ପରିଚାଳନା କମିଟିର ସଭାପତି ବିଷ୍ଣୁ ଚରଣ ପଣ୍ଡାଙ୍କ ଅଭିଯୋଗ ଭିତ୍ତିରେ ପୋଲିସ ଏକ ମାମଲା (୨୦୦/୨୩) ରୁଜୁ କରି ତଦନ୍ତ ଜାରି ରଖିଥିବା ବୀରମହାରାଜପୁର ଆଦର୍ଶ ଥାନା ଅଧିକାରିଣୀ ରଜେଶରୀ ଭୋଇ ପ୍ରକାଶ କରିଛନ୍ତି।

## ଉମାରେ ଗଣ୍ଡା ସମାଜର ନୂଆଁଖାଇ ଭେଟଘାଟ

# ‘ନୂଆଁଖାଇ ଭେଟଘାଟ ଏକ ଅନନ୍ୟ ଉପହାର’

**ଘଣ୍ଟାପଡ଼ା,୭।୧୧(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଉମା ଖେଳ ପଡିଆରେ ଘଣ୍ଟାପଡା ଜୋନସ୍ତରୀୟ ଗଣ୍ଡା ସମାଜର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଣ୍ଟାମାଳ ବିଧାୟକ ମହୀଧର ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ନୂଆଁଖାଇ ଭେଟଘାଟ ହେଉଛି ପଶ୍ଚିମ ଓଡ଼ିଶାର ଅନନ୍ୟ ଉପହାର । ଏହା ଅଞ୍ଚଳରେ ଭାଇଚାରା ସୃଷ୍ଟି କରିବା ସହ ଏକତା ରହିବାର ବାର୍ତ୍ତା ଦେଇଥାଏ । ପ୍ରଥମ କରି ଗଣ୍ଡା ସମାଜ ତରଫରୁ ଘଣ୍ଟାପଡ଼ା ଜୋନସ୍ତରୀୟ ଭେଟଘାଟ ଉମା ଗ୍ରାମରେ ହେଉଥିବାରୁ ବିଧାୟକ ରଣା ଦଳିତ ସମାଜର ସୁବିଧା ନିମନ୍ତେ କଣ୍ଟାମାଳରେ ବ୍ଲକସ୍ତରୀୟ ଏକ ମଣ୍ଡପ ଗୃହ ନିର୍ମାଣ



ମଞ୍ଚରେ ଉପସ୍ଥିତ ଅତିଥି।

କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଘଣ୍ଟାପଡ଼ା ସରପଞ୍ଚ ରୀତା କହଁର ,ଉମା ସମିତି ସଭ୍ୟା ସନ୍ତଳୀ ସୁନା, ଖମନମୁଣ୍ଡା ସମିତି ସଭ୍ୟା ସସ୍ମିତା ବାଘ, ବରଗାଁ ସମିତି ସଭ୍ୟା ପ୍ରତିନିଧି ତଥା ସାମାଜିକ କର୍ମୀ ରାମଚନ୍ଦ୍ର ତାଣ୍ଡି, ସାମାଜିକ କର୍ମୀ ବିମଳା ଭୋଇ, ଜିତେନ୍ଦ୍ର କୁମ୍ଭାର, ଜାନି ସେନାପତି, ଧନମନ୍ତ ବିଭାର, ଘନ ମୁନା, ରଞ୍ଜନ ଜଗଦଲା, ଉମା ସରପଞ୍ଚ ଦୌଲଥ ପାଣ୍ଡେ ପ୍ରମୁଖ ଯୋଗଦେଇ ଗଣ୍ଡା ସମାଜର ଏକତା, ମୌଳିକ ଅଧିକାର, ଶିକ୍ଷା ଓ ସଂସ୍କାର ବିଷୟରେ ମତ ରଖିଥିଲେ। ଧନମନ୍ତ ବିଭାର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ସୁବୋଧ ବାଘଙ୍କ ପରିଚାଳନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଞ୍ଚଳର କଳାକାରମାନଙ୍କୁ ନେଇ ନୃତ୍ୟଗୀତ ଆୟୋଜିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ହୃଦାନନ୍ଦ କଅଁର, ପ୍ରଦୀପ ନନ୍ଦ, ଦିଲିପ ବିଶ୍ୱାଳ, ପରମେଶ୍ୱର ଛତ୍ରିଆ, ସୁବାଷ ମହାନନ୍ଦ, ଚମାର ତାଣ୍ଡି, ଠାକୁର କଅଁର, କୈବଲ୍ୟ ସୁନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ବିଭିନ୍ନ ପଞ୍ଚାୟତରୁ ଗଣ୍ଡା ସମାଜର ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ଭେଟଘାଟ ପୂର୍ବରୁ ନିଜର ପାରମ୍ପରିକ ବାଜା ବଜାଇ ଇଷ୍ଟଦେବୀଙ୍କ ପୂଜା କାର୍ଯ୍ୟ ଶେଷ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା।

# ସହାୟତା ପ୍ରଦାନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

**ସୋନପୁର,୭।୧୧**
**(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଗଉଡକେଲା ଗ୍ରାମର ସଞ୍ଜୁକ୍ତା ବରାର୍ତ୍ତି(୨୫)ଙ୍କ ମୁଣ୍ଡ ଉପରେ ଏବେ ୪ ପିଲାଙ୍କ ବୋଝ ସମ୍ପର୍କିତ ଖବର ମଙ୍ଗଳବାର ଧରିତ୍ରୀରେ ପ୍ରକାଶ ପାଇଥିଲା। ଜିଲାପାଳ ବିମଳେନ୍ଦୁ ରାୟ ଏହା ଜାଣିବା ପରେ ସଞ୍ଜୁକ୍ତା ଓ ତାଙ୍କ ପିଲାଙ୍କୁ ଆବଶ୍ୟକ ସରକାରୀ ସହାୟତା ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସହାୟତା ଓ ବିଧବା ଭତ୍ତା ପ୍ରଦାନ ପାଇଁ ଜିଲାପାଳ ରାୟ ବୀରମହାରାଜପୁର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସଞ୍ଜୁକ୍ତାଙ୍କ ଝିଅଙ୍କ ପାଠ ପଢା ପାଇଁ ସହାୟତା ପ୍ରଦାନ କରିବାକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଅନ୍ୟପକ୍ଷେ ସଞ୍ଜୁକ୍ତାଙ୍କ ଦୁଃଖ ଜାଣିବା ପରେ ତୁରନ୍ତ ଆବଶ୍ୟକ



ଝିଅମାନଙ୍କ ସହିତ ସଞ୍ଜୁକ୍ତା।

**ସଞ୍ଜୁକ୍ତାଙ୍କ ଉପରେ ୪ ପିଲାଙ୍କ ବୋଝ ଘଟଣା**

**ଧରିତ୍ରୀ ପ୍ରଭାବ**

ସରକାରୀ ସହାୟତା ପ୍ରଦାନ ପାଇଁ ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ବୀରମହାରାଜପୁର ବିଡିଓଙ୍କୁ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ସଞ୍ଜୁକ୍ତା ଆବଶ୍ୟକ କାଗଜାତ ସହ ଆବେଦନ କଲେ ସହାୟତା ପ୍ରଦାନ କରାଯିବ ବୋଲି ବୀରମହାରାଜପୁର ବିଡିଓ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସଞ୍ଜୁକ୍ତା କମ ବୟସରେ ବିବାହ କରିଥିଲେ। ରୋଗରେ ପଡି ସ୍ୱାମୀ ସୁମନ୍ତଙ୍କ ମୃତ୍ୟୁ ପରେ ସେ ଏବେ ସମ୍ପୂର୍ଣ୍ଣ ଅସହାୟ ହୋଇ ପଡିଛନ୍ତି। ରହିବା ପାଇଁ ଘର ନ ଥିବା ବେଳେ ଚାଷ ବାସ ପାଇଁ ଜମି ନାହିଁ। ୪ ଝିଅଙ୍କ ଖାଇବା ଓ ପାଠ ପଢା ଖର୍ଚ୍ଚକୁ ନେଇ ସେ ଚିନ୍ତାରେ ଅଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଉଫୁଲା ପଞ୍ଚାୟତରୁ ମିଳୁଥିବା ମାସିକ ୧୫ କିଲୋ ଚାଉଳ ତାଙ୍କ ସାହା ଭରସା ପାଲଟିଛି । ସଞ୍ଜୁକ୍ତାଙ୍କ ବଡ ଝିଅ ନିହାରିକା(୧୦) କମଲପୁର ସ୍କୁଲରେ ତୃତୀୟ ଶ୍ରେଣୀରେ ପାଠ ପଢୁଥିବା ବେଳେ ଦ୍ୱିତୀୟ ଝିଅ ଆଶିକା(୭) ପ୍ରଥମ ଶ୍ରେଣୀରେ ପଢୁଛନ୍ତି। ତୃତୀୟ ଝିଅ ଆଂଶିକା(୩) ଗାଁ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଥିବା ବେଳେ ସାନ ଝିଅ ଅସ୍ମିତା ମାତ୍ର ୧୦ ମାସର। ଛୋଟ ଝିଅଙ୍କୁ ଧରି ସଞ୍ଜୁକ୍ତା ବାହାରକୁ କାମ ପାଇଁ ଯିବା କଷ୍ଟକର ହୋଇପଡିଛି।

# ଭିନ୍ନକ୍ଷମ ଭୀମଭୋଇ ସାମର୍ଥ୍ୟ ଶିବିର

**ଡୁଙ୍ଗୁରିପାଲି,୭।୧୧(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଆରଏମସି ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଉକ୍ତ ଶିବିରକୁ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଡୁଙ୍ଗୁରିପାଲି ବିଡ଼ିଓ ରୋହିତ ଭୋଇ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଡ. ସଞ୍ଜୟ କୁମାର ପଧାନ, ଡ. ଶାନ୍ତନୁ ମେହେର, ଏବିଡ଼ିଓ ଆନନ୍ଦ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରବୀନ କୁମାର ରଥ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ପ୍ରଭୁଦତ୍ତ ନାଏକ, ଜୁନିୟର ଆସିଷ୍ଟାଣ୍ଟ ବିଜୟ କୁମାର ଭୋଇ, ଡିଇଓ ପ୍ରମୋଦ ପଧାନ ପରିଚାଳନା କରିଥିଲେ। ଶିବିରରେ ସମୁଦାୟ ୪୫୭ ଜଣ ବ୍ୟକ୍ତି ବିଭିନ୍ନ ବିଭାଗରେ ଆବେଦନ କରିଥିଲେ। ତନ୍ମଧ୍ୟରୁ ୧୦୩ ଜଣ ବାକ୍ ଓ ଶ୍ରବଣ ବାଧିତ, ୫୫ ଜଣ ଦୃଷ୍ଟିହୀନ ବାଧିତ, ୧୭୮ ଜଣ ଚଳନ ବାଧିତ, ୭୨ ଜଣ ମାନସିକ ପକ୍ଷାଘାତ ରୋଗୀ, ୪୯ ଜଣ ଅନ୍ୟାନ୍ୟ ରୋଗୀ, ଟ୍ରାଇ ସାଇକେଲ ପାଇଁ ୧୭ ଜଣ, ହୁଇଲ ଚେୟାର ପାଇଁ ୧୧ ଜଣ, ବସ ପାସ୍ ପାଇଁ ୩୪ ଜଣ, ଆଶାବାଡ଼ି ପାଇଁ ୯ ଜଣ, ଶ୍ରବଣ ଯନ୍ତ୍ର ପାଇଁ ୧୪ ଜଣ ଆବେଦନ କରିଥିଲେ। ଶିଶୁ ରୋଗ ବିଶେଷଜ୍ଞ ଶାନ୍ତନୁ ମେହେର, ମେଡ଼ିସିନ ବିଭାଗର ସଞ୍ଜୟ କୁମାର ପଧାନଙ୍କ ସହ ବିଭିନ୍ନ ବିଭାଗର ଡାକ୍ତରମାନେ ରୋଗୀଙ୍କ ପରୀକ୍ଷା କରିଥିଲେ। ଆଇସିଡିଏସର ସୁପରଭାଇଜର ସୀତା ମେହେର, ବ୍ଲକ ମିଶନ ଶକ୍ତି, ଅଙ୍ଗନୱାଡି କର୍ମୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଆଶା କର୍ମୀ ଓ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଅତିଥିମାନେ।


**झारखण्ड सरकार**
**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमंडल,साहेबगंज**
**विकास भवन, साहेबगंज**

**ई– निविदा आमंत्रण सूचना**

ई0–निविदा संख्या–08 / 2023–2024 / RWD/SAHIBGANJ/2023-24

| क्र0 सं0 | आईडेन्टिफिकेशन संख्या/पैकेज संख्या | प्रखण्ड | कार्य का नाम | प्राक्कलित राशि (रू0 में) अंकमें | अक्षरमें | कार्यसमाप्ति की अवधि |
|---|---|---|---|---|---|---|
| 1 | RWD/SAHIBGANJ/ 01/2023-24 | पतना | पी0डब्लू0डी0 रोड केन्दुआ से कल्याण अस्पताल एवं पंचायत भवन होते हुए विशनपुर पी0एम0जी0एस0वाई0 रोड तक पथ निर्माण कार्य। (लं0–1.400 कि0मी0) | 181.725 | एक करोड़ एकासी लाख बहत्तर हजार पांच सौ रूपये मात्र) | 9 माह |
| 2 | RWD/SAHIBGANJ/ 02/2023-24 | पतना | पतना चौक से बी0एस0के0 कॉलेज और बिन्दुवासिनी मंदिर होते हुए होली फैमली स्कूल बड़हरवा–दिग्घी पी0डब्लू0डी0 रोड तक पथ निर्माण कार्य।(लं0–4.600 कि0मी0) | 664.224 | छः करोड़ चौसठ लाख बाईस हजार चार सौ रूपये मात्र) | 12 माह |

2. वेबसाईट में निविदा प्रकाशन की तिथि– 16.11.2023
3. ई–निविदा प्राप्ति की अंतिम तिथि एवं समयः– 29.11.2023 अपराहन् 05.00 बजे तक।
4. निविदा खोलने की तिथि एवं समय– 30.11.2023 अपराहन् 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियन्ता, ग्रामीण कार्य विभाग, कार्यप्रमंडल, साहेबगंज, पिन–816109
6. . ई–निविदा प्रकोष्ट का मोबाइल न0– 8292371115

विस्तृत जानकारी के लिए वेबसाईट–https://www.jharkhandtenders.gov.in में देखा जा सकता है।

ह0/–
कार्यपालक अभियंता, ग्रामीण कार्य विभाग, कार्य प्रमंडल,साहेबगंज

PR 310833 Rural Work Department(23-24)#D



**OFFICE OF THE PANCHAYAT SAMITI, RAJNAGAR**
**DETAIL TENDER CALL NOTICE No. 4/23-24**

The Block Development Officer, Rajnagar invites sealed tenders on behalf of Governor of Odisha from registered and eligible contractors of the State P.W.D. (R&B)/Water Resources/Rural Works/M.I./C.P.W.D. for the following work eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl. No. | Name of the Work | Amount put to Tender | Cost of Tender Paper Non-refundable | E.M.D. 1% | Time for Completion the Work in Months | Class of Contractors |
|---|---|---|---|---|---|---|
| 1 | Construction of GP Building at Bagapatia | Rs.14,46,558.00 | Rs.6000/- | Rs.14,465.00 | 06 (Six) Calendar Months | “D” & “C” |

**Terms and Conditions:**

1. Availability of Tender Papers: The bid document can be downloaded from the official website of District **(http://www.kendrapara.nic.in)** from Date 10.11.2023 to Date 16.11.2023. The cost of bid document shall be attached with the bid in sealed envelope in shape of D.D. in favour of BDO, Rajnagar.
2. Date of Receipt and Mode of Submission of Tender Papers: The tenderers have to submit tender papers in the Office of the Panchayat Samiti, Rajnagar to be dropped in designated tender box. The tenderers also can send the tender to the office of the BDO, Rajnagar in complete shape through Registered Post/ Speed Post only to the B.D.O., Rajnagar in his official postal address. The last date of receipt of tender papers is Date: 16.11.2023 (5.00 P.M.). The undersigned will not be responsible for postal delay if any for non-receipt of the papers in time. The tenderers must superscribe the name of the work/project and Tender Call Notice No. on the sealed envelopes.
3. Date of Opening of Tender Paper: The tender papers shall be opened on Date 17.11.2023 at 11.00 A.M. in the presence of the tenders or their authorized representatives having written authorization for the purpose and the tender committee.
4. Earnest Money Deposit: The E.M.D. is to be deposited in shape of Post Office Short Term Deposit/ Term Deposit/N.S.C./KVP or STDR/TDR from any Nationalized Bank duly pledged in favour of Block Development Officer, Rajnagar. The tender papers without required amount of E.M.D. will not be considered and transfer or adjustment of E.M.D. is not also admissible.
Commercial plot 3 sides road facing to NH Nakhara to Niali road frontage 60 feet facing to south 10000sqft., 8KM from Nakhara, 13KM from Bhubaneswar. 8249851363, 7809525452. D-75056

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788. D-1735

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656

Triplex for sale in a posh locality near AIIMS for details Plz contact. Mob- 7605932509. D-1714

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.- 300/-, ଛତାବର-500/-, ନଖରା SC/Gen plot-300/-. 7978663279. D-75249

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରୀ ପ୍ଲଟ୍ ପଛାରୁ ବିକ୍ରିହେବ। 9178660666. D-1720




Relax, Refresh your body, Mind at Saikrupa Spa with best therapies. 8984068077. D-1696

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75054

Full body massage in homely atmosphere in all therapy. Mob: 8114881641. D-73446

Newly open Spa positively health benefits with expert therapist. 9938843929. D-75167

Newly open health benefits SPA special offer @999. Contact: 7749034655. D-75168

AFFIDAVIT

I, Kshitis Kumar Sahoo, S/o- Late Ramachandra Sahoo resident of Plot No.-552/747 (G.F), Pokhariput, Bhubaneswar, Dist.- Khurda, PIN-751020, Odisha declared by this affidavit C.F. No.-79 dated 06.11.2023, that now onwards I shall be known as Kshitis Sahoo for all future purpose. D-1742

## ମନେ ପଡ଼ନ୍ତି

**ନବମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



୰ଭୁବନେଶ୍ୱର ହୋତା (ଶିକ୍ଷକ)

କାର୍ତ୍ତିକ ଏକାଦଶୀ
କମାଶାସନ
କେତେ ସ୍ନେହ ଢାଳୁଥିଲ ଆପଣା ଶିରରେ
ସେଥିପାଇଁ ଲୁହ ଝରେ ସବୁରି ଆଖିରେ।
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି
ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ
ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ବୋହୂ: ରୁବି, ପ୍ରତିମା, ପୁଅ:ଗଦା, ବିମ୍ବା ; ଝିଅ: କୁନି, ଅର୍ଜୁନ, ନାତି, ବୁବୁଲୁ, ଅଶୋକ, ନାତୁଣୀ: ପୂଜା, ଶୋମି, ବନ୍ଧୁ ଓ ପରିବାରବର୍ଗ ।
ଧ-୬୯୦୯୫

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଚନ୍ଦ୍ରକାନ୍ତ ବେହେରା
(ଗ୍ରାମ: କେଶପୁର, ହରିବୋଲ କ୍ଷେତ୍ର, ଭଦ୍ରକ)
ଆବିର୍ଭାବ: ୨୩।୧୦।୧୯୬୨
ତିରୋଧାନ: ୦୮।୧୧।୨୦୨୧
ସର୍ବଭୂତାନାଂ ମୈତ୍ରଃ କରୁଣ ଏବଂ ଚ ।
ନିର୍ମମୋ ନିରହଙ୍କାରଃ ସମଦୁଃଖସୁଖ କ୍ଷମୀ ।
ବାପା! ତୁମର ସେଇ ସାଧୁତା, ଅନୁଶାସନ, ଆଦର୍ଶ ଏବଂ କର୍ତ୍ତବ୍ୟନିଷ୍ଠା ଆମ ସମସ୍ତଙ୍କ ସର୍ବଦା ପାଥେୟ ହେଉ। ଆଜିର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କର ସଦ୍‌ଗତି ନିମନ୍ତେ ସହୃଦୟ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- କନ୍ୟା: ଚେତନା ଚିନ୍ମୟୀ ଓ ମୃଣାଳ ମୃଣ୍ମୟୀ, ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ।
ଧ-୧୭୩୮

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଡ଼ିଶା ଟେବୁଲ ଟେନିସ ଏକାଡେମୀ ଉଦ୍‌ଘାଟିତ

ଭୁବନେଶ୍ୱର, ୭।୧୧
(ବିଜୟ ରଣା)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଓଡ଼ିଶା ଟେବୁଲ ଟେନିସ ଏକାଡେମୀ ଉଦ୍‌ଘାଟନ କରୁଛନ୍ତି।

- ■ ରାଜ୍ୟରେ କାର୍ଯ୍ୟକ୍ଷମ ହେବ ୩୩ଟି ଟେବୁଲ ଟେନିସ ସେଣ୍ଟର
- ■ ୨୯ତମ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ୨୦୨୩ର ଶୁଭାରମ୍ଭ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱରରେ ମଙ୍ଗଳବାର ଓଡ଼ିଶା ଟେବୁଲ ଟେନିସ (ଟିଟି)ଏକାଡେମୀ ଉଦ୍‌ଘାଟିତ ହୋଇଯାଇଛି। ଏହା ସହରରେ କ୍ରୀଡ଼ାର ବିକାଶ ସାଙ୍ଗକୁ ଫିଟ୍‌ନେସର ଆବଶ୍ୟକତାକୁ ପୂରଣ କରିବ। ମୁଖ୍ୟମନ୍ତ୍ରୀ ଏଥିସହିତ ସେ ୨୯ତମ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ୨୦୨୩ର ଶୁଭାରମ୍ଭ ଘୋଷଣା କରିଛନ୍ତି। ଓଡ଼ିଶା ଟେବୁଲ ଟେନିସ ଏକାଡେମୀରେ ପ୍ରଶସ୍ତ ଟେବୁଲ ଟେନିସ ଆରେନା ରହିଛି। ଏଥିରେ ୬ଟି ଟିଟି ଟେବୁଲ ରହିଛି। ପୁନଶ୍ଚ ଏଥିରେ ଏକ ଅତ୍ୟାଧୁନୀକ ଜିମ୍ନାସିୟମ,ଏକ ଭାରୋତ୍ତୋଳକ ପ୍ରକୋଷ୍ଠ ଏବଂ ଚେସ୍ ଖେଳିବା ପାଇଁ ସ୍ଥାନ ରହିଛି। ଫିଟ୍‌ନେସ୍‌କୁ ଗୁରୁତ୍ୱ ଦେବାକୁ ଯାଇ ଯୋଗ ଓ ଜୁମ୍ବାପ୍ରେମୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହି ଏକାଡେମୀ ରାଜ୍ୟରୁ ନୂଆ ପୀଢ଼ିର ଟେବୁଲ ଟେନିସ ଖେଳାଳି ସୃଷ୍ଟି କରିବା ପାଇଁ ଏକ ପ୍ଲାଟଫର୍ମ ଭଳି କାର୍ଯ୍ୟ କରିବ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ଘୋଷଣା କରିଛନ୍ତି ଯେ, ରାଜ୍ୟବ୍ୟାପୀ ରହିଥିବା ଇନ୍‌ଡୋର ହଲ୍‌ଗୁଡ଼ିକରେ ୩୩ଟି ଟେବୁଲ ଟେନିସ ସେଣ୍ଟର ତିଆରି ଚାଲିଛି। ପ୍ରତ୍ୟେକଟିରେ ୩ଟି ଲେଖାଏଁ ଟେବୁଲ ଟେନିସ ଟେବୁଲ ରହିବ। ଏସବୁ ଆସନ୍ତା ଡିସେମ୍ବରରୁ କାର୍ଯ୍ୟ କରିବ। କଟକ ଟିଟି ଏକାଡେମୀ ମଧ୍ୟ ଖୁବ୍ ନିକଟରେ କାର୍ଯ୍ୟକ୍ଷମ ହେବ। ଏଥିରେ ୧୬ଟି ଟେବୁଲ ରହିବ। ଟେବୁଲ ଟେନିସ ଖେଳର ଉନ୍ନତି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ଟେବୁଲ ଟେନିସ ଆସୋସିଏଶନର କାର୍ଯ୍ୟଧାରାକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ରାଜ୍ୟରୁ ଭାରତରୁ ପ୍ରତିନିଧିତ୍ୱ କଲା ଭଳି ଖେଳାଳି ସୃଷ୍ଟି କରିବା ଦିଗରେ ସରକାର ଆବଶ୍ୟକ ସହାୟତା ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ୫-ଟି ଓ ନବୀନ ଓଡ଼ିଶା ଚେୟାରମ୍ୟାନ ଭି.କେ. ପାଣ୍ଡିଆନ୍, ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଭୁବନେଶ୍ୱର କେନ୍ଦ୍ରାଞ୍ଚଳ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡିସି କମ୍ ଏସିଏସ୍ ଅନୁଗର୍ଗ, ଓଷ୍ଟା ସଭାପତି ସଞ୍ଜୟ ସିଂ ଏବଂ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡ଼ା ଭାରତୀୟ ଟେବୁଲ ଟେନିସ ମହାସଂଘ (ଟିଟିଏଫ୍‌ଆଇ)ର କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ। ୨୦୧୯ରେ ଜାତୀୟ ଟିଟି ଚାମ୍ପିୟନଶିପ୍ ଓ ରାଜ୍ୟଗୋଷ୍ଠୀ ଟିଟି ଚାମ୍ପିୟନଶିପ୍ ଆୟୋଜନ କ୍ଷେତ୍ରରେ ସହଯୋଗ ଏବଂ କ୍ରୀଡ଼ାର ବିକାଶକ୍ଷେତ୍ରରେ ରାଜ୍ୟର ଦୃଷ୍ଟିଭଙ୍ଗୀକୁ ନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କର ଉଚ୍ଚ ପ୍ରଶଂସା କରିଥିଲେ।

# ଓଏଫ୍‌ସିର ରୋମାଞ୍ଚକ ବିଜୟ

ଭୁବନେଶ୍ୱର, ୭।୧୧
(ସରୋଜ ଜେନା)



ଓଡ଼ିଶା ଏଫ୍‌ସି ଓ ମଜିୟା ଏସ୍‌ଆରସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଏଏଫ୍‌ସି କପ୍ ଫୁଟବଲ୍‌ରେ ମଜିୟା ଏସ୍‌ଆରସି ବିପକ୍ଷରେ ରୋମାଞ୍ଚକ ବିଜୟ ହାସଲ କରିଛି ଓଡ଼ିଶା ଏଫସି (ଓଏଫ୍‌ସି)। ପ୍ରଥମାର୍ଦ୍ଧରେ ୦-୨ରେ ପଛୁଆ ରହିଥିଲେ ମଧ୍ୟ ଦ୍ୱିତୀୟାର୍ଦ୍ଧରେ ୩ଟି ଗୋଲ ଦେବା ସହ ଚତୁର୍ଥ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ହାସଲ କରିଛି ଓଡ଼ିଶା। ଏହା ସହିତ ଦଳ ୪ ମ୍ୟାଚ୍‌ରୁ ୨ ବିଜୟ ସହ ଗ୍ରୁପ୍ ଡି'ର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

ମଙ୍ଗଳବାର ମଲଡିଭ୍‌ସ ନ୍ୟାଶନାଲ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଘରୋଇ ଦର୍ଶକଙ୍କ ସମର୍ଥନରେ ମଜିୟା ଆଟାକିଂ ଫୁଟବଲ ଖେଳିଥିଲା। ମ୍ୟାଚ୍‌ର ଦ୍ୱିତୀୟ ମିନିଟରେ ନାଇଜ ହସନ ଦଳ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ। ୨୬ ତମ ମିନିଟରେ ଡିଫେଣ୍ଡର ମୋର୍ତାଡା ଫଲଙ୍କ ଫାଉଲ୍ କାରଣରୁ ମଜିୟାକୁ ପେନାଲ୍ଟି କିକ୍ ମିଳିଥିଲା। ଭୋଜିସ୍ଲାଭା ବାଲାବାନୋଭିକ୍ ଏହାକୁ ଗୋଲରେ ପରିଣତ କରି ଦଳକୁ ୨-୦ରେ ଆଗୁଆ କରିଥିଲେ। ୩୮ ତମ ମିନିଟରେ ମୋର୍ତାଡା ଫଲ୍‌ଙ୍କ ହେଡର ପୋଷ୍ଟ ନିକଟ ଦେଇ ଯାଇଥିଲା। ପ୍ରଥମ ହାଫ୍‌ରେ ଓଏଫ୍‌ସି ୦-୨ରେ ପଛୁଆ ରହିଥିବା ବେଳେ ଦ୍ୱିତୀୟ ହାଫ୍‌ରେ ଏହା ଜବରଦସ୍ତ କାଉଣ୍ଟର ଆଟାକ୍ କରିଥିଲା। ୬୫ ତମ ମିନିଟରେ ଦଳକୁ ପ୍ରଥମ ସଫଳତା ମିଳିଥିଲା। ଅହମଦ ଜାହୋହଙ୍କ ଏକ କର୍ନର କିକ୍‌କୁ ହେଡର ଜରିଆରେ ଗୋଲରେ ପରିଣତ କରିଥିଲେ ଫଲ୍। ଏହାର ୭ ମିନିଟ ମଧ୍ୟରେ ଓଏଫ୍‌ସି ପକ୍ଷରୁ ଡିଏଗୋ ମରିସିଓ ଏକ ଗୋଲ ସ୍କୋର କରିବା ସହ ମ୍ୟାଚ୍ ୨-୨ ସ୍ଥିତିକୁ ଆସିଥିଲା। ଫ୍ରି କିକ୍‌ରୁ ଜାହୋହଙ୍କ ପାସ୍‌କୁ ହେଡର ଜରିଆରେ ଗୋଲରେ ପରିଣତ କରିଥିଲେ ମରିସିଓ। ତେବେ ୮୫ ତମ ମିନିଟରେ ରୟ କ୍ରିଷ୍ଣା ନିର୍ଣ୍ଣାୟକ ଗୋଲ ଦେଇଥିଲେ। ଏହି ଗୋଲ୍ ବଳରେ ଚତୁର୍ଥ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ରେକର୍ଡ କରିଥିଲା ଓଏଫ୍‌ସି।

# ନ୍ୟୁଜିଲାଣ୍ଡ ଟେଷ୍ଟ ଦଳରେ ସାଣ୍ଟନର, ରବୀନ୍ଦ୍ର

ଖ୍ରିଷ୍ଟଚର୍ଚ୍ଚ, ୭।୧୧ (ପି.ଟି.)

ଚଳିତମାସ ପରବର୍ତ୍ତୀ ଭାଗରେ ଖେଳାଯିବାକୁଥିବା ବାଂଲାଦେଶ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ଘୋଷଣା କରାଯାଇଛି। ଦଳର ସ୍ପିନ ବିଭାଗକୁ ସୁଦୃଢ଼ କରିବା ଦିଗରେ ଧ୍ୟାନ ଦିଆଯାଇଛି। ଦୁଇ ବର୍ଷରୁ ଅଧିକ ବ୍ୟବଧାନରେ ବାମହାତି ସ୍ପିନର ମିଚେଲ ସାଣ୍ଟନର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୂର୍ବରୁ ସେ ୨୪ ଟେଷ୍ଟ ମ୍ୟାଚ ଖେଳିଛନ୍ତି। ଶେଷ ଥର ପାଇଁ ସାଣ୍ଟନର ୨୦୨୧ ଜୁନ୍‌ରେ ଲର୍ଡ୍ସଠାରେ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ।

**ୟୁଫା ଚାମ୍ପିୟନ୍ସ ଲିଗ୍ ଫୁଟ୍‌ବଲ**

# ପିଏସ୍‌ଜି ସମର୍ଥକ ଓ ପୋଲିସ ଅଫିସରଙ୍କୁ ଛୁରି ମାଡ଼

ମିଲାନ, ୭।୧୧ (ଏପି)

ୟୁଫା ଚାମ୍ପିୟନ୍ସ ଲିଗ୍ ଫୁଟ୍‌ବଲ ମ୍ୟାଚ ପୂର୍ବରୁ ଫ୍ରେଞ୍ଚ ଟିମ୍ ଓ ଏସି ମିଲାନ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ବେଳେ ଛୁରା ମାଡ଼ରେ ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି)ର ଜଣେ ସମର୍ଥକ ଗୁରୁତର ଭାବେ ଆହତ ହୋଇଥିବା ବେଳେ ଜଣେ ପୋଲିସ ଅଫିସର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଇଟାଲିଆନ ମିଡିଆ ଅନୁସାରେ ଦୁଇ ଦଳ ମଧ୍ୟରେ ମ୍ୟାଚ ପୂର୍ବରୁ ମାସ୍କ ଓ ହେଲମେଟ ପରିଧାନ କରି ପ୍ରାୟ ୫୦ଜଣ ମିଲାନ ସମର୍ଥକ ଇଟାଲି ସହରର ନାଭିଗ୍ଲି ଅଞ୍ଚଳରେ ପିଏସ୍‌ଜି ସମର୍ଥକମାନଙ୍କୁ ଲକ୍ଷ୍ୟ କରି ନୂଆଁ ଗୁଳା ଫିଙ୍ଗିଥିଲେ। ଆଘାତପ୍ରାପ୍ତ ପିଏସ୍‌ଜି ସମର୍ଥକଙ୍କ ଗୋଡ଼ରେ ଦୁଇଟି ସ୍ଥାନରେ ଛୁରାମାଡ଼ ହୋଇଛି। ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପିଏସ୍‌ଜି ସମର୍ଥକ ଓ ପୋଲିସ ମଧ୍ୟରେ ମଧ୍ୟ ସଂଘର୍ଷ ଘଟିଥିଲା। ଜଣେ ଅଫିସର ଛୁରାମାଡ଼ରେ ଆଘାତପ୍ରାପ୍ତ ହେବାପରେ ଆକ୍ରମଣକାରୀକୁ ଗିରଫ କରାଯାଇଛି। ସେପ୍ଟେମ୍ବରରେ ଚାମ୍ପିୟନ୍ସ ଲିଗ୍‌ରେ ପ୍ରିମିୟର ଲିଗ୍ ଟିମ୍ ବିପକ୍ଷ ଅନ୍ୟ ଏକ ଘରୋଥ ମ୍ୟାଚ ପୂର୍ବରୁ ସମାନ ଅଞ୍ଚଳରେ ନ୍ୟୁକ୍ୟାସେଲ ୟୁନାଇଟେଡ୍‌ର ଜଣେ ସମର୍ଥକଙ୍କୁ ଛୁରାମାଡ଼ ହୋଇଥିଲା।


## Expression of Interest

**No.PP-52:"Expression of Interest"** in sealed cover is hereby invited from organisations for the following activities of upcoming **18th Toshali National Crafts Mela to be held from 15th to 26th December 2023 at Janata Maidan, Bhubaneswar.**

1. **Operating Play Zone**
2. **Providing Canteen Service**
3. **Participating in the Food Court.**

For details of EOI, TOR etc please visit the website: www.sidacodisha.org.in, www.crafts.odisha.gov.in, www.odisha.gov.in/textiles. For further details please contact the office of SIDAC, Handicrafts Complex, Gandamunda, Khandagiri, Bhubaneswar. Ph: 0674-2350318. The details of EOI will be available in the website w.e.f. 07.11.2023.

**Member Secretary**

State Institute for Development of Arts & Crafts
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030
Tel.No.:91 (0)674 2350318, E-mail:sidacorissa@gmail.com, www.sidacodisha.org.in
SIDAC
OIPR-31036/11/0022/2324

## Government of Odisha
## e-Procurement Notice

No.O-1463: E-Mail: rw_balliguda@yahoo.com
Bid Identification No.Online tender/11/SE RW BALLIGUDA/2023-24
NATIONAL COMPETITIVE BIDDING THROUGH e-Procurement
Name of the Work : Road Works - 1 No.

1. Estimated Cost: Rs.58.90 lakhs (approximately)
2. Period of Completion: 4 (Four) Calendar Months
3. Date & Time of availability of Bid documents in the portal: From 09.11.2023, 10.00 AM to 17.11.2023, 5.00 P.M.
4. Last date/Time for receipt of bids in the portal: 17.11.2023 upto 5.00 PM.
5. Last date/Time for seeking of Tender clarification: 16.11.2023 upto 5.00 PM.
6. Date & Time of opening of Technical Bid: 18.11.2023 at 11.00 A.M.
7. Date & Time of opening of Financial Bid: 21.11.2023 at 11.00 A.M.
8. Name & Address of the Officer Inviting Bid: Superintending Engineer, R.W. Division, Balliguda.

Further details, corrigendum(s) etc. can be seen from the e-Procurement portal "https://www.tendersorissa.gov.in."

**Sd./- Superintending Engineer**
**Rural Works Division, Balliguda**
**OIPR-25164/11/0012/2324**

## GOVERNMENT OF ODISHA
## "e" Procurement Notice

No.O-1456:
**Bid Identification No.: Online-AGL-15 of 2023-2024**

| | | |
|---|---|---|
| 1. Name of the Work | : | Road Work |
| 2. Estimated Cost | : | Rs.5.73 lakhs to 19.41 Lakhs. |
| 3. Period of Completion | : | 02 (Two) & 03 (Three) Calender Months. |
| 4. Date & Time of availability of bid document in the portal | : | From 08.11.2023 to 15.11.2023 upto 5.00 P.M. |
| 5. Last Date/Time for receipt of bids in the Portal | : | 15.11.2023 upto 5.00 P.M. |
| 6. Name & Address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website **www.tendersorissa.gov.in.**

**Sd./- Executive Engineer**
**R.W.Division, Angul**
**OIPR-25096/11/0014/2324**

## DIRECTORATE OF MEDICAL EDUCATION & TRAINING, ODISHA
### NOTICE FOR RENEWAL OF NOC/CHANGE OF NAME/CHANGE OF ADDRESS/ENHANCEMENT OF SEATS FOR THE ACADEMIC SESSION: 2024-25

**Notice No. 5553** **Dt.04.11.2023**

No. E-530: Online applications are invited from Institutions who desire to apply for Renewal of NOC, Change of Name, Change of Address, Enhancement of seats for the academic session 2024-25 for different courses like Nursing, Pharmacy, Occupational Therapy & Physiotherapy, DMLT & DMRT and Allied Medical Science may apply in the website of DMET (O) i.e. **dmetodisha.gov.in**.
Last date of receipt of application is 30.11.2023
No manual application will be entertained.
No application will be entertained after last date.

**OIPR-10016/11/0012/2324** **Sd./- DMET, Odisha**

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER
## UPPER KOLAB HEAD WORKS DIVISION
## AT/PO-KOLABNAGAR, DIST: KORAPUT

No. A-774
**e-Procurement Notice- SE-UKHWD-08/2023-24**
**Dated 03.11.2023 (ONLINE)**

| | | |
|---|---|---|
| 1. No. of Work | : | 01 (One) No. |
| 2. Type of Work | : | Deployment of Security Personnel. |
| 3. Approximate Value of Work | : | **Rs.28.93 Lakh** |
| 4. Class of Contractor | : | Registered & licensed security agencies |
| 5. Period of completion | : | 01 (One) Calendar year |
| 6. Date & time of availability of bid documents online | : | **08.11.2023 at 11.00 Hours to 20.11.2023 up to 17.00 Hours** |
| 7. Date & Place of opening of Bid online at office of the Superintending Engineer, UKHWD, Kolab Nagar | : | **21.11.2023** (11.00 Hours) |
| 8. Name of the officer inviting Bids. | : | Superintending Engineer, UKHWD, Kolab Nagar |

**Further details can be seen in the Govt. of Odisha e-Procurement Website http://www.tendersodisha.gov.in**

**Sd./- Superintending Engineer,**
**Upper Kolab Head Works Division, Kolabnagar**
OIPR-32015/11/0009/2324

## OFFICE OF SUPERINTENDING ENGINEER
## MINOR IRRIGATION DIVISION, CUTTACK

**Letter No.2464/Dt.02.11.2023**
**GOVERNMENT OF ODISHA e-Procurement Notice**
**Bid Identification No.Online SECMID-05/2023-24**
**No.A-779:** **eemidcuttack@yahoo.co.in**

| | | |
|---|---|---|
| 1. Name of Work | : | Repair of MIPs in M.I-Sub-Division Banki, Baramba & Cuttack & Renovation of Division Office Building |
| 2. Total Number of work | : | 4 (Four) Nos. |
| 3. Estimated Cost | : | Varies from Rs.12.67 to 28.00 lakhs. |
| 4. Tender Paper Cost (Online) | : | Varies from Rs.6,000/- |
| 5. Bid Security (Online) | : | As per DTCN |
| 6. Period of Completion | : | As per DTCN |
| 7. Availability of Bid document | : | From 10.11.2023, 10.00 A.M. to 22.11.2023, 5.00 PM in website (www.tendersorissa.gov.in) |
| 8. Last date & time of receipt of | : | 22.11.2023 at 5.00 PM through online bid through online. |
| 9. Date of Opening of Bid Documents | : | 23.11.2023 at 11.00 A.M. in the office of the SE, M.I. Division, Cuttack |
| 10.Date of Lottrey, if required | : | 02.12.2023 at 11.00 AM in the Office of the SE, M.I. Division Cuttack |
| 11.Name and address of the OIT | : | Superintending Engineer, M.I. Division, Cuttack P.O.- Nayabazar, Cuttack Phone: 0671-2443622 PINCODE: 753004 |

Further details can be seen from the Government of Odisha weblite www.tendersorissa.gov.in.

**OIPR-32121/11/0006/2324** **Sd./- Superintending Engineer,**
**M.I. Division, Cuttack**

## ବିଜ୍ଞପ୍ତି

No.g-104:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଏହି ଶିଶୁ କନ୍ୟା **ଶ୍ରଦ୍ଧା ନାୟକ**କୁ ବୟସ ପ୍ରାୟ ୩ ବର୍ଷ, ଗତ ତା୦୫।୦୩।୨୦୨୩ରିଖରେ ଜନୈକ ଭଦ୍ର ମହିଳା ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ



ସଂସ୍ଥାରେ ଛାଡ଼ିଥିଲେ । ଉକ୍ତ ଶିଶୁ କନ୍ୟା **ଶ୍ରଦ୍ଧା ନାୟକ**ଙ୍କ ମାଆ ବୀଣାପାଣି ନାୟକ ଗତ କିଛିଦିନ ତଳେ କାହାକୁ କିଛି ନ ଜଣାଇ, ଶିଶୁ କନ୍ୟାଟିକୁ ତାଙ୍କ ପାଖରେ ଛାଡ଼ି କୁଆଡ଼େ ପଳାଇ ଯାଇଥିଲେ ଓ ଅନ୍ୟତ୍ର ବିବାହ କରିଛନ୍ତି ବୋଲି ଉକ୍ତ ଭଦ୍ର ମହିଳା ଜଣାଇଛନ୍ତି । ତାଙ୍କର କୌଣସି ପତ୍ତା ମିଳୁନାହିଁ । ବର୍ତ୍ତମାନ ଜିଲ୍ଲା ଶିଶୁ ମଙ୍ଗଳ କମିଟି, କଟକଙ୍କ ନିର୍ଦ୍ଦେଶନାମା ନଂ.-୫୪/୨୦୨୩ ଅନୁଯାୟୀ ଶ୍ରଦ୍ଧା ନାୟକଙ୍କୁ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥାରେ (ସା) ରଖାଯାଇଅଛି । ତେଣୁ ଉକ୍ତ ଶିଶୁ କନ୍ୟାଟିର ମାତା, ପିତା କିମ୍ବା ଯଦି କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ସମୟ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ କ୍ୟାମ୍ପସ, କଟକ-୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ.- ୫୪, କଲେକ୍ଟୋରିଏଟ ବିଲ୍ଡିଂ, କଟକ, ଫୋନ ନଂ.- ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ-୭୫୩୦୧୪କୁ ଯୋଗାଯୋଗ କରନ୍ତୁ । ଏହି ସମୟ ଅତିକ୍ରାନ୍ତ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ- ୨୦୧୫ (ସଂଶୋଧିତ ୨୦୨୧) ଅନୁଯାୟୀ ଥଇଥାନ କରାଯିବ ।

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ**
OIPR-33038/11/0013/2324 **କଟକ**

## ବିଜ୍ଞପ୍ତି

No.g-106:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଏହି ଶିଶୁ କନ୍ୟାର ନାମ **ବୁଧେଇ (ବାଘ)** । ଶ୍ରୀମତୀ ଲକ୍ଷ୍ମୀ ରାଓ ନାମ୍ନୀ ଜନୈକ ଭଦ୍ର ମହିଳାଙ୍କ ଦ୍ୱାରା ଆସି ଏହି ଶିଶୁକନ୍ୟାଟି ଜିଲ୍ଲା ଶିଶୁ ମଙ୍ଗଳ କମିଟି, କଟକଙ୍କ



ନିର୍ଦ୍ଦେଶନାମା ନଂ.-୧୫୦୨/୨୦୧୪ ଅନୁଯାୟୀ ବସୁନ୍ଧରାର ଶିଶୁ ଗୃହରେ ରହୁଛି । ଲିଖିତ ସୂଚନା ମୁତାବକ ଛାଡ଼ିଥିବା ମହିଳାଙ୍କ ଠିକଣାରେ ଖୋଜା ଖୋଜି କରି ମଧ୍ୟ ତାଙ୍କର କୌଣସି ପତ୍ତା ବା ଠିକଣା ମିଳୁନାହିଁ କି ଆଜି ପର୍ଯ୍ୟନ୍ତ ସେ ମହିଳା କିମ୍ବା କୌଣସି ବ୍ୟକ୍ତିବିଶେଷ ଏହି ଶିଶୁ କନ୍ୟାଟିକୁ ଦେଖା ସାକ୍ଷାତ କରିବାକୁ ଆସିନାହାନ୍ତି । ତେଣୁ ଉକ୍ତ ଶିଶୁ କନ୍ୟାଟିର ମାତା, ପିତା କିମ୍ବା ଯଦି କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ କ୍ୟାମ୍ପସ, କଟକ-୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ.- ୫୪, କଲେକ୍ଟୋରିଏଟ ବିଲ୍ଡିଂ, କଟକ, ଫୋନ ନଂ.- ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ-୭୫୩୦୧୪କୁ ଯୋଗାଯୋଗ କରିବାକୁ ଅନୁରୋଧ । ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ- ୨୦୧୫ (ସଂଶୋଧିତ ୨୦୨୧) ଅନୁଯାୟୀ ଥଇଥାନ କରାଯିବ ।

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ**
OIPR-33038/11/0015/2324 **କଟକ**

## OFFICE OF THE CHIEF ENGINEER
## NATIONAL HIGHWAYS, ODISHA

**Unit - 5, Keshari Nagar, Nirman Soudha,**
**Old Building (Part - 1), Bhubaneswar - 751001**
**No. E-Misc-06/2015-10568** **Dt.: 04.11.2023**

### ADVERTISEMENT

No. b-45: Applications are invited from interested retired Junior Assistant and above HOD/Ministerial Cadre Officer of Govt. of Odisha, who are eligible as per conditions mentioned below for engagement of 02 (Two) Nos. of Officer on Special Duty (OSD) temporarily on contractual basis against the vacant post of Junior Assistant in the Office of the Chief Engineer, NHs, Odisha, Bhubaneswar in pursuance of guidelines enshrined in GA Department Resolution No. 23750/Gen. Dt.27.08.2014 and their consolidated remuneration on engagement of retired Govt. servant issued vide Finance Department Office Memorandum No. 24533/F Dt.29.09.2022.

**ELIGIBILITY CONDITIONS:**

1. The retired officers who have retired from Govt. Service on attaining the age of superannuation and below the age of sixty-five years having good service records and are physically fit may be eligible to be considered for re-engagement.
2. The retired employees against whom departmental proceedings or criminal cases are contemplated/pending or who have been penalized for misconduct during the period of five years preceding the retirement shall not be eligible for consideration.
3. The re-employment shall be made initially for a period of 02 (two) years and can be extended for subsequent period of 02 (Two) years with spells of 01 (one) year each subject to satisfactory performance upto a total period of 04 (four) years not beyond the age of 65 (sixty five) years of age in any case or till the posts are filled up by regular process whichever is earlier.
4. The competent authority reserves the right to terminate the engagement at any time due to unsatisfactory performance by giving one month written notice. On the contrary, if any re-engaged employee desires to resign, he/she shall do so by giving one month's written notice to the competent authority.
5. The period of engagement shall not be counted as Government Service for the purpose of pension and any other retirement benefits and the engaged employees will be subject to and will abide by the provisions of Odisha Government Servants' Conduct Rules, 1957 and shall be liable to be proceeded against for their misconduct, omissions and commissions as per the provision under the Odisha Pension Rules, 1992.
6. The willing retired Junior Assistant and above fulfilling all the criteria may apply in the enclosed format along with copies of requied documents to the undersigned and application should reach the undersigned by Dtd.18.11.2023 at 5.00 P.M. by Registered Post/Speed Post.

The Competent Authority reserves the right to reject any or all applications without assigning any reason thereof.

**Sd./- Chief Engineer, NHs, Odisha**

### APPLICATION FORM FOR RE-ENGAGEMENT OF RETIRED HOD/MINISTERIAL CADRE EMPLOYEE AS OSD

| | | | |
|---|---|---|---|
| 1 | Name | : | |
| 2 | Father's/Husband's Name | : | |
| 3 | Date of Birth | : | |
| 4 | Date of retirement (copy of reitrement order & copy of PPO order by AG (O) may be enclosed) | : | |
| 5 | Whether retired on attaining the age of superannuation or retired voluntarily. | : | |
| 6 | Educational Qualification | : | |
| 7 | Home District | : | |
| 8 | Permanent Address | : | |
| 9 | Present Address | : | |
| 10 | Telephone/Mobile No./e-mail Id | : | |
| 11 | Last post held/last pay drawn | : | |
| 12 | Pay level as per ORSP Rules, 2017 at the time of retirement | : | |
| 13 | Date of entry in to Govt. Service | : | |
| 14 | Posts held during the service period along with place of posting and tenure (Please attach tabular form in a separate sheet) | : | |
| 15 | Whether re-employed by any other Department/Organization? If "Yes", give details of re-employment. | : | |
| 16 | Whether any Criminal Case/Vigilance Inquiry/Departmental Proceedings was/were initiated or pending or contemplated against the applicant? If, "Yes", give details | : | |
| 17 | Any other relevant information | : | |

**DECLARATION**

I, ......................................................, S/o.|D/o. ............................................ ......., do hereby solemnly declare that the information furnished above are true and correct to the best of my knowledge and belief. If, at any time, the information is found to be incorrect, I will liable to be disengaged from re-employment without assigning any reason thereof.

**Place:**
**Date:** **(Signature of the applicant)**
**OIPR-34166/11/0003/2324**

# ମିନୁ ମହାନ୍ତଙ୍କୁ 'ୱିଙ୍ଗସ ଅଫ୍ ଷ୍ଟିଲ୍' ଆୱାର୍ଡ

## ଜେଏସ୍ଏଲ୍‌ର ପ୍ରଥମ ମହିଳା ଓଭରହେଡ୍ କ୍ରେନ୍ ପରିଚାଳିକା

ଭୁବନେଶ୍ୱର,୭।୧୧(ଅଭୟ ଦାଶ)




ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍)ର ପ୍ରଥମ ମହିଳା ଓଭରହେଡ୍ କ୍ରେନ୍ ପରିଚାଳିକା ମିନୁ ମହାନ୍ତଙ୍କୁ ନିକଟରେ ଇଣ୍ଡିଆନ ଷ୍ଟିଲ୍ ଆସୋସିଏସନ (ଆଇଏସ୍ଏ) ପକ୍ଷରୁ 'ୱିଙ୍ଗସ୍ ଅଫ୍ ଷ୍ଟିଲ୍' ଆୱାର୍ଡ ପ୍ରଦାନ କରାଯାଇଛି। ବିଶେଷକରି 'ଲିଙ୍ଗ ଏବଂ ବିବିଧତା' ବର୍ଗରେ ସେ ଉପରୋକ୍ତ ଆୱାର୍ଡ (ପୁରସ୍କାର) ପାଇଛନ୍ତି। ଏପରିକି ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଆଗକୁ ଆସୁଥିବା ଯାଜପୁରର ୪୩ ବର୍ଷୀୟ ମିନୁଙ୍କ ଅଧ୍ୟବସାୟ ଓ ଦୃଢ଼ ସଂକଳ୍ପକୁ ଆଇଏସ୍ଏ ଢେର ପ୍ରଶଂସା କରିଛି। ସେହିଭଳି ନୂଆଦିଲ୍ଲୀଠାରେ ଆୟୋଜିତ ଆଇଏସ୍ଏ ଷ୍ଟିଲ କନ୍‌କ୍ଲେଭର ୪ର୍ଥ ସଂସ୍କରଣରେ କଠିନ ପରିସ୍ଥିତିକୁ ସାମ୍ନା କରି ହାର ମାନି ନଥିବା ମିନୁଙ୍କୁ ଜ୍ୟୁରି ସ୍ପେଶାଲ ଆୱାର୍ଡ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଜିନ୍ଦଲ ଷ୍ଟେନ୍‌ଲେସ୍‌ରେ ଯୋଗଦେବା ପୂର୍ବରୁ ମିନୁ ପଥର ଭାଙ୍ଗି ଗୁଡ଼ି ତିଆରି କରିବା କାମ କରୁଥିଲେ। ୨୦୧୧ରେ ସେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଷ୍ଟିଲ୍ ମେଲ୍ଟିଂ ଶପ୍‌ର ହାଉସ କିପିଂ ଦଳରେ ଯୋଗଦେଲେ। ଏପରିକି ମେଶିନ ପରିଚାଳନା କରିବା କାମ ଶିଖିବା ପାଇଁ ତାଙ୍କର ପ୍ରବଳ ଇଚ୍ଛା ଶକ୍ତି ଥିଲା। ଫଳରେ ସେ ଖୁବ୍‌ଶୀଘ୍ର ଇଞ୍ଜିନ ଚାଳିତ କ୍ଲିନିଂ ଯାନ ଚଳାଇବା ଶିଖିପାରିଲେ।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ମିନୁଙ୍କ ସାହସ ଓ ପରିଶ୍ରମକୁ ଆଇଏସ୍ଏ ପକ୍ଷରୁ ମାନ୍ୟତା ମିଳିଥିବାରୁ ମୁଁ ଗର୍ବ ଅନୁଭବ କରୁଛି। ଏହା ହେଉଛି କାମ ପ୍ରତି ତାଙ୍କର ଅଦମ୍ୟ ନିଷ୍ଠା ଓ ପ୍ରତିବଦ୍ଧତାର କାହାଣୀ। ଜିନ୍ଦଲ ଷ୍ଟେନ୍‌ଲେସ୍‌ରେ ଆମେ ସବୁବେଳେ ମହିଳାମାନଙ୍କୁ ଆହ୍ୱାନମୂଳକ କାମ କରି ଅନ୍ୟମାନଙ୍କ ପ୍ରେରଣା ସାଜିବା ପାଇଁ ପ୍ରୋତ୍ସାହନ କରିଆସୁଛୁ। ମିନୁ କାରଖାନା (ପ୍ଲାଣ୍ଟ)ରେ କାର୍ଯ୍ୟରତ ମହିଳାମାନଙ୍କୁ ତାଲିମ ଦେବା ସହ ପୁରୁଷ ପ୍ରଧାନ କାମଗୁଡ଼ିକ କରିବା ପାଇଁ ଉତ୍ସାହିତ କରନ୍ତି। ଆଇଏସ୍ଏ ଏଭଳି ଏକ ପ୍ଲାଟ୍‌ଫର୍ମ ରୂପେ ଉଭା ହୋଇଛି,ଯାହା ଭାରତୀୟ ଆଇରନ ଓ ଷ୍ଟିଲ୍ ଶିଳ୍ପରେ ଥିବା ବିଭିନ୍ନ ସମସ୍ୟା, ଆହ୍ୱାନଗୁଡ଼ିକୁ ସରକାର ତଥା ଭାରତ ଓ ଦେଶ ବାହାରର ଅନ୍ୟ ଅଂଶୀଦାରମାନଙ୍କ ସହ ଆଲୋଚନା କରିଥାଏ। ମିନୁ କହିଛନ୍ତି, ଏହା ମୋ ପାଇଁ ଏକ ବଡ ଦିନ, ମୋ ମତରେ ସାହସୀ ହେବା ଛଡ଼ା ମହିଳାଙ୍କ ପାଇଁ ଅନ୍ୟ କୌଣସି ବିକଳ୍ପ ନାହିଁ। ଜିନ୍ଦଲ ଷ୍ଟେନ୍‌ଲେସ୍‌ରେ ମୋତେ ସୁଯୋଗ ମିଳିଥିବାରୁ ମୁଁ କୃତଜ୍ଞ ଏବଂ ଏକ ସାହସୀ ଓ ନିର୍ଭୀକ ମହିଳା ଦଳ ଗଠନ କରିବା ପାଇଁ ମୁଁ ପ୍ରତିବଦ୍ଧ ରହିଛି।

# ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର,୭।୧୧

ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ କ୍ରମାଗତ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୬ (୧୬.୨୯) ପଏଣ୍ଟ ଖସି (କମି) ୬୪,୯୪୨ (୬୪,୯୪୨.୪୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୫ (୫.୦୫) ପଏଣ୍ଟ ହ୍ରାସ ଘଟି ୧୯,୪୦୭ (୧୯,୪୦୬.୭୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଥିଲା।

# ୟୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ

ଭୁବନେଶ୍ୱର,୭।୧୧


ଚିନ୍ମୟ କୁମାର ସାହୁ

ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ନୂତନ ଆଞ୍ଚଳିକ ମୁଖ୍ୟ ଭାବେ ଉପ-ମହାପ୍ରବନ୍ଧକ ଚିନ୍ମୟ କୁମାର ସାହୁ ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ୟୁକୋ ବ୍ୟାଙ୍କ, ଲକ୍ଷ୍ନୌ ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ। ଉଲ୍ଲେଖଯୋଗ୍ୟ, ୨୦୦୬ରେ ସାହୁ ୟୁକୋ ବ୍ୟାଙ୍କରେ ଯୋଗ ଦେଇଥିଲାବେଳେ ଓଡ଼ିଶା, ପଶ୍ଚିମବଙ୍ଗ, ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ, ମହାରାଷ୍ଟ୍ର ଓ ଉତ୍ତର ପ୍ରଦେଶ ଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ ରହି ସଫଳତାର ସହ କାର୍ଯ୍ୟ କରିଛନ୍ତି। ବିଶେଷକରି ସାହୁ ଶାଖାସ୍ତରରେ ୧୩ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିଥିବା ବେଳେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ଓ ଆଞ୍ଚଳିକ କାର୍ଯ୍ୟାଳୟରେ ମଧ୍ୟ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି। ଏପରିକି ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଗୃହ, କୃଷି, ରିଟେଲ, ଏମ୍ଏସ୍ଏମ୍ଇ ଋଣ ସହ କାସା କ୍ଷେତ୍ରକୁ ମଧ୍ୟ ଅଧିକ ଗୁରୁତ୍ୱ ଦେବେ ବୋଲି ସାହୁ ମତପ୍ରକାଶ କରିଛନ୍ତି।

# ରିଲାଏନ୍ସ ଫାଉଣ୍ଡେଶନର ସ୍ନାତକୋତ୍ତର ଶିକ୍ଷାବୃତ୍ତି

ଭୁବନେଶ୍ୱର,୭।୧୧

ରିଲାଏନ୍ସ ଫାଉଣ୍ଡେଶନର ସମ୍ମାନଜନକ ସ୍ନାତକୋର ଶିକ୍ଷାବୃତ୍ତି-୨୦୨୩ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ୯ଟି କ୍ଷେତ୍ରରେ ଆବେଦନ ଆହ୍ୱାନ କରାଯାଉଛି। ଉକ୍ତ ଆବେଦନ ୨୦୨୩ ଡିସେମ୍ବର ୧୭ ପର୍ଯ୍ୟନ୍ତ ଖୋଲା ରହିଛି।

ଏ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେଶନର ସିଇଓ ଜଗନ୍ନାଥ କୁମାର କହିଛନ୍ତି, ୪ର୍ଥ ଶିଳ୍ପ ବିପ୍ଲବ ଯୁଗରେ ଭାରତର ଯୁବପିଢ଼ି ଦେଶର ପ୍ରଗତିକୁ ନୂଆ ରୂପ ଦେବାକୁ ପ୍ରସ୍ତୁତ ଅଛନ୍ତି। ବିଶେଷକରି ରିଲାଏନ୍ସ ଫାଉଣ୍ଡେଶନର ସ୍ନାତକୋତ୍ତର ଶିକ୍ଷାବୃତ୍ତି ଦେଶର ସବୁଠାରୁ ପ୍ରତିଭାଶାଳୀ ଯୁବ ପ୍ରତିଭାମାନଙ୍କୁ ଚିହ୍ନଟ ଏବଂ ସଶକ୍ତ କରିବ, ଯେଉଁମାନେ ସମାଜର ହିତ ପାଇଁ ବୃହତ୍ତର,ସବୁଜ ଓ ଡିଜିଟାଲ ଭାବନା ବିକାଶ କରିପାରିବେ। ଏପରିକି ଭାରତର ବିକାଶକୁ ଶକ୍ତି ଦେବା ପାଇଁ ପ୍ରତିବର୍ଷ ଉତ୍କୃଷ୍ଟ ଲୋକମାନଙ୍କ ଏକ ଗୋଷ୍ଠୀ ସୃଷ୍ଟି କରିବା ଆମର ଲକ୍ଷ୍ୟ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ୨୦୨୦ରୁ ଏ ପର୍ଯ୍ୟନ୍ତ ରିଲାଏନ୍ସ ଫାଉଣ୍ଡେଶନ ୧୭୮ ଛାତ୍ରୀଛାତ୍ରଙ୍କୁ ସ୍ନାତକୋତ୍ତର ପାଠପଢ଼ାରେ ଉତ୍କର୍ଷ ପାଇଁ ମେଧାଭିତ୍ତିକ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଛି। ରିଲାଏନ୍ସ ଫାଉଣ୍ଡେଶନରୁ ଶିକ୍ଷାବୃତ୍ତି ପାଇଥିବା ଉପରୋକ୍ତ ଛାତ୍ରୀଛାତ୍ରମାନେ ବର୍ତ୍ତମାନ ଉନ୍ନତ ଭବିଷ୍ୟତ ଆଡ଼କୁ ଅଗ୍ରସର ହୋଇଛନ୍ତି। ଏହି ଛାତ୍ରୀଛାତ୍ରମାନଙ୍କ ପାଇଁ ଶିକ୍ଷାବୃତ୍ତି ଏକ ପ୍ଲାଟ୍‌ଫର୍ମ ସାବ୍ୟସ୍ତ ହୋଇଛି, ଯେଉଁଠାରେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ବୃଦ୍ଧି କରାଯିବା ସହ ସେମାନଙ୍କୁ ଶିଳ୍ପର ଅଗ୍ରଣୀ ପରାମର୍ଶଦାତାଙ୍କ ନିକଟରେ ପହଞ୍ଚାଇବା ତଥା ଦକ୍ଷତା ହାସଲ କରିବାରେ ଏହା ସହାୟତା ପ୍ରଦାନ ସହ ସଫଳତାର ମାର୍ଗରେ ଦୃଢ଼ ଭାବେ ପାଦ ଥାପିବାରେ ସାହାଯ୍ୟ କରାଯାଇଥିଲା।

# ଅରୁନ୍ଧତୀର ସର୍ବଶ୍ରେଷ୍ଠ ଧନ୍‌ତେରସ୍ ଅଫର

ଭୁବନେଶ୍ୱର,୭।୧୧




ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସର୍ବଶ୍ରେଷ୍ଠ ଧନ୍‌ତେରସ୍ ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଆଲୋକ ଓ ଅମୃତର ପର୍ବ ଦୀପାବଳି ଓ ଧନ୍‌ତେରସ୍ ପାଇଁ ନୂତନ ଓ ପ୍ରିମିୟମ କଲେକ୍ସନ୍ 'ଅର୍କ ଓ ଅମେୟା' ଭଳି ସିଗ୍ନେଚର ଡିଜାଇନ ସହ ୧୦୦୦ରୁ ଊର୍ଦ୍ଧ୍ୱ ୟୁନିକ ଡିଜାଇନର ଗହଣା ପ୍ରସ୍ତୁତ କରାଯାଇଛି। ସେହିଭଳି ଏହି ସର୍ବଶ୍ରେଷ୍ଠ ଧନ୍‌ତେରସ୍ ଅଫରରେ ସମସ୍ତ ରେଗୁଲାର ସୁନାଗହଣାର ଗଢ଼ା ମଜୁରି ଫ୍ଲାଟ୍ ୫୯୯ ଟଙ୍କା ହୋଇଥିବାବେଳେ ପ୍ରତି ୧୦ଗ୍ରାମ ସୁନାଗହଣା କ୍ରୟ ଉପରେ ଗୋଟିଏ ସ୍ୱର୍ଣ୍ଣମୁଦ୍ରା ସମ୍ପୂର୍ଣ୍ଣ ମାଗଣା ରଖାଯାଇଛି। ଏପରିକି ଅଗ୍ରିମ ବୁକିଂ କରୁଥିବା ଗ୍ରାହକଙ୍କ ପାଇଁ ଗହଣା ଉପରେ ସର୍ବନିମ୍ନ ଦର ଲାଗୁ ହେବ। ବିଶେଷକରି ଫ୍ଲେକ୍ସିବୁଲ ସୁନା ଦର ଓ ପୁରୁଣା ଗହଣା ଏକ୍ସଚେଞ୍ଜ ଉପରେ ମିଳିବ ୧୦୦% ଏକ୍ସଚେଞ୍ଜ ଭାଲ୍ୟୁ ଏବଂ ହୀରା ଗହଣାର ମୂଲ୍ୟ ଉପରେ ଫ୍ଲାଟ୍ ୨୦% ରିହାତି (ଅଫ୍) ଓ ରୁପା ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୩୫% ରିହାତି (ଅଫ୍) ଗ୍ରାହକମାନେ ପାଇପାରିବେ।

ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଅରୁନ୍ଧତୀ ଓଡ଼ିଶାର ସର୍ବଶ୍ରେଷ୍ଠ ବଜାର ମୂଲ୍ୟ (ଗୋଲଡ୍ ରେଟ୍+ମେକିଂ ଚାର୍ଜ)ର ଗହଣା ସବୁ ବର୍ଗର ଗ୍ରାହକଙ୍କୁ ଯୋଗାଇ ଆସୁଥିବାବେଳେ ଓଡ଼ିଶାର ସର୍ବଶ୍ରେଷ୍ଠ କାରୁକାର୍ଯ୍ୟଭରା ବିସ୍ତୃତ କଲେକ୍ସନ୍,ସର୍ବଶ୍ରେଷ୍ଠ-୫ ଷ୍ଟାର ପ୍ରମିଜ୍ ସେବା ସହ ସର୍ବଶ୍ରେଷ୍ଠ ଧନ୍‌ତେରସ୍ ଅଫର ମଧ୍ୟ ଆଣିଛି। ଏହି ଆକର୍ଷଣୀୟ ଅଫରରେ ସାମିଲହେବା ପାଇଁ ସେ ସମସ୍ତଙ୍କୁ ସାଦର ନିମନ୍ତ୍ରଣ କରିଛନ୍ତି।

# ବିଓଏମ୍‌ର ତ୍ରୈମାସିକ ଫଳାଫଳ




ଭୁବନେଶ୍ୱର,୭।୧୧

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଶେଷ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର କାରବାର ଓ ଆଗାମୀ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ କାରବାର ସମ୍ପର୍କିତ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ବିଶେଷକରି ଋଣ ଓ ଜମା ଅଭିବୃଦ୍ଧି କ୍ଷେତ୍ରରେ ବିଓଏମ୍ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ୟାଙ୍କ ରୂପେ ପରିଗଣିତ ହୋଇଛି। ଅପରପକ୍ଷରେ ପୁଣେସ୍ଥିତ ବିଓଏମ୍‌ର ମୁଖ୍ୟାଳୟର ସୂଚନା ଅନୁସାରେ ବ୍ୟାଙ୍କ ଜମା ଓ ଅଗ୍ରିମ କ୍ଷେତ୍ରରେ ୨୦% ଅଭିବୃଦ୍ଧି ହାର ହାସଲକରି ୨ୟ ତ୍ରୈମାସରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମଧ୍ୟରେ ସବୁଠାରୁ ଶୀର୍ଷ ସ୍ଥାନ ହାସଲ କରିପାରିଛି। ଏପରିକି ପ୍ରକାଶ ପାଇଥିବା ସୂଚନା ଅନୁଯାୟୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ତାଲିକାରେ ଚଳିତ ବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ଘରୋଇ ଗ୍ରସ୍ ଅଗ୍ରିମ କ୍ଷେତ୍ରରେ ବ୍ୟାଙ୍କ ୨୩.୫୫% ଅଭିବୃଦ୍ଧି ହାରରେ ୧,୮୩,୧୨୨ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ଜମା ଅଭିବୃଦ୍ଧି କ୍ଷେତ୍ରରେ ବ୍ୟାଙ୍କର ୨୨.୧୮% ଅଭିବୃଦ୍ଧି ଘଟିଥିଲାବେଳେ ୨୦୨୩ ସେପ୍ଟେମ୍ବର ଶେଷ ସୁଦ୍ଧା ବ୍ୟାଙ୍କ ୨,୩୯,୨୯୮ କୋଟି ଟଙ୍କା ସଂଗ୍ରହ କରିପାରିଛି। ଏପରିକି ସ୍ୱଳ୍ପ ମୂଲ୍ୟରେ ଚଳନ୍ତି ଖାତା ଏବଂ ସଞ୍ଚୟ ଖାତା (କାସା) ଜମା କ୍ଷେତ୍ରରେ ୫୦.୭୧% ହାରରେ ବ୍ୟାଙ୍କ ଶୀର୍ଷ ସ୍ଥାନ ବଜାୟ ରଖିଛି। ସେହିପରି ବ୍ୟାଙ୍କର ମୋଟ୍ ବ୍ୟବସାୟିକ ଅଭିବୃଦ୍ଧି ୨୨.୭୭% ବୃଦ୍ଧି ପାଇ ସର୍ବାଧିକ ୪,୨୨,୪୨୦ କୋଟି ଟଙ୍କାରେ ପହଞ୍ଚିଛି।

## ଫୁର୍‌ସତ୍

# ସ୍ୱାସ୍ଥ୍ୟ ଚିକିତ୍ସାରେ ରେଡିଓଲୋଜି



**ଅ**ନ୍ତର୍ଜାତୀୟ ରେଡିଓଲୋଜି ଦିବସ ହେଉଛି ଏକ ବାର୍ଷିକ କାର୍ଯ୍ୟକ୍ରମ, ଯାହା ଆଧୁନିକ ସ୍ୱାସ୍ଥ୍ୟସେବାରେ ମେଡିକାଲ ଇମେଜିଙ୍ଗର ଭୂମିକାକୁ ପ୍ରୋତ୍ସାହିତ କରିଥାଏ। ଏହି ଦିବସ ପ୍ରତିବର୍ଷ ନଭେମ୍ବର ୮ରେ ପାଳନ କରାଯାଇଥାଏ ଏବଂ ଏକ୍ସ-ରେ ଆବିଷ୍କାର ବାର୍ଷିକୀ ସହିତ ପାଳନ କରାଯାଇଥାଏ। ୟୁରୋପୀୟ ସୋସାଇଟି ଅଫ ରେଡିଓଲୋଜି, ଉତ୍ତର ଆମେରିକା ରେଡିଓଲୋଜିକାଲ ସୋସାଇଟି ଏବଂ ଆମେରିକୀୟ ରେଡିଓଲୋଜି କଲେଜର ମିଳିତ ପଦକ୍ଷେପ ଭାବରେ ଏହା ପ୍ରଥମେ ୨୦୧୨ରେ ପାଳନ କରାଯାଇଥିଲା। ଅନ୍ତର୍ଜାତୀୟ ରେଡିଓଲୋଜି ଦିବସକୁ ବିଶ୍ୱର ପ୍ରାୟ ୨୦୦ ସଂସ୍ଥା ଦ୍ୱାରା ସ୍ୱୀକୃତି ଦିଆଯାଇ ପାଳନ କରାଯାଉଛି। ଭାରତର ମଧ୍ୟପ୍ରଦେଶର ରେଡିଓଗ୍ରାଫର୍ସ ଆସୋସିଏଶନ ଏହି ଦିବସକୁ ୧୯୯୬ ମସିହାରୁ ପାଳନ କରିଆସୁଛି।

ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ ୟୁରୋପୀୟ ରେଡିଓଲୋଜି

### ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ

ଦ୍ୱାରା ୨୦୧୧ରେ ଆରମ୍ଭ କରାଯାଇଥିଲା। ୱିଲହେମ କୋନରାଡ ରୋଣ୍ଟଜେନଙ୍କ ମୃତ୍ୟୁ ବାର୍ଷିକୀକୁ ସ୍ମରଣୀୟ କରିବା ପାଇଁ ୧୦ ଫେବୃୟାରୀ ୨୦୧୧ରେ ପ୍ରଥମ ୟୁରୋପୀୟ ରେଡିଓଲୋଜି ଦିବସ ଅନୁଷ୍ଠିତ ହୋଇଥିଲା। ୟୁରୋପୀୟ ସୋସାଇଟି ଅଫ ରେଡିଓଲୋଜି ଦିବସର ସଫଳତା ପରେ ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ ପାଳନ ପାଇଁ ପ୍ରୟାସ ଆରମ୍ଭ ହୋଇଥିଲା। ଏହା ମଧ୍ୟ ସ୍ଥିର ହୋଇଥିଲା ଦିବସର ତାରିଖ ରୋଣ୍ଟଜେନଙ୍କ ମୃତ୍ୟୁ ବାର୍ଷିକୀରୁ ଏକ୍ସ-ରେ ଆବିଷ୍କାର ତାରିଖକୁ ସ୍ଥାନାନ୍ତରିତ କରାଯିବା ଉଚିତ। ୨୮ ନଭେମ୍ବର ୨୦୧୧ରେ ଚିକାଗୋରେ ବାର୍ଷିକ ବୈଠକ ସମୟରେ ଏହା ଉପରେ ଆଲୋଚନା ହୋଇଥିଲା।

୮ ନଭେମ୍ବର ୧୮୯୫ରେ ୱିଲହେମ କୋନରାଡ ରୋଣ୍ଟଜେନ କ୍ୟାଥୋଡ ରଶ୍ମି ଅନୁସନ୍ଧାନ କରିବା ସମୟରେ ଏକ୍ସ-ରେ ଆବିଷ୍କାର କରିଥିଲେ ଏବଂ ରେଡିଓଲୋଜିର ଡାକ୍ତରୀ ଚିକିତ୍ସା ପାଇଁ ମୂଳଦୁଆ ପକାଇଲେ। ଏହି ଆବିଷ୍କାର ଇମେଜିଙ୍ଗର ବିଭିନ୍ନ ପଦ୍ଧତିକୁ ଅନ୍ତର୍ଭୁକ୍ତ କରି ଆଧୁନିକ ଚିକିତ୍ସାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବରେ ନିଜକୁ ପ୍ରତିଷ୍ଠିତ କରିବା ଆରମ୍ଭ କରିଥିଲା। ନଭେମ୍ବର ୮କୁ ଶେଷରେ ଉପଯୁକ୍ତ ଦିବସ ଭାବରେ ମନୋନୀତ କରାଯାଇଥିଲା, ଯାହାକି ସମଗ୍ର ବିଶ୍ୱରେ ରେଡିଓଲୋଜିକାଲ ସୋସାଇଟି ଦ୍ୱାରା ପାଳନ କରାଯାଉଛି। ପ୍ରତିବର୍ଷ ଏହି ଦିବସ ଏକ ନିର୍ଦ୍ଦିଷ୍ଟ ବାର୍ତ୍ତା ବହନ କରିଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ହେଉଛି ରୋଗୀଙ୍କର ନିରାପତ୍ତା ପାଳନ। ଏହି ବାର୍ତ୍ତା ସ୍ୱାସ୍ଥ୍ୟସେବା ପ୍ରଣାଳୀର ଦକ୍ଷତା ବଜାୟ ରଖିବା ଏବଂ ବିକିରଣ ସୁରକ୍ଷା ବାହାରେ ରୋଗୀର ନିରାପତ୍ତା ସୁନିଶ୍ଚିତ କରିବାରେ ବୃତ୍ତିଗତ ଭୂମିକା ଉପରେ ଗୁରୁତ୍ୱାରୋପ କରିଥାଏ।



# ୨ ସପ୍ତାହରେ ଚର୍ବି କମାଇଥିଲେ ସାରା

ମୁମ୍ବାଇ

ସାରା ଅଲି ଖାନ୍ ହେଉଛନ୍ତି ବଲିଉଡ୍‌ର ଜଣେ ଫିଟ୍ ଏବଂ ଗ୍ଲାମରସ୍ ଅଭିନେତ୍ରୀ। ସେ ନିଜକୁ ଫିଟ୍ ରଖିବାକୁ ବହୁ ପରିଶ୍ରମ କରିଥାନ୍ତି। ତେବେ ସେ ନିକଟରେ କହିଛନ୍ତି, ମଝିରେ ଥରେ ସେ ଛୁଟିରେ ଯିବା କାରଣରୁ ତାଙ୍କ ପେଟରେ ବହୁ ଚର୍ବି ହୋଇଯାଇଥିଲା। ହେଲେ ସେ ସେହି ଚର୍ବିକୁ ମାତ୍ର ୨ ସପ୍ତାହ ମଧ୍ୟରେ ହ୍ରାସ କରିବାରେ ସଫଳ ହୋଇଥିଲେ। ଏନେଇ ସାରା ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଷ୍ଟୋରି ଶେୟାର କରିଛନ୍ତି। ସେଥିରେ ସେ ତାଙ୍କର ୩ଟି ଭିନ୍ନ ଫଟୋ ଶେୟାର କରିଛନ୍ତି। ଗୋଟିଏରେ ତାଙ୍କ ଚର୍ବି ଥିବା ପେଟ ଦେଖିବାକୁ ମିଳୁଥିବାବେଳେ ଅନ୍ୟ ୨ଟିରେ ସେ ଲେହେଙ୍ଗାରେ ନଜରକୁ ଆସିଛନ୍ତି। ଯେଉଁଥିରେ ତାଙ୍କ ପେଟରେ ଚର୍ବି ନ ଥିବା ଦେଖିବାକୁ ମିଳିଥିଲା। ତାଙ୍କ ପେଟର ଚର୍ବି କମ୍ କରିବାକୁ ସାରା ଦୁଇ ଜଣଙ୍କୁ ଧନ୍ୟବାଦ ଦେଇଛନ୍ତି। ଗୋଟାଏ ସମୟରେ ସାରାଙ୍କ ଓଜନ ୯୬ କିଲୋ ଥିଲା। ସେ ନିଜର ଓଜନ ହ୍ରାସ କରିବା ପରେ ବଲିଉଡ୍‌ରେ ପ୍ରବେଶ କରିଥିଲେ। ସେ ୨୦୧୮ରେ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ଅନେକ ଫିଲ୍ମ କରିଛନ୍ତି। ଶେଷ ଥର ପାଇଁ ଫିଲ୍ମ 'ରକି ଅର ରାନୀ କି ପ୍ରେମ୍ କାହାନୀ'ରେ ଦେଖିବାକୁ ମିଳିଥିଲା। ଏବେ ତାଙ୍କ ହାତରେ ୩/୪ଟି ସିନେମା ରହିଛି, ଯେଉଁଥିରେ ସେ ବ୍ୟସ୍ତ ଅଛନ୍ତି।

# ୯୦ କେଜିର କୁମ୍ଭୀରକୁ ରାନ୍ଧି ଖାଇଲେ

ବେଜିଂ

ଚାଇନାର ନିଜକୁ ଫୁଡ୍ ବ୍ଲଗର କହୁଥିବା ଜଣେ ମହିଳା ନିକଟରେ ୯୦ କେଜି ଓଜନର ଏକ କୁମ୍ଭୀରକୁ ମାରି ଖାଉଥିବାର ଏକ ଭିଡିଓ ସାମ୍ନାକୁ ଆସିଛି। ତାଙ୍କର ଏହି ଭିଡିଓ ଚାଇନାରେ ପୂରା ବିବାଦର କାରଣ ହୋଇଛି। କାରଣ ଏଠାରେ କୁମ୍ଭୀରକୁ ବିନା ଲାଇସେନ୍ସରେ କେହି ଏମିତି ଖାଇପାରିବେନି। ଚୁ ନିଆଙ୍ଗ ସିଆଓ ହେ ନାମ୍ନୀ ଜଣେ ମହିଳା ଏନେଇ କହିଛନ୍ତି, ଏହି କୁମ୍ଭୀରକୁ କୃତ୍ରିମ ଉପାୟରେ ପାଳନ କରାଯାଇଛି। ଏହାର ଜୀବନ ସେମିତିରେ ହିଁ ଯାଇଥାନ୍ତା। ସେଥିପାଇଁ ସେ ଏହି ଭିଡିଓ କରିବାକୁ ତାକୁ ମାରିଥିବା କହିଛନ୍ତି।





# ମ୍ୟାକ୍ସି ମ୍ୟାଜିକ୍: ସେମିରେ ଅଷ୍ଟ୍ରେଲିଆ



ଦ୍ୱିଶତକ ହାସଲ ପରେ ଗ୍ଲେନ୍ ମ୍ୟାକ୍ସୱେଲ୍।

**ମୁମ୍ବାଇ, ୭।୧୧**

ଟାର୍ଗେଟ ଥିଲା ୨୯୨ ରନ। ମାତ୍ର ୯୧ ରନ ମଧ୍ୟରେ ଅଷ୍ଟ୍ରେଲିଆ ୭ ଉଇକେଟ ହରାଇ ପରାଜୟ ମୁହାଁ ହୋଇଥିଲା। ଏହି ସମୟରେ ଗ୍ଲେନ ମ୍ୟାକ୍ସୱେଲ ଖେଳିଥିଲେ ଅବିଶ୍ୱସନୀୟ ଇନିଂସ। କ୍ରାମ୍ପ ଜନିତ ଯନ୍ତ୍ରଣା ସତ୍ତ୍ୱେ ସେ କ୍ୟାରିୟରର ଶ୍ରେଷ୍ଠ ଇନିଂସ ଖେଳି ଦ୍ୱିଶତକ ହାସଲ କରିବା ସହ ଅଷ୍ଟ୍ରେଲିଆକୁ ଦେଇଥିଲେ ବଡ଼ ବିଜୟ। ଦିନିକିଆ କ୍ରିକେଟ ବିଶ୍ୱକପରେ ମଙ୍ଗଳବାର ଏପରି ଏକ ସ୍ମରଣୀୟ ମ୍ୟାଚର ମୁକସାକ୍ଷୀ ହୋଇଥିଲା ମୁମ୍ବାଇର ଇଡେନ ଗାର୍ଡେନ୍ସ। ମ୍ୟାକ୍ସୱେଲଙ୍କ ପ୍ରଥମ ଦ୍ୱିଶତକ ସହାୟତାରେ ଆଫଗାନିସ୍ତାନକୁ ୩ ଉଇକେଟରେ ପରାସ୍ତ କରିଥିଲା ଅଷ୍ଟ୍ରେଲିଆ। ଇବ୍ରାହିମ ଜଦ୍ରାନଙ୍କ ଶତକ ସହାୟତାରେ ଆଫଗାନିସ୍ତାନ ୫୦ ଓଭରରେ ୫ ଉଇକେଟ ହରାଇ ୨୯୧ ରନ କରିଥିଲା। ଅଷ୍ଟ୍ରେଲିଆ ୪୬.୫ ଓଭରରେ ୭ ଉଇକେଟ ହରାଇ ୨୯୩ ରନ ସଂଗ୍ରହ କରି ନେଇଥିଲା। ଏଥିସହ ତୃତୀୟ ଦଳଭାବେ ଅଷ୍ଟ୍ରେଲିଆ ସେମିଫାଇନାଲରେ ପ୍ରବେଶ କରିଥିଲା। ଅଷ୍ଟ୍ରେଲିଆ ୮ ମ୍ୟାଚରୁ ୬ ବିଜୟ ସହ ୧୨ ପଏଣ୍ଟ ପାଇ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

## ଜଦ୍ରାନଙ୍କ ରେକର୍ଡ

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଆଫଗାନିସ୍ତାନର ଟପ୍ ଅର୍ଡର ଭଲ ପ୍ରଦର୍ଶନ କରିଥିଲା। ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ଯଦିଓ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ ତେବେ ଇବ୍ରାହିମ୍ ଜଦ୍ରାନଙ୍କ ପ୍ରଥମ ବିଶ୍ୱକପ ଶତକ ଦଳକୁ ସମ୍ମାନ ଜନକ ସ୍କୋରରେ ପହଞ୍ଚାଇଥିଲା। ଓପନିଂ ଯୋଡ଼ିରେ ୩୮ ରନ ଯୋଗ ହେବାପରେ ରମାତୁଲ୍ଲା ଗୁରବାଜ (୨୧ ରନ)ଙ୍କୁ ଆଉଟ କରି ଜୋଶ୍ ହାଜେଲଉଡ୍ ପ୍ରଥମ ଉଇକେଟ ପାଇଥିଲେ। ଗୋଟିଏ ପଟରେ ଜଦ୍ରାନ ସତର୍କତାର ସହ ବ୍ୟାଟିଂ କରି ଇନିଂସକୁ ଆଗେଇ ନେଇଥିବାବେଳେ ଅନ୍ୟପଟରେ ବ୍ୟାଟରମାନେ ଭଲ ଆରମ୍ଭ ସତ୍ତ୍ୱେ ତାହାର ସଦୁପଯୋଗ କରିପାରି ନ ଥିଲେ। ଫଳରେ ବଡ଼ ପାର୍ଟନରଶିପ୍ ହୋଇପାରି ନ ଥିଲା। ରହମଦ ଶାହା ୩୦, ଅଧିନାୟକ ହସମତୁଲ୍ଲା ଶାହିଦି ୨୬, ଅଜମତୁଲ୍ଲା ଓମାରଜାଇ ୨୨ ଓ ମହମ୍ମଦ ନବି ୧୨ ରନକରି ଆଉଟ ହୋଇଥିଲେ। ଜଦ୍ରାନ କିନ୍ତୁ ଖେଳିଥିଲେ କ୍ୟାରିୟରର ଶ୍ରେଷ୍ଠ ଇନିଂସ। ସେ ୧୨୯ ରନରେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ଆଫଗାନିସ୍ତାନ ସ୍କୋରକୁ ୨୯୧ରେ ପହଞ୍ଚାଇବାରେ ବଡ଼ ଭୂମିକା ନିର୍ବାହ କରିଥିଲେ। ୧୪୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଜଦ୍ରାନ ନିଜ ଇନିଂସ ମଧ୍ୟରେ ୮ ଚୌକା ଓ ୩ ଛକା ମାରିଥିଲେ। ଜଦ୍ରାନ ଓ ରହମଦ ଶାହା ଦ୍ୱିତୀୟ ଉଇକେଟରେ ସର୍ବାଧିକ ୮୩ ରନର ପାର୍ଟନରଶିପ କରିଥିଲେ। ରଶିଦ୍ ଖାଁ ୧୮ ବଲ୍‌ରୁ ଦ୍ରୁତ ୩୫ (୨ ଚୌକା, ୩ ଛକା) ରନକରି ଅପରାଜିତ ରହିବାରୁ ଅସମାପ୍ତ ୬ଷ୍ଠ ଉଇକେଟରେ ୨୮ ବଲ୍‌ରୁ ୫୮ ରନର ଭାଗୀଦାରି ଆଫଗାନିସ୍ତାନକୁ ୩୦୦ ସ୍କୋରର ନିକଟତର କରାଇଥିଲା। ଶେଷ ୧୦ ଓଭରରେ ଏହି ଦଳ ୨ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଥିଲା। ଆଫଗାନିସ୍ତାନର ପ୍ରଥମ ଖେଳାଳିଭାବେ ବିଶ୍ୱକପରେ ଶତକ ହାସଲ କରିବାର ଗୌରବ ଅର୍ଜନ କରିଥିଲେ ଜଦ୍ରାନ। ଏହା ବ୍ୟତୀତ ବିଶ୍ୱକପ ଶତକରେ ସେ ହୋଇଥିଲେ ୪ର୍ଥ ସର୍ବକନିଷ୍ଠ ଖେଳାଳି। ୨୯୧ ରନ ହେଉଛି ବିଶ୍ୱକପରେ ଆଫଗାନିସ୍ତାନର ସର୍ବାଧିକ ସ୍କୋର। ପୂର୍ବରୁ ୨୦୧୯ରେ ଲିଡ୍ସଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ କରିଥିବା ୨୮୮ ରନ ଏପର୍ଯ୍ୟନ୍ତ ସର୍ବାଧିକ ହୋଇ ରହିଥିଲା। ଅଷ୍ଟ୍ରେଲିଆ ବିପକ୍ଷରେ ଆଫଗାନିସ୍ତାନ ବ୍ୟାଟ୍ସମ୍ୟାନମାନେ ୯ଟି ଛକା ମାରିଥିଲେ। ଯାହାକି ଦଳପାଇଁ ମଧ୍ୟ ଏକ ରେକର୍ଡ। ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ୍ ହାଜେଲଉଡ୍ ୨ଟି ଏବଂ ମିଚେଲ ଷ୍ଟାର୍କ, ଗ୍ଲେନ ମ୍ୟାକ୍ସୱେଲ ଓ ଆଡାମ ଜାମ୍ପା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ୱାଙ୍ଖେଡେ ପିଚ୍ କଣ୍ଡିଶନରୁ ଫାଇଦା ଉଠାଇ ଆଫଗାନିସ୍ତାନ ବୋଲରମାନେ ଆରମ୍ଭରୁ ଚମତ୍କାର ବୋଲିଂ କରିଥିଲେ। ତାରକା ସ୍ପିନର ମୁଜିବ ଉର୍ ରହମନ ଆରମ୍ଭ କରିଥିଲେ ଅଭିଯାନ। ୨୯୨ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆକୁ ଦ୍ୱିତୀୟ ଓଭରରେ ଶକ୍ତ ଝଟ୍‌କା ଦେଇଥିଲେ ନବୀନ-ଉଲ-ହକ୍। ସେ ନିଜ ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ ଟ୍ରାଭିସ ହେଡ୍‌ଙ୍କୁ ଆଉଟ କରିଥିଲେ। ହେଡ୍ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ମୁହାଁ ହୋଇଥିଲେ। ଅଷ୍ଟ୍ରେଲିଆର ବିପର୍ଯ୍ୟୟ ଏତିକିରୁ ସରି ନ ଥିଲା। ଭଲ ଆରମ୍ଭ କରିଥିବା ମିଚେଶ ମାର୍ଶଙ୍କୁ ନବୀନ ନିଜ ଦ୍ୱିତୀୟ ଶିକାର ବନାଇଥିବାବେଳେ ୯ମ ଓଭରରେ ଡେଭିଡ ୱାର୍ନର ଓ ଜୋଶ୍ ଇଂଲିଶ୍‌ଙ୍କୁ ଆଉଟ କରି ଅଷ୍ଟ୍ରେଲିଆ ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ ଆଜମତୁଲ୍ଲା ଓମାରଜାଇ। ମିଡିଲ ଅର୍ଡରରେ କେବଳ ଗ୍ଲେନ ମ୍ୟାକ୍ସୱେଲ ଆଫଗାନ ବୋଲରଙ୍କୁ ମୁକାବିଲା କରିବାରେ ସକ୍ଷମ ହୋଇଥିଲେ ହେଁ ଅନ୍ୟମାନଙ୍କ ବିଫଳତା ଯୋଗୁ ଅଷ୍ଟ୍ରେଲିଆ ପରାଜୟ ମୁହାଁ ହୋଇଥିଲା। ମାର୍କୁସ ଷ୍ଟୋଇନିସ ଓ ମିଚେଲ ଷ୍ଟାର୍କ ଏକଅଙ୍କରେ ବିଦାୟ ନେଇଥିଲେ। ମାତ୍ର ଦମ୍‌ଦାର ପ୍ରଦର୍ଶନ କରି ହୃଦୟ ଜିତିଥିଲେ ମ୍ୟାକ୍ସୱେଲ। ସେ ଦ୍ରୁତ ହାରରେ ରନ ସଂଗ୍ରହ କରି ଶତକ ହାସଲ କରିବା ସହ ମ୍ୟାଚର ମୋଡ଼ ବଦଳାଇ ଦେଇଥିଲେ। ମାତ୍ର ଦୁର୍ଭାଗ୍ୟଜନକଭାବେ ସେ ମାଂସପେଶୀ ଟାଣି ଧରିବା ଜନିତ ସମସ୍ୟାକୁ ଆସିଯାଇଥିଲେ। ଯନ୍ତ୍ରଣା ବଢ଼ିବାରୁ ତାଙ୍କୁ ଏକାଧିକଥରୁ ଚିକିତ୍ସାର ଆବଶ୍ୟକ ପଡ଼ିଥିଲା। ମ୍ୟାକ୍ସୱେଲ ଓ ପ୍ୟାଟ କମିନ୍ସଙ୍କ ୮ମ ଉଇକେଟ ଯୋଡ଼ିରେ ୨୦୨ ରନ ସଂଗ୍ରହ ହୋଇଥିଲା। ଏଥିରେ ମ୍ୟାକ୍ସୱେଲଙ୍କ ଅବଦାନ ଥିଲା ୧୭୯ ରନ। କ୍ୟାରିୟରରେ ପ୍ରଥମଥରପାଇଁ ଦ୍ୱିଶତକ ହାସଲ କରିଥିବା ମ୍ୟାକ୍ସୱେଲ ୧୨୮ଟି ବଲ୍‌ର ସମ୍ମୁଖୀନ ହୋଇ ୨୦୧ (୨୧ ଚୌକା, ୧୦ ଛକା) ରନରେ ଅପରାଜିତ ରହିଥିଲେ। ଏହା ମଧ୍ୟରେ ସେ ମାରିଥିଲେ ୨୧ ଚୌକା ଓ ୧୦ ଛକା। ଆଫଗାନିସ୍ତାନ ବୋଲରଙ୍କ ମଧ୍ୟରେ ନବୀନ ଉଲ୍ ହକ୍, ଅବଦୁଲ୍ଲା ଓମାରଜାଇ ଓ ରଶିଦ ଖାଁ ୨ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୫୦ ଓଭରରେ ୨୯୧/୫ (ଇବ୍ରାହିମ ଜଦ୍ରାନ-୧୨୯*, ରଶିଦ ଖାଁ-୩୫*, ଜୋଶ୍ ହାଜେଲଉଡ୍-୨/୩୯, ମିଚେଲ ଷ୍ଟାର୍କ-୧/୭୦, ଗ୍ଲେନ ମ୍ୟାକ୍ସୱେଲ-୧/୫୫, ଆଡାମ ଜାମ୍ପା-୧/୫୮)। ଅଷ୍ଟ୍ରେଲିଆ ୪୬.୫ ଓଭରରେ ୨୯୩/୭ (ଗ୍ଲେନ ମ୍ୟାକ୍ସୱେଲ-୨୦୧*, ମିଚେଲ ମାର୍ଶ-୨୪, ନବୀନ ଉଲ୍ ହକ୍-୨/୪୭, ଅବଦୁଲ୍ଲା ଓମାରଜାଇ-୨/୫୨, ରଶିଦ ଖାଁ-୨/୪୪)।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଇଂଲଣ୍ଡ ବନାମ ନେଦରଲାଣ୍ଡ୍ସ**

**ସ୍ଥାନ: ପୁଣେ,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**



ଇବ୍ରାହିମ ଜଦ୍ରାନ

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୮ | ୮ | ୦ | ୧୬ | +୨.୪୫୬ |
| ଦକ୍ଷିଣ ଆଫ୍ରିକା | ୮ | ୬ | ୨ | ୧୨ | +୧.୩୭୬ |
| ଅଷ୍ଟ୍ରେଲିଆ | ୮ | ୬ | ୨ | ୧୨ | +୦.୮୬୧ |
| ନ୍ୟୁଜିଲାଣ୍ଡ | ୮ | ୪ | ୪ | ୮ | +୦.୩୯୮ |
| ପାକିସ୍ତାନ | ୮ | ୪ | ୪ | ୮ | +୦.୦୩୬ |
| ଆଫଗାନିସ୍ତାନ | ୮ | ୪ | ୪ | ୮ | -୦.୩୩୮ |
| ବାଂଲାଦେଶ | ୮ | ୨ | ୬ | ୪ | -୧.୧୪୨ |
| ଶ୍ରୀଲଙ୍କା | ୮ | ୨ | ୬ | ୪ | -୧.୧୬୦ |
| ନେଦରଲାଣ୍ଡ୍ସ | ୭ | ୨ | ୫ | ୪ | -୧.୩୯୮ |
| ଇଂଲଣ୍ଡ | ୭ | ୧ | ୬ | ୨ | -୧.୫୦୪ |

# ଫାଇନାଲରେ ଖୋ ଖୋ ଦଳ

**ଜାତୀୟ କ୍ରୀଡ଼ା**

**କାନୋଇଂ ଓ କାୟାକିଂରେ ଆଉ ୨ ପଦକ**

**ଭୁବନେଶ୍ୱର,୭।୧୧**
**(ସରୋଜ ଜେନା)**

ଗୋଆରେ ଅନୁଷ୍ଠିତ ୩୭ ତମ ଜାତୀୟ କ୍ରୀଡାରେ ଓଡ଼ିଶା ଖେଳାଳିଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ମଙ୍ଗଳବାର କାନୋଇଂ ଓ କାୟାକିଂରେ ଓଡ଼ିଶା ଖେଳାଳି ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହା ସହିତ ଉଭୟ ପୁରୁଷ ଓ ମହିଳା ଖୋ ଖୋ ଦଳ ଫାଇନାଲରେ ପହଞ୍ଚି ଆହୁରି ଦୁଇଟି ପଦକ ନିଶ୍ଚିନ୍ତ କରିଛନ୍ତି। କାନୋଇଂ ଓ କାୟାକିଂର କେ-୧ ଇଭେଣ୍ଟର ଉଭୟ ପୁରୁଷ ଓ ମହିଳା ବର୍ଗରେ ଓଡ଼ିଶା ଗୋଟିଏ ଲେଖାଏ ପଦକ ହାସଲ କରିଛନ୍ତି। ୨୦୦ମିଟର କେ-୧ରେ ପୁରୁଷ ଦଳ ଏକ ରୌପ୍ୟ ପଦକ ଓ ମହିଳା ଦଳ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହାକୁ ମିଶାଇ କାନୋଇଂ ଓ କାୟାକିଂରେ ଓଡ଼ିଶା ସମୁଦାୟ ୯ ପଦକ ହାସଲ କରିଛି। ଏହା ମଧ୍ୟରେ ୧ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ହାସଲ କରିଛି। ଦେଶବ୍ୟାପୀ ଅଂଶଗ୍ରହଣ କରିଥିବା କାନୋଇଂ ଓ କାୟାକିଂ ଦଳ ମାନଙ୍କ ମଧ୍ୟରେ ଓଡ଼ିଶା ୪ର୍ଥ ସ୍ଥାନରେ ରହିଛି।

ଖୋ ଖୋରେ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ଫାଇନାଲରେ ପ୍ରବେଶ କରିଛି। ମହିଳା ଦଳ କେରଳକୁ ପରାସ୍ତ କରିଥିବା ବେଳେ ପୁରୁଷ ଦଳ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଥିଲା। ଉଭୟ ଦଳ ଫାଇନାଲରେ ମହାରାଷ୍ଟ୍ରକୁ ଭେଟିବ। ଉଭୟ ପୁରୁଷ ଓ ମହିଳା ଦଳ ଚମତ୍କାର ପ୍ରଦର୍ଶନ କରିଛନ୍ତି ବୋଲି କହିଛନ୍ତି ଓଡ଼ିଶା ଖୋ ଖୋ ଦଳର କୋଚ୍ ସଞ୍ଜୀବ ଶର୍ମା। ଉଭୟ ଦଳ ବର୍ତ୍ତମାନ ଅପରାଜେୟ ରହିଛନ୍ତି। ତେବେ ମହାରାଷ୍ଟ୍ର ଏକ ଶକ୍ତିଶାଳୀ ଦଳ ହୋଇଥିବାରୁ ଆମକୁ ସତର୍କତାର ସହ ଖେଳିବାକୁ ପଡିବ ବୋଲି ସଞ୍ଜୀବ କହିଛନ୍ତି। ବିଜୟକୁ ନେଇ ଚିନ୍ତା ନ କରି ଦଳ ଆରାମରେ ଫାଇନାଲ ଖେଳିବା ଉଚିତ ବୋଲି ସେ ମତ ଦେଇଛନ୍ତି।

ମହାରାଷ୍ଟ୍ରରେ କ୍ଲବ ସର୍କିଟରେ ଖୋ ଖୋ ଏକ ଲୋକପ୍ରିୟ ଖେଳ ହୋଇଥିବାରୁ ଏହା ସେମାନଙ୍କ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି କରିବ। ତେବେ ଫଳାଫଳକୁ ନେଇ ଚିନ୍ତିତ ନ ହୋଇ ଖେଳାଳି ମାନେ ପ୍ରଦର୍ଶନ କରିବା ଉଚିତ ବୋଲି କୋଚ୍ କହିଛନ୍ତି।



ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାର ମହିଳା ଖୋ ଖୋ ସେମିଫାଇନାଲରେ ଓଡ଼ିଶା ଓ କେରଳ ମଧ୍ୟରେ ମୁକାବିଲା।

# ବିଶ୍ୱକପ୍‌ରୁ ଶାକିବ ବାଦ୍

**ନୂଆଦିଲ୍ଲୀ,୭।୧୧(ପି.ଟି.)**

ବିଶ୍ୱକପ୍‌ରେ ବାଂଲାଦେଶକୁ ଲାଗିଛି ବଡ ଝଟକା। ଅଧିନାୟକ ଶାକିବ ଅଲ ହସନ ଆହତ ହୋଇ ଟୁର୍ନାମେଣ୍ଟରୁ ବାଦ୍ ପଡିଛନ୍ତି। ବାଂଲାଦେଶ ଏହି ଟୁର୍ନାମେଣ୍ଟରୁ ବାଦ୍ ପଡିଥିବା ବେଳେ ଏହାର ଶେଷ ମ୍ୟାଚ୍ ଅଷ୍ଟ୍ରେଲିଆ ବିପକ୍ଷରେ ରହିଛି। ଏହି ମ୍ୟାଚ୍‌ରୁ ଶାକିବ୍ ବାଦ୍ ପଡିଛନ୍ତି। ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ବ୍ୟାଟିଂ କରୁଥିବା ସମୟରେ ଶାକିବଙ୍କ ବାମ ହାତର ବୁଢା ଆଙ୍ଗୁଠିରେ ବଲ୍ ବାଜିଥିଲା। ଏଥିରେ ଆଙ୍ଗୁଠି ଭାଙ୍ଗି ଯାଇଥିବା ବେଳେ ସେ ଆସନ୍ତା ୩-୪ ସପ୍ତାହ କ୍ରିକେଟରୁ ଦୂରରେ ରହିବେ। ମଙ୍ଗଳବାର ଦଳର ଫିଜିଓ ବାୟେଜେଦୁଲ ଇସଲାମ ଖାନ ଏହାକୁ ନେଇ ଅପଡେଟ୍ ପ୍ରଦାନ କରିଥିବା ବେଳେ ରିହାବ ପାଇଁ ଶାକିବ ବର୍ତ୍ତମାନ ବାଂଲାଦେଶ ପ୍ରତ୍ୟାବର୍ତ୍ତନ କରିଥିବା ଜଣାଇଛନ୍ତି। ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ସୋମବାର ମ୍ୟାଚ୍ ପରେ ଶାକିବଙ୍କୁ ଏକ୍ସ-ରେ ପାଇଁ ନିଆଯାଇଥିଲା। ଏଥିରେ ତାଙ୍କ ଆଙ୍ଗୁଠି ଭାଙ୍ଗିଥିବା ସ୍ପଷ୍ଟ ହୋଇଥିଲା। ସୋମବାର ଶାକିବ ନିଜ ନିଷ୍ପତ୍ତି ପାଇଁ ସମ୍ପୂର୍ଣ୍ଣ ମ୍ୟାଚ୍‌ର ସେଣ୍ଟର ଅଫ ଆଟ୍ରାକ୍ସନ ରହିଥିଲେ। ମାଥ୍ୟୁସଙ୍କୁ ଟାଇମ୍ ଆଉଟ୍ କରିବା ସହିତ ସେ ବୋଲିଂରେ ଦୁଇଟି ଉଇକେଟ ନେଇଥିଲେ। ଏହା ସହ ବ୍ୟାଟିଂରେ ୮୨ ରନ୍ କରି ସେ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ।

# ଭାରତ ଶ୍ରେଷ୍ଠ ୬ଷ୍ଠ ସ୍ଥାନକୁ ଫେରିଲା



ଭାରତୀୟ ମହିଳା ହକି ଦଳ।

**ମହିଳା ହକି ର୍‍ୟାଙ୍କିଙ୍ଗ**

**ନୂଆଦିଲ୍ଲୀ, ୭।୧୧(ପି.ଟି.)**

ନିକଟରେ ଅନୁଷ୍ଠିତ ଏସିଆନ ଚାମ୍ପିୟନ୍ସ ଟ୍ରଫି ଓ ହାଙ୍ଗଝୋ ଏସିଆନ ଗେମ୍ସରେ ପ୍ରଭାବୀ ପ୍ରଦର୍ଶନ ପରେ ଭାରତୀୟ ମହିଳା ହକି ଦଳ ବିଶ୍ୱ ର୍‍ୟାଙ୍କିଙ୍ଗ ତାଲିକାରେ ଏହାର ଶ୍ରେଷ୍ଠ ୬ଷ୍ଠ ସ୍ଥାନ ପୁନଃ ଦଖଲ କରିବାରେ ସମର୍ଥ ହୋଇଛି। ଭାରତ ବର୍ତ୍ତମାନ ୨୩୬୮.୮୩ ରେଟିଂ ପଏଣ୍ଟ ସହ ଇଂଲଣ୍ଡ ଆଗରେ ୬ଷ୍ଠ ସ୍ଥାନରେ ରହିଛି। ଏସିଆନ ଗେମ୍ସ ପୂର୍ବରୁ ଭାରତ ୮ମ ସ୍ଥାନରେ ରହିଥିଲା। କିନ୍ତୁ ଦଳ ମହାଦେଶୀୟ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ରାଞ୍ଚିରେ ଅପରାଜେୟ ରହିବା ସହ ଏସିଆନ ଚାମ୍ପିୟନ୍ସ ଟ୍ରଫି ଟାଇଟଲ ହାସଲ କରିବା ଦ୍ୱାରା ଏହାର ଶ୍ରେଷ୍ଠ ବିଶ୍ୱ ର୍‍ୟାଙ୍କିଙ୍ଗ୍‌କୁ ଫେରିଥିଲା। ପୂର୍ବରୁ ଦଳକୁ ଏହି ସଫଳତା ଗତବର୍ଷ ଜୁନ୍‌ରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ମିଳିଥିଲା। ଅନ୍ୟପକ୍ଷରେ ନେଦରଲାଣ୍ଡ୍ସ ବିଶ୍ୱର ଶ୍ରେଷ୍ଠ ଦଳ ଭାବେ ୩୪୨୨.୪୦ ପଏଣ୍ଟ ସହ ପୂର୍ବ ଭଳି ପ୍ରଥମ ସ୍ଥାନରେ ରହିଥିବା ବେଳେ ଅଷ୍ଟ୍ରେଲିଆ (୨୮୧୭.୭୩ ପଏଣ୍ଟ) ଓ ଆର୍ଜେଣ୍ଟିନା (୨୭୬୬.୯୦ ପଏଣ୍ଟ) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ଭାରତ ଉପରକୁ ଥିବା ଅନ୍ୟ ଦୁଇ ଦଳ ବେଲଜିୟମ(୨୬୦୮.୭୭ ପଏଣ୍ଟ) ଚତୁର୍ଥ ଓ ଜର୍ମାନୀ (୨୫୬୩.୬୨ ପଏଣ୍ଟ) ପଞ୍ଚମରେ ରହିଛନ୍ତି। ରାଞ୍ଚିରେ ଜାନୁୟାରୀ ୧୩ରୁ ୧୯ ପର୍ଯ୍ୟନ୍ତ ହେବାକୁଥିବା ଏଫ୍‌ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟର୍ସ ପୂର୍ବରୁ ବିଶ୍ୱ ର୍‍ୟାଙ୍କିଙ୍ଗରେ ଉନ୍ନତି ଭାରତର ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ। ଆସନ୍ତାବର୍ଷର ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ ପାଇଁ ଅନୁଷ୍ଠିତ ହେବାକୁଥିବା ପ୍ରତିଯୋଗିତାରେ ଜର୍ମାନୀ, ନ୍ୟୁଜିଲାଣ୍ଡ, ଜାପାନ, ଚିଲି, ଯୁକ୍ତରାଷ୍ଟ୍ର ଆମେରିକା, ଇଟାଲୀ ଓ ଚେକ୍ ରିପବ୍ଲିକ ସହ ମୁକାବିଲା କରିବାକୁ ହେବ।

# ଅବସରକୁ ନେଇ ନିଷ୍ପତ୍ତି ନେଇ ନାହିଁ: ଛେତ୍ରୀ

**ନୂଆଦିଲ୍ଲୀ,୭।୧୧(ପି.ଟି.)**

ବର୍ତ୍ତମାନ ଅବସର ସମ୍ପର୍କରେ କୌଣସି ନିଷ୍ପତ୍ତି ନେଇ ନ ଥିବା କହିଛନ୍ତି ଭାରତୀୟ ଫୁଟବଲ ଦଳର ଅଧିନାୟକ ସୁନୀଲ ଛେତ୍ରୀ। ସେ ବର୍ତ୍ତମାନ ନିଜ କ୍ୟାରିୟରର ବୋନସ ପିରିୟଡରେ ରହିଥିବା ନେଇ କହିଛନ୍ତି ଛେତ୍ରୀ। ଚଳିତ ମାସରେ ଭାରତ ଏହାର ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳିବ। ଫୁଟବଲ ଖେଳିବା ମୋତେ ଖୁସି ପ୍ରଦାନ କରିଥାଏ ତେଣୁ ମୁଁ ବର୍ତ୍ତମାନ ଯାଏ ସକ୍ରିୟ ରହିଛି। ପଡିଆରେ ମୋ ସମୟକୁ ଉପଭୋଗ କରୁଥିଲେ ମଧ୍ୟ ଏହା ବୋନସ ବୋଲି ମୁଁ ଜାଣିଛି। କ୍ୟାରିୟର କେବେ ଶେଷ ହେବ ସେ ନେଇ ମୁଁ ମଧ୍ୟ କିଛି ନିଷ୍ପତ୍ତି ନେଇ ନାହିଁ ବୋଲି କହିଛନ୍ତି ଛେତ୍ରୀ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ







**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers:** SAMBALPUR: KISHORE TVS: 9778371171, BOLANGIR: RAJALAXMI TVS: 8260437538, BARGARH: SHUBHAMM TVS: 8860625628, ROURKELA: UNIQUE TVS: 8114372182, 8114372181, GURU GOBIND TVS: 9776280601, 9437203299, JHARSUGUDA: GUNNU TVS: 8586977624, SONEPUR: MINERVA TVS: 6370700730, 6370700732, BHAWANIPATNA: RAAJ RAJESWARI TVS: 7682809880; JUNAGARH: MAA BANJARI TVS: 9437939586, 7978323005. **Authorised Dealers:** Brajrajnagar: 9937077883, Deogarh: 9437392892, Modipara: 9337016000, Bamra: 9668005302, Kuchinda: 9777189689, Kantapali: 9437096134, Dhama: 7735079641, Rairakhol: 9937503010, Patnagarh: 9938621078, Raj Khariar: 9439144433, Kantabanji: 8596980487, Gaisilat: 7683848645, Saintala: 9861471371, Bangamunda: 9937526500, Tusura: 9437890955, Udanbandh: 9437626855, Lathor: 7008086417, Titlagarh: 9776516666, Belpara: 7008771977, Belpahar: 8249880971, Bandhbahal: 9439810542, Nuapara: 9938098888, Baragarh: 9938739550, Attabira: 9583558398, Paikamal: 9938119999, Bheden: 7008822177, Godbagha: 9438043220, Diptipur: 9937119913, Padampur: 8018570957, Jagadalpur: 7974013864, Dungripally: 9937926986, Kantamal: 7008225996, Birmaharajpur: 8018860710, Narla: 9437707650, Kesinga: 9437625573, Charbahal: 9178236679, M. Rampur: 9078855864, Sinapali: 9937906526, Laikera: 9938465363, Bagdehi: 9438736989, Rajgangpur: 9437172724, Kutra: 6370578102, Bonai: 9124187787.

dentsu/dha sam/05/23